# ପଞ୍ଜରା

ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ
ଏପ୍ରିଲ - ସେପ୍ଟେମ୍ବର ୨୦୨୬



ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

The Panchara

# ପଞ୍ଚରା

ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

A half - yearly Odia folk literary research journal.

ସତ୍ୟମେବେଶ୍ୱରୋ ଲୋକେ ସତ୍ୟେ ଧର୍ମଃ ସଦାଶ୍ରିତ ।
ସତ୍ୟମୂଲନି ସର୍ବାଣି ସତ୍ୟାନ୍ନାସ୍ତି ପରଂ ପଦମ ।।
"ଜଗତରେ ସତ୍ୟ ହିଁ ଏକମାତ୍ର ଈଶ୍ୱର ; ଧର୍ମ ମଧ୍ୟ ସତ୍ୟ ଉପରେ ନିର୍ଭର କରେ ; ସତ୍ୟ ସମସ୍ତ ଅସ୍ଥିତ୍ୱ
ଏବଂ ସମୃଦ୍ଧିର ମୂଳ ; ସତ୍ୟଠାରୁ ବଡ଼କିଛି ନାହିଁ ।"
୧୩ ଶ୍ଳୋକ ,୧୦୯ ସର୍ଗ
ବାଲ୍ମୀକି ରାମାୟଣ ଅଯୋଧ୍ୟା କାଣ୍ଡ

ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ
ଏପ୍ରିଲ - ସେପ୍ଟେମ୍ବର ୨୦୨୬

Volume No - 01, Issue No - 01
April - September 2026

ସମ୍ପାଦକ ଓ ପ୍ରକାଶକ
ସୁବାସ ଚନ୍ଦ୍ର ଭୋଇ

Editor & Publisher
Subash Chandra Bhoi

ଯୋଗାଯୋଗ ଠିକଣା
ସୁବାସ ଚନ୍ଦ୍ର ଭୋଇ
ଗ୍ରାମ- ସାହୁପଡ଼ା, ପୋ.ଅ.- ମନୁପାଲି, ଜିଲ୍ଲା- ବୌଦ୍ଧ
ପିନ୍ - ୭୬୨୦୧୫
Communication Adress
Subash Chandra Bhoi
At - Sahupada, PO- Manupali, Dist- Boudh
Pin - 762015
Contact Mail I'D - Pancharamagazine@gmail.com
Website - pancharamagazine.com

Scan this QR code to submit your research article.

The Panchara
ପଞ୍ଚରା
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

Scan this QR code to visit our website.


## ABOUT US

1. Panchara is a half- yearly folk literary research journal.
2. Only original research articles related to folk literature and folk culture will be published in it.
3. In addition, there will be interviews with researchers and critics involved in folk literature and folk culture research, and reviews of books related to the subject.
4. Articles published elsewhere will not be accepted.
5. Panchara does not charge any fee for publishing articles.
6. Since the journal is halfyearly, wait for at least two issues after sending your article.

## Rules for submitting articles-

1. The article must be prepared in Kalinga font using Microsoft Word.
2. The author will provide an abstract of the article in 150-200 words and 5-7 keywords related to the article.
3. The length of the entire article should be limited to 5-7 pages.
4. References used during the preparation of the article should be prepared in MLA style.
5. Submit the article prepared based on the above guidelines and fill in the acknowledgement letter prepared by the journal and send its scanned copy to us.

## ଆମ ବିଷୟରେ

୧. ପଞ୍ଚରା ଏକ ଷାଣ୍ମାସିକ ଲୋକସାହିତ୍ୟଧର୍ମୀ ଗବେଷଣାମୂଳକ ପତ୍ରିକା ।
୨. ଏଥିରେ କେବଳ ଲୋକସାହିତ୍ୟ ଓ ଲୋକ ସଂସ୍କୃତି ସମ୍ପର୍କିତ ମୌଳିକ ଗବେଷଣାମୂଳକ ଆଲେଖ୍ୟ ପ୍ରକାଶ ପାଇବ।
୩. ଏତଦ ବ୍ୟତୀତ ଲୋକସାହିତ୍ୟ ଓ ଲୋକ ସଂସ୍କୃତି ସହ ଜଡ଼ିତ ଗବେଷକ ତଥା ବ୍ୟକ୍ତିଙ୍କ ସାକ୍ଷାତକାର ଏବଂ ବିଷୟ ସଂଶ୍ଳିଷ୍ଟ ପୁସ୍ତକର ସମୀକ୍ଷା ସ୍ଥାନ ପାଇବ ।
୪. ଅନ୍ୟତ୍ର ପ୍ରକାଶିତ ଲେଖା ଗ୍ରହଣୀୟ ହେବନାହିଁ ।
୫. ଲେଖା ପ୍ରକାଶନ ପାଇଁ ପଞ୍ଚରା କୌଣସି ଦେୟ ଗ୍ରହଣ କରେନାହିଁ ।
୬. ପତ୍ରିକାଟି ଷାଣ୍ମାସିକ ହୋଇଥିବାରୁ ଆପଣ ଲେଖା ପ୍ରେରଣ କଲାପରେ ସର୍ବନିମ୍ନ ଦୁଇଟି ସଂଖ୍ୟା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।

## ଲେଖା ପ୍ରେରଣର ନିୟମ

୧. ଲେଖାଟି ମାଇକ୍ରୋସଫ୍ଟ ୱାର୍ଡ ମାଧ୍ୟମରେ କଳିଙ୍ଗ ଫଣ୍ଟରେ ପ୍ରସ୍ତୁତ ହୋଇଥିବା ବିଧେୟ ।
୨. ଲେଖା ସହ ଲେଖାର ସାରାଂଶ ( Abstract ) ୨୦୦ - ୨୫୦ ଶବ୍ଦ ଭିତରେ ଓ ଲେଖା ସହ ଜଡ଼ିତ ୫-୭ଟି ମୂଳଶବ୍ଦ ଲେଖକ ପ୍ରଦାନ କରିବେ ।
୩. ସମ୍ପୂର୍ଣ୍ଣ ଲେଖାର କଳେବର ୫-୭ ପୃଷ୍ଠା ମଧ୍ୟରେ ସୀମିତ ହେବା ଉଚିତ ।
୪. ଲେଖା ପ୍ରସ୍ତୁତି ସମୟରେ ବ୍ୟବହୃତ ସହାୟିକା (ରେଫରେନ୍ସ) MLA କିମ୍ବା APA ଶୈଳୀରେ ପ୍ରସ୍ତୁତ ହୋଇଥିବା ବିଧେୟ ।
୫. ଉପରୋକ୍ତ ମାର୍ଗଦର୍ଶିକା ଆଧାରରେ ପ୍ରସ୍ତୁତ ଲେଖାକୁ ପ୍ରେରଣ କରିବା ସହ ପତ୍ରିକା ପକ୍ଷରୁ ପ୍ରସ୍ତୁତ ସ୍ୱୀକାରୋକ୍ତି ପତ୍ର ପୂରଣ କରି ତାହାର ସ୍କାନ କପି ଆମକୁ ପଠାନ୍ତୁ ।

ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ସଂପାଦନା ମଣ୍ଡଳୀ
# *Editorial Board*

ଆଲିଶ କୁମାର କର୍ଣ୍ଣ
ଗବେଷକ
ବିଶ୍ୱଭାରତୀ, ଶାନ୍ତିନିକେତନ

**Alish Kumar Karna**
**Research Scholar**
**VisvaBharati, Santiniketan**

ଅମ୍ରିତା ଶତପଥି
ଗବେଷିକା
ଶିକ୍ଷା ଓ ଅନୁସନ୍ଧାନ
ଭୁବନେଶ୍ୱର

**Amrita Satapathy**
**Research Scholar**
**Shiksha O Anusandhan (SOA)**
**Bhubaneshwar**

ନରେଶ ମହାନନ୍ଦ
ଗବେଷକ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
କଳାହାଣ୍ଡି
ଡକ୍ଟର ସୁମନ୍ତ କୁମାର ଭୋଇ
ଅଧ୍ୟାପକ

**Naresh Mahanand**
**Research Scholar**
**Maa Manikeshwari University**
**Kalahandi**

ଆଦିକବି ସାରଳାଦାସ ମହାବିଦ୍ୟାଳୟ
ତିର୍ତ୍ତୋଲ
ଜଗତସିଂହପୁର

**Dr. Sumanta Kumar Bhoi**
**Lecturer in Odia**
**Adikabi Saraladas College, Tirttol**
**Jagatsinghpur**

ଡକ୍ଟର ତରୁଣ କୁମାର ସା
ଅଧ୍ୟାପକ
ଶ୍ରୀ ଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟ, ଗୁରୁଡ଼ିଝାଟିଆ
କଟକ

**Dr. Tarun Kumar Sa**
**Lecturer in Odia**
**S.S.D. Mahabidyalaya, Guridijhatia**
**Cuttack**

# ସମ୍ପାଦକୀୟ

ପ୍ରିୟ ପାଠକ ବନ୍ଧୁ,


ଓଡ଼ିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ । ସମୟ ସ୍ରୋତରେ ସବୁ ବିବର୍ତ୍ତନଶୀଳ। କୃତ୍ରିମ ବୁଦ୍ଧିମତାର ସାହାଯ୍ୟରେ ସମାଜର ଅଧିକାଂଶ କାର୍ଯ୍ୟ ସାଧିତ ହେବା ଫଳରେ ମଣିଷର ଚେତନା ସ୍ତର ଅଧଃପତନ ଆଡକୁ ଗତି କରୁଛି । ତା' ପାଖରେ ମୌଳିକତା ବୋଲି ଆଉ କିଛି ନାହିଁ। ତାହାର ଚିନ୍ତା ଚେତନା , ସାମାଜିକ ଓ ସାଂସ୍କୃତିକ ଜୀବନ ଆଜି ଅପମିଶ୍ରିତ ଅବସ୍ଥାରେ । ଅର୍ଥାତ୍ ମଣିଷ ତାହାର ସାଧାରଣ ଜୀବନ ଚର୍ଯ୍ୟା ପ୍ରତି ଅସଚେତନ । ସଭ୍ୟତାର ବିକାଶ ସହିତ ସେ ଯେତିକି ମାତ୍ରାରେ ପ୍ରଯୁକ୍ତିବିଦ୍ୟା ସହ ଅଭ୍ୟସ୍ତ ତାହାଠୁ ଅଧିକ ଭାବେ ପ୍ରାଚୀନତା ପ୍ରତି ବିମୁଖ। ଆଧୁନିକତାର ଅନ୍ଧାନୁକରଣ କରୁଛି । ଲୋକ ଜୀବନର ସମସ୍ତ ପ୍ରସଙ୍ଗକୁ ପ୍ରଯୁକ୍ତିବିଦ୍ୟାର ବିଭିନ୍ନ ଆୟାମ ମାଧ୍ୟମରେ ପରୀକ୍ଷା କରି ସତ୍ୟାସତ୍ୟ ଅନୁସନ୍ଧାନ କରିବା ପରିବର୍ତ୍ତେ ସେସବୁକୁ ଘୃଣା କରୁଛି । ସେ ଜାଣିପାରୁନାହିଁ ଲୋକ ଜୀବନ ହିଁ ସଭ୍ୟତାର ମୂଳଭିତ୍ତି । ଲୌକିକତାର ବିବର୍ତ୍ତନମୁଖୀ ଭାବ ହିଁ ବୌଦ୍ଧିକତାକୁ ପ୍ରତିଷ୍ଠା ଦିଏ । ଲୋକ ଜୀବନ, ଲୋକସଂସ୍କୃତି, ଲୋକସାହିତ୍ୟ ସବୁକିଛି ଆଧୁନିକତାର ଇନ୍ଧନ । ତାହା ବିଜ୍ଞାନସମ୍ମତ, ସରଳ ଭାବ ସମ୍ବାହୀ । ସରଳ ଓ ସହଜ ଲବ୍ଧ ଜିନିଷର ମୂଲ୍ୟ ହ୍ରାସ ହେଲା ଭଳି ଲୋକସାହିତ୍ୟର ଭାଗ୍ୟ ସମ୍ପ୍ରତି ତଦନୁରୂପ । ଅପରପକ୍ଷରେ ଭାରତୀୟ ଜ୍ଞାନ ପରମ୍ପରାର ବାହକ ହିଁ ଲୋକ ଜୀବନ ଓ ଲୋକସଂସ୍କୃତି। ମାତ୍ର ସାମ୍ପ୍ରତିକ ପରିବେଶରେ ଏସବୁକୁ ଘୃଣିତ ନୟନରେ ଅବଲୋକନ କରାଯାଉଛି । ଯାହାଦ୍ୱାରା ଜାତି ତଥା ସଭ୍ୟତାର ପରିଚୟ ଭୂତଳଗାମୀ ହେବାରେ ଲାଗିଛି । ତେଣୁ ଏହାର ସଂରକ୍ଷଣ, ସୁରକ୍ଷା ଓ ପ୍ରଚାର ପ୍ରସାର ନିହାତି ଆବଶ୍ୟକ ।

ଏପରି ଲୋକସାହିତ୍ୟ ଓ ଲୋକସଂସ୍କୃତି ପ୍ରତି ଯୁବ ଗବେଷକଙ୍କୁ ଗବେଷଣାମାନସ୍କ କରେଇବା ହିଁ ପଞ୍ଚରା ପତ୍ରିକାର ମୁଖ୍ୟ ଲକ୍ଷ୍ୟ । ଷାଣ୍ମାସିକ ଭିତ୍ତିରେ ପତ୍ରିକାଟି ନିୟମିତ ଭାବରେ ପ୍ରକାଶିତ ହେବ। ଲୋକ ଜୀବନ, ଜନଜାତି, ଲୋକ କଳା, ଲୋକନୃତ୍ୟମୂଳକ ଗବେଷଣାତ୍ମକ ଆଲେଖ୍ୟ ହିଁ ଏହାର କଳେବର ମଣ୍ଡନ କରିବ । ଏତଦ୍ ବ୍ୟତୀତ ଲୋକସାହିତ୍ୟର ଜଣେ ସଫଳ ଗବେଷକ କିମ୍ବା ଗବେଷିକାଙ୍କ ଗବେଷକୀୟ ଅନୁଭୂତି / ସାକ୍ଷାତକାରକୁ ପତ୍ରିକାର 'ପଞ୍ଚରା ପୁରୋଧା' ଓ ମୌଳିକ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପୁସ୍ତକର ସମୀକ୍ଷା 'ପଞ୍ଚରା ପର୍ଯ୍ୟବେକ୍ଷଣ' ଭାଗରେ ସ୍ଥାନିତ ହେବ ।

ଆପଣମାନଙ୍କ ମନରେ ଉଙ୍କି ମାରୁଥିବ ଯେ, 'ପଞ୍ଚରା' କହିଲେ କ'ଣ? ସେ ବିଷୟରେ କହିରଖେ - ପଞ୍ଚରା ଏକ ପ୍ରଗଣାର ନାଁ। ବର୍ତ୍ତମାନ ଏହି ପ୍ରଗଣା ବୌଦ୍ଧ ଜିଲ୍ଲାରେ ଅବସ୍ଥିତ । ଅତୀତରେ ଏହି ଭୂଖଣ୍ଡ କିଛିକାଳ ପାଇଁ ସୋନପୁର ରାଜାଙ୍କ ଅଧୀନରେ ଥିଲା । ଏହି ଅଞ୍ଚଳକୁ ପାଞ୍ଚଜଣ ଜମିଦାର ଶାସନ କରୁଥିବାରୁ ପ୍ରଗଣାର ନାମ 'ପଞ୍ଚରା'। ପ୍ରଗଣାର ସାଂସ୍କୃତିକ, ଐତିହାସିକ ସ୍ମୃତିକୁ ସ୍ମରଣ କରି ପତ୍ରିକା ପ୍ରକାଶଲାଭ କରିଛି ।

ବନ୍ଧୁଗଣ ! ଦୀର୍ଘଦିନର ପରିକଳ୍ପନା ଆଜି ସତ ପ୍ରତୀୟମାନ ହୋଇଛି । ବିନା ISSNରେ ପତ୍ରିକା ପାଇଁ ଲେଖା ଆମଦାନୀ କରିବା କଷ୍ଟକର ବ୍ୟାପାର । ତଥାପି ଆପଣମାନଙ୍କ ପ୍ରେରଣା ଓ ଗବେଷକମାନଙ୍କ ନିଃସ୍ୱାର୍ଥପର ସାହଚର୍ଯ୍ୟରେ 'ପଞ୍ଚରା' ନାମଧାରୀ ପତ୍ରିକାଟି ପ୍ରକାଶଲାଭ କରିଛି। ଆପଣମାନଙ୍କ ଗ୍ରହଣଶୀଳତା ହିଁ ପତ୍ରିକାକୁ ଦୀର୍ଘଜୀବୀ କରିବ । ସେହି ନ୍ୟାୟରେ ଆପଣମାନେ ହିଁ ପତ୍ରିକାର ସର୍ବେସର୍ବା ।

ସମ୍ପାଦକ




ପ୍ରଚ୍ଛଦ ପ୍ରସଙ୍ଗ -
ମାର୍ଗଶୀର ମାସ ଶେଷ ଗୁରୁବାରରେ ଆୟୋଜିତ ପଞ୍ଚରାର ଅଧିଷ୍ଠାତ୍ରୀ ଦେବୀ ମା ମାହେଶ୍ୱରୀଙ୍କ ଚୂଡାଖାଇ ଯାତ୍ରାର ଦୃଶ୍ୟ । ପ୍ରତିବର୍ଷ ମା ମାହେଶ୍ୱରୀ ଓ ମା ଖମ୍ବେଶ୍ୱରୀଙ୍କ ପ୍ରତୀକ ସ୍ୱରୂପ ଦୁଇଟି ଛତର ରଷିବନ୍ଧ ଗାଁରୁ ବାଗଡ଼ିଆ ନିକଟସ୍ଥ ଡଙ୍ଗର( ପାହାଡ)କୁ ନିଆଯାଏ।

# ଅନୁକ୍ରମଣିକା


୦୬ ॥ **ଉତ୍ତର ଓଡ଼ିଶାର ଗୋଣ୍ଡ ଜନଜାତି : ସଂସ୍କୃତି ଓ ପରମ୍ପରା**

ଡକ୍ଟର ନମିତା ମହାପାତ୍ର

୧୦ ॥ **ଲୋକସଂସ୍କୃତି ଓ ପରମ୍ପରା : ଏକ ପରିଚିତି**

ଆଲିଶ କୁମାର କର୍ଣ୍ଣ

୧୪ ॥ **ନିମ୍ନବର୍ଗୀୟ ଦୃଷ୍ଟିରେ ଆଦିବାସୀ ସମ୍ପ୍ରଦାୟ ସୀମାନ୍ତୀକରଣ**

ସଞ୍ଜୟ ରାଉଳ

୨୧ ॥ **ବିବର୍ତ୍ତିତ ସଭ୍ୟତା ପରିପ୍ରେକ୍ଷୀରେ ନାରୀ ଓ ଓଡ଼ିଆ କାନ୍ଦଣା ଗୀତ**

ସୋନାଲି ନାୟକ

୨୪ ॥ **ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତିରେ ପାରମ୍ପରିକ ବାଦ୍ୟଯନ୍ତ୍ରର ଭୂମିକା**

**ସୁନୟନା ଓଝା**


୨୮ ॥ **ଓଡ଼ିଆ ଭାଷା ବନାମ ଆଦିବାସୀ ଭାଷା**

**ଡକ୍ଟର ତରୁଣ ସା**


## ପଞ୍ଚରା ପର୍ଯ୍ୟବେକ୍ଷଣ (ପୁସ୍ତକ ସମୀକ୍ଷା)


୩୧ ॥ ଓଡ଼ିଶାରେ ଲୋକଧର୍ମର ପରମ୍ପରା
ଲେଖକ - ଡକ୍ଟର ଅରବିନ୍ଦ ପଟ୍ଟନାୟକ
ସମୀକ୍ଷକ - ଅମିତା ଶତପଥୀ


## ପଞ୍ଚରା ପର୍ଯ୍ୟବେକ୍ଷଣ




ବହିର ନାମ- ଓଡ଼ିଶାରେ ଲୋକଧର୍ମର ପରମ୍ପରା
ଲେଖକ - ଡକ୍ଟର ଅରବିନ୍ଦ ପଟ୍ଟନାୟକ
ପ୍ରକାଶକ - ଭାରତ ଭାରତୀ, କାଞ୍ଚନ, ସୂତାହାଟ, କଟକ
ପ୍ରକାଶନ ବର୍ଷ - ଶ୍ରୀ ପଞ୍ଚମୀ - ୨୦୧୨

ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ଉତ୍ତର ଓଡ଼ିଶାର ଗୋଣ୍ଡ ଜନଜାତି : ସଂସ୍କୃତି ଓ ପରମ୍ପରା

ଡକ୍ଟର ନମିତା ମହାପାତ୍ର
ଅଧ୍ୟାପିକା , ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ , ଜଗତସିଂହପୁର
DOI - https://doi.org/10.5281/zenodo.19455960

## ସାରାଂଶ

ଓଡ଼ିଶାରେ ବାସ କରୁଥିବା ଆଦିମ ଅଧିବାସୀମାନେ 'ଆଦିବାସୀ' ରୂପେ ପରିଚିତ । କେବଳ ଓଡ଼ିଶା ନୁହେଁ ଭାରତ ତଥା ଭାରତ ବାହାରେ ମଧ ଆଦିବାସୀ ମାନେ ରହିଛନ୍ତି । ଯେଉଁମାନଙ୍କର ସଭ୍ୟତା ଏବଂ ପରମ୍ପରା ଆର୍ଯ୍ୟ ଗୋଷ୍ଠୀଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଓଡ଼ିଶାରେ ବିଭିନ୍ନ ପ୍ରକାର ଜନଜାତି ବାସ କରୁଥିଲେ ମଧ ଏମାନଙ୍କ ମଧ୍ୟରେ ସାମାଜିକ ରୀତି, ନୀତି , ଚାଲି ଚଳଣି, ନୃତ୍ୟ ଗୀତ, ପର୍ବପର୍ବାଣି, ପରିଶେଷରେ ଭାଷା ଆଦିରେ ସାମଞ୍ଜସ୍ୟ ଲକ୍ଷ କରାଯାଇଥାଏ । ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାରର ଜନଜାତିଙ୍କ ମଧ୍ୟରୁ 'ଗୋଣ୍ଡ' ଜନଜାତିଙ୍କ ଜୀବନଶୈଳୀ ଅନ୍ୟ ଜନଜାତିଙ୍କଠାରେ ଭିନ୍ନତା ଲକ୍ଷ୍ୟ କରାଯାଏ । ଏହି ମର୍ମରେ ଉତ୍ତର ଓଡ଼ିଶାରେ ବାସ କରୁଥିବା ସଂଖ୍ୟା ବହୁଳ ଗୋଣ୍ଡ ଜନଜାତିଙ୍କ ସମାଜ ଓ ସଂସ୍କୃତି ସମ୍ପର୍କରେ ସାଧାରଣ ଆଲୋଚନା କରାଯାଉଛି ।

**ମୂଳଶବ୍ଦ** - ଉତ୍ତର ଓଡ଼ିଶାର ଗୋଣ୍ଡ ଜନଜାତିର ସମାଜ, ସଂସ୍କୃତି, ଅର୍ଥନୀତି, ଭାଷା, ଶିକ୍ଷା ବ୍ୟବସ୍ଥା, ଅନ୍ଧବିଶ୍ୱାସ କୁସଂସ୍କାର, ଲୋକ କାହାଣୀ ଓ ନାଟକ

ପ୍ରାଗ୍-ଐତିହାସିକ ଯୁଗର ଅମା ଅନ୍ଧକାର ସୀମାରେଖା ଡେଇଁ ମଣିଷ ଆଲୋକିତ ପୃଥିବୀରେ କ୍ରମଶଃ ପାଦ ପକାଇଛି । ସଭ୍ୟତା ତା'ର ହାତ କଡେଇ ନେଇଛି । ସଂସ୍କୃତି ସାଜିଛି ତା'ର ଅନ୍ତଃ ପ୍ରେରଣା । ପରମ୍ପରା ଦେଇଛି ତାକୁ ନୂଆ ପରିଚୟ । ଏଇ ଆଦିଭୂମିକୁ ଆପଣେଇ ନେଇଛି ପ୍ରକୃତିର ସନ୍ତାନ ଆଦିମ ଅଧିବାସୀ । ଓଡ଼ିଶାର ବନପର୍ବତ, ନଦନଦୀ ପରିବେଷ୍ଟିତ ବିଶାଳ ପ୍ରକୃତି କୋଳରେ ୬୨ ପ୍ରକାରର ଆଦିବାସୀ ନିଜର ସଭ୍ୟତା ଓ ସଂସ୍କୃତି ମଧ୍ୟରେ ଜୀବନଯାପନ କରି ଆସୁଛନ୍ତି । ଏମିତି ହିଁ ନିଜ ପରମ୍ପରା, ସ୍ମୃତିକୁ ସାଇତି ଆଗକୁ ପାଦ ବଢାଇଛନ୍ତି 'ଗୋଣ୍ଡ ଜନଜାତି' କାହିଁ କେଉଁ ଅନାଦି କାଳରୁ । ୨୦୧୧ ଜନଗଣନା ଅନୁସାରେ ସଂଖ୍ୟା ଗରିଷ୍ଠତା ଦୃଷ୍ଟିରୁ ଏମାନେ ଓଡ଼ିଶାର ଦ୍ୱିତୀୟ ସଂଖ୍ୟାବହୁଳ ଜନଜାତି । ଯେଉଁଠି ଜୀବନ ଜୀଇଁବାର ସଙ୍ଘର୍ଷରେ ପ୍ରତିଦିନ ଲୁପ୍ତ ହୁଏ ସେମାନଙ୍କର ଐତିହ୍ୟ ଓ ପରମ୍ପରା, ପରିବର୍ତ୍ତନ ନାମରେ ଅପହୃତ ହୁଏ ମୌଳିକତା । ହୁଏତ ସମୟ ସ୍ରୋତରେ ଦିନେ ଲିଭି ଯାଇପାରେ ତାଙ୍କର ହଜାର ହଜାର ବର୍ଷର ସ୍ମୃତି ଓ ସାଧନା । ତେଣୁ ସାହିତ୍ୟରେ ଆଦିବାସୀମାନଙ୍କୁ ସ୍ଥାନ ଦେଲେ ଆମ ସଂସ୍କୃତିର କୋଠ ଭଣ୍ଡାର ସମୃଦ୍ଧ ହେବା ସହ ଭାରତୀୟ ଜାତୀୟ ସଂହତିର ମାର୍ଗ ପୁଷ୍ଟିତ ହେବ । ଉକ୍ତ ନିବନ୍ଧଟିର ଶୀର୍ଷକ "ଉତ୍ତର ଓଡ଼ିଶାର ଗୋଣ୍ଡ ଜନଜାତିର ସାମାଜିକ ଓ ସଂସ୍କୃତିକ ଜୀବନଧାରା" । ଉତ୍ତର ଓଡ଼ିଶା ଅନ୍ତର୍ଭୁକ୍ତ ଜିଲ୍ଲା ମଧ୍ୟରେ ରହିଛି କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର । ମାତ୍ର ବାଲେଶ୍ୱର ଜିଲ୍ଲାରେ ଏମାନଙ୍କ ବସତି ଖୁବ୍ କମ୍ ଥିବାରୁ ଏମାନଙ୍କୁ ଗବେଷଣା ପରିସରଭୁକ୍ତ କରାଯାଇ ନାହିଁ । କେବଳ କେନ୍ଦୁଝର ଓ ମୟୂରଭଞ୍ଜ ଅଂଚଳରେ ବାସ କରୁଥିବା ଗୋଣ୍ଡମାନଙ୍କୁ ଜୀବନୀ ସମ୍ପର୍କରେ ଏଠାରେ ସବିଶେଷ ଆଲୋଚନା କରାଯାଇଛି । 'ଗୋଣ୍ଡ' ଶବ୍ଦଟି ଆଂଚଳିକ ଭେଦରେ 'ଗୋଁଣ୍ଡ', 'ଗଣ୍ଡ', 'ଗୋଁଡ', 'ଗୋଣ୍ଡ', ଗଁଣ୍ ବା 'ଗୋଣ୍ଡ' ଭାବେ ଉଚ୍ଚାରଣ କରିଥାନ୍ତି ଏବଂ ଲିଖନ ପ୍ରକ୍ରିୟାରେ ମଧ ବ୍ୟବହାର କରିଥାନ୍ତି ।

ଅନ୍ୟ ଜନଜାତିଙ୍କ ପରି ଗୋଣ୍ଡମାନେ ମଧ ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ପାହାଡ ଓ ଜଙ୍ଗଲ ଘେରା ଇଲାକାରେ ଆଧିପତ୍ୟ ବିସ୍ତାର କରିଥିଲେ । ପ୍ରକୃତି ସହିତ ଏମାନଙ୍କ ନିବିଡତା ଖୁବ୍ ଘନିଷ୍ଠ । ଏ ଜାତିର ଇତିହାସ ଯେତେ ବଳିଷ୍ଠ ; ସଂସ୍କୃତି ଓ ପରମ୍ପରା ସେତିକି ବିକଶିତ । ବିଶିଷ୍ଟ ଗବେଷକ ତଥା ଐତିହାସିକ ଦୁର୍ଗା ପ୍ରସାଦଙ୍କ ମତରେ "ଗୋଣ୍ଡୱାନା ସଂସ୍କୃତି ବିଶ୍ୱର ଅନ୍ୟତମ ପ୍ରାଚୀନ ସଂସ୍କୃତି । ଏକ ବିସ୍ତୃତି ଇଲାକାରେ ଏହି ଗୋଣ୍ଡୱାନା ଇଲାକା ଉଭା ହୋଇଥିଲା । ତାହାକୁ ପରେ 'ଗୋଁଣ୍ଡୱାନା ମହାଦ୍ୱୀପ' କୁହାଗଲା ।" ଆଫ୍ରିକା, ଦକ୍ଷିଣ ଆମେରିକା, ଆଂଟ୍ରାଟିକା, ଅଷ୍ଟ୍ରେଲିଆ ଓ ଭାରତ ଏଇ ଗୋଣ୍ଡୱାନା ମହାଦୀପ ଅନ୍ତର୍ଗତ ଥିଲା । ଆଦିମ ଗୋଣ୍ଡ ଜନଜାତି ଦକ୍ଷିଣରେ ଗୋଦାବରୀ ନଦୀ ଠାରୁ ଉତ୍ତରରେ ବିନ୍ଧ୍ୟାଂଚଳ ଏବଂ ପଶ୍ଚିମରେ ଗଣ୍ଡକୀ ନଦୀ ଠାରୁ ପୂର୍ବରେ ସାତପୁରା ପର୍ବତମାଳା ପର୍ଯ୍ୟନ୍ତ ବିସ୍ତୃତ ଅଂଚଳରେ ବସବାସ କରୁଥିଲେ । ସମଗ୍ର ମଧ୍ୟଭାରତରେ ଏମାନେ ମଧ୍ୟଯୁଗରୁ ପ୍ରଭାବ ବିସ୍ତାର କରିଥିବାରୁ ମଧ ଭାରତ ହିଁ 'ଗୋଣ୍ଡୱାନା ଲେଣ୍ଡ' ଭାବରେ ଇତିହାସ ବର୍ଣ୍ଣିତ। ଗୋଣ୍ଡ ଜନଜାତିଙ୍କ ନାମ ଅନୁସାରେ 'ଗୋଣ୍ଡୱାନା' ହୋଇଥିବା ଅଷ୍ଟ୍ରେଲିଆର ବିଶିଷ୍ଟ ଭୂ-ବିଜ୍ଞାନୀ ଡଃ. ଏଡୱାର୍ଡ ସ୍ୱେସ୍ ମତବ୍ୟକ୍ତ କରିଛନ୍ତି । ସେ ବିଶ୍ୱର ଏକ ଗୋଲାର୍ଦ୍ଧକୁ 'ଗୋଣ୍ଡୱାନା' ବୋଲି ସମ୍ବୋଧିତ କରିଛନ୍ତି । ଏହାବ୍ୟତୀତ ଗୋଣ୍ଡ ଜନଜାତିର ଉତ୍ପତି ସମ୍ବନ୍ଧୀୟ ବହୁ ଲୋକମତ ଏବଂ ପୌରାଣିକ ମତ ପ୍ରଚଳିତ ହୋଇ ଆସୁଛି ।

ମଧ୍ୟପ୍ରଦେଶ, ଛତିଶଗଡ, ଗୁଜୁରାଟ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଉତରପ୍ରଦେଶ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଆଦି ରାଜ୍ୟରେ ଗୋଣ୍ଡ ଜନଜାତି କେଉଁ ଅନାଦି କାଳରୁ ବସବାସ କରି ଆସୁଛନ୍ତି । ପରବର୍ତ୍ତୀ କାଳରେ ଏମାନେ ଓଡ଼ିଶାକୁ ଆଗମନ କରି ଏଠାରେ ନିଜର ବସତି ସ୍ଥାପନ କରିଛନ୍ତି । ଦୁର୍ଭିକ୍ଷ, ବିଦେଶୀ ଆକ୍ରମଣ, ଆବଶ୍ୟକତାର ଅଭାବ,

ଇଂରେଜ ଶାସନ କାଳରେ ପୋଡୁଚାଷ ପ୍ରଥା ସରକାର ବନ୍ଦ କରିବା ଏବଂ ଜଗନ୍ନାଥଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ଆସି ଏଠାରେ ବସତି ସ୍ଥାପନ କରିବା ଭଳି ବିଭିନ୍ନ କାରଣ ଯୋଗୁଁ ଗୋଣ୍ଡମାନେ ମଧ୍ୟ ଭାରତରୁ ଓଡିଶାକୁ ଆଗମନ କରିଥିଲେ । ସମୟାନୁକ୍ରମେ ଗୌଁଣ୍ଡ ସର୍ଦ୍ଦାର ଓ ଦଳପତିମାନେ ସମ୍ବଲପୁର ବାମରା, ବଣେଇ ଇ ବାଟ ଦେଇ ଓଡ଼ିଶାରେ ପ୍ରବେଶ କରିଥିଲେ । ପ୍ରଥମେ ଓଡ଼ିଶାର ପଶ୍ଚିମାଂଚଳ ତଥା ସୁନ୍ଦରଗଡ, ଦେଓଗଡ, ସମ୍ବଲପୁର, ଝାରସୁଗୁଡା, ବରଗଡ, ବଲାଙ୍ଗିର, ବଉଦ, କଳାହାଣ୍ଡି, କନ୍ଧମାଳ, ନୂଆପଡା ଆଦିରୁ ଆରମ୍ଭ କରେ ପରବର୍ତ୍ତୀ ସମୟରେ ଦକ୍ଷିଣରେ କୋରାପୁଟ, ମାଲକାନାଗିରି, ନବରଙ୍ଗପୁର ଆଦି ଜିଲ୍ଲା ଏବଂ ଉତ୍ତରରେ କେନ୍ଦୁଝର ଓ ମୟୂରଭଞ୍ଜ ପ୍ରଭୃତି ଜିଲ୍ଲାରେ ମାତ୍ରାଧିକ ପରିମାଣରେ ବସତି ସ୍ଥାପନ କରିଛନ୍ତି । ୨୦୧୧ ଜନଗଣନା ଅନୁସାରେ କେନ୍ଦୁଝରରେ ଏମାନଙ୍କର ଜନସଂଖ୍ୟା ୮୦,୬୯୩ ଥିଲା ବେଳେ ମୟୂରଭଞ୍ଜରେ ଏମାନଙ୍କ ଜନସଂଖ୍ୟା ୩୦,୯୯୬ ଥିଲା ।

ପ୍ରଥମେ ଗୋଣ୍ଡ ଜନଜାତି ଗଣଭିତ୍ତିକ ସ୍ୱାୟତ ଶାସନର ପକ୍ଷପାତୀ ଥିଲା । କିନ୍ତୁ ସମୟକ୍ରମେ ଏମାନେ ସାମନ୍ତବାଦୀ ହୋଇଗଲେ। ରାଜଶକ୍ତି ସହିତ ସମ୍ମିଳିତ ତଥା 'କ୍ଷତ୍ରିୟ ରାଜାମାନଙ୍କ ସହ ବୈବାହିକ ସମ୍ପର୍କ ସ୍ଥାପନ କରିବା ପରେ ଏମାନେ 'ରାଜଗୋଣ୍ଡ' ରୂପେ ପରିଚିତ ହେଲେ। ସମୟକ୍ରମେ ରାଜନୀତିକ, ଆର୍ଥିକ ଓ ସାମାଜିକ ପରିସ୍ଥିତି ଅନୁସାରେ ଏମାନେ ବୃତ୍ତି ଅନୁରୂପେ ପରିଚିତ ହେଲେ । ଅର୍ଥାତ୍ ଯିଏ ରାଜପଣ କଲା ସିଏ ରାଜଗୋଣ୍ଡ ଭାବେ ପରିଚିତ ହେଲା ଏବଂ ଯିଏ କୃଷି କିମ୍ବା ଅରଣ୍ୟଜୀବି ହେଲା ସିଏ ମାଡିଆ, ମିରିଆ, ଧରୁଆ, ଜଗତ, ନେଟି, ପୋରଟି ଆଦି ଭାବେ ପରିଚିତ ହେଲା । ଅର୍ଥାତ୍ ଗୋଣ୍ଡ ଜନଜାତିକୁ ମୋଟାମୋଟି ଭାବେ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ହେଲା 'ରାଜଗୋଣ୍ଡ' ଅନ୍ୟଟି ହେଲା 'ଧରୁଆ ଗୋଣ୍ଡ' ।

ଉତ୍ତର ଓଡ଼ିଶାର ଗୋଣ୍ଡ ସମ୍ପ୍ରଦାୟ ସମ୍ପର୍କରେ ଉପଲବ୍ଧ ବିଭିନ୍ନ ତଥ୍ୟ, ପ୍ରଚଳିତ କିମ୍ବଦନ୍ତୀ, ଲୋକକଥା, ଲୋକନାଟକ, ଲୋକଗୀତ ତଥା ସେମାନଙ୍କର ଚଳଣୀ ଜୀବନଧାରା ଆଦିକୁ ଅନୁଧ୍ୟାନ କଲେ ସହଜରେ ଜଣାଯାଏ ଯେ, ଏମାନେ ଏକ ଉନ୍ନତ ସଂସ୍କୃତି ସମ୍ପନ୍ନ, କଳାପ୍ରିୟ ଓ କର୍ମଠ ଗୋଷ୍ଠୀ ଅଟନ୍ତି ଏବଂ ଏମାନେ ସତ୍ୟବାଦୀ, ସ୍ୱାଭିମାନୀ ଏବଂ ଗଣଜୀବନରେ ବିଶ୍ୱାସୀ ରଖନ୍ତି । ଅକପଟ ହୃଦୟରେ ଅନ୍ତରର ଭାବ ପ୍ରକାଶ ଏମାନଙ୍କ ଜୀବନର ଅନ୍ୟତମ ମହତ୍ୱ । ପ୍ରକୃତି ପ୍ରେମୀ ଓ ମାତ୍ରାଧିକ ଭାବରେ ଧର୍ମଭୀରୁ ଏ କଥାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ବିଭିନ୍ନ ସାମାଜିକ କାର୍ଯ୍ୟକଳାପରୁ ଏମାନଙ୍କ ମଧ୍ୟରେ ଥିବା ସହଯୋଗ ଭାବ, ଭାତୃଭାବ, ସହନଶୀଳତା ଓ ସମ୍ବେଦନଶୀଳତାର ପରିଚୟ ମିଳେ । ଗୋଣ୍ଡ ପଲ୍ଲୀଗୁଡିକ ବଣପାହାଡ ଘେରା ଅଂଚଳ ବା ନଦୀ କୂଳରେ ଦେଖାଯାଏ । ଗାଁ ମଝିରେ ରାସ୍ତା ଓ ଉଭୟ ପାଶ୍ୱର୍ରେ ଘରଗୁଡିକ ଧାଡି ଧାଡି ହୋଇ ଲମ୍ବି ଥାଏ । ଘରର କାନ୍ଥଗୁଡିକୁ ନାନା ରଙ୍ଗିନ ମାଟିରେ ଲିପି ତହିଁରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷ-ଲତା, ଫୁଲ-ଫଳ ଆଦିର ମନୋରମ ଚିତ୍ର ଅଙ୍କନ କରିଥାନ୍ତି । ଗୃହଗୁଡିକ ଚତୁଃପାଶ୍ୱର୍ରୁ ବର୍ଗାକାର ଆକୃତିରେ ବେଢାଇ ତିଆରି କରିଥାନ୍ତି ଏବଂ ମଝିରେ ଅଗଣା ଥାଏ । ଘରକାନ୍ଥକୁ ଲଗାଇ ବାରଣ୍ଡା ମାନ ରହିଥାଏ । ରୋଷେଇ ଏବଂ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମିତ ହୋଇଥାଏ । ଏମାନଙ୍କର ସ୍ୱତନ୍ତ୍ର କୌଣସି ପାରମ୍ପରିକ ବସ୍ତ୍ର ନାହିଁ । ମାତ୍ର ସ୍ତ୍ରୀମାନେ ଭାରି ଅଳଙ୍କାର ପ୍ରେମୀ । ଅଳଙ୍କାରଗୁଡିକ ସାଧାରଣତଃ ରୂପା, ତମ୍ବା କିମ୍ବା ଲୁହାରେ ନିର୍ମିତ ହୋଇଥାଏ । ଆର୍ଥିକ ସ୍ୱଚ୍ଛଳ ଥିଲା ସ୍ତ୍ରୀମାନେ ସୁନା ଅଳଙ୍କାର ବ୍ୟବହାର କରନ୍ତି। ନାକରେ ନୋଥ, ମୁଣ୍ଡରେ ଝେଲା, ବେକରେ କଳା ସୂତାରେ ରୂପା ଟଙ୍କା ଗୁନ୍ଥା ହୋଇଥିବା ମାଳି, ବାହୁରେ ବାଲା, ଗୋଡ ଓ ହାତ ଆଙ୍ଗୁଠିରେ ମୁଦି ଆଦିର ବ୍ୟବହାର କରନ୍ତି । ରମଣୀମାନେ ଅଧିକ ସୁନ୍ଦର ଦେଖାଯିବା ପାଇଁ ଚିତା କୁଟାଇଥାନ୍ତି ଦେହରେ । ଭାତ ତାଙ୍କର ପ୍ରଧାନ ଖାଦ୍ୟ । ଏଥିସହ ଜଙ୍ଗଲଜାତ ବିଭିନ୍ନ ଫଳ, ଫୁଲ, ଶାଗ ଆଦିକୁ ସଂଗ୍ରହ କରି ଖାଆନ୍ତି । ଜଙ୍ଗଲରୁ ପଶୁପକ୍ଷୀ ଶିକାର କରି ଖାଇବା ସହ ନଦୀରୁ ମାଛ, ଗୃହପାଳିତ ପଶୁ ପକ୍ଷୀଙ୍କୁ ମଧ୍ୟ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ପାନୀୟ ଜଳ ପାଇଁ ନଦୀ, ଝରଣା, ଚୁଆ, କୂଅ ଆଦି ଉପରେ ନିର୍ଭରଶୀଳ । ଏମାନେ ସ୍ୱାସ୍ଥ୍ୟପ୍ରଦ ଜୀବନଯାପନରେ ଆଗ୍ରହୀ । ଘର ଚାରିପାଖ ସଫା ରଖିବା ସହ ନିଜେ ମଧ୍ୟ ସଫା ସତୁରା ହୋଇ ରହିବାକୁ ପସନ୍ଦ କରନ୍ତି । ଦେହ ଅସୁସ୍ଥ ହେଲେ କିମ୍ବା କୌଣସି ରୋଗରେ ଆକ୍ରାନ୍ତ ହେଲେ ଚେରମୂଳି ଔଷଧ ବ୍ୟବହାର କରିଥାନ୍ତି ଏବଂ ଝଡାଫୁଙ୍କା ଗୁଣିଗାରେଡି ଆଦିରେ ମଧ୍ୟ ବିଶ୍ୱାସ ରଖନ୍ତି ।

ଗୋଣ୍ଡ ସମ୍ପ୍ରଦାୟର ବଂଶର ଉତ୍ପତ୍ତି ଓ ବିସ୍ତାର ସମ୍ବନ୍ଧରେ ସବିଶେଷ ଆଲୋଚନା 'ଗୋଣ୍ଡକି ପୁରାଣ'ରେ ଲିପିବଦ୍ଧ (ଗୋଣ୍ଡକି ପୁରାଣ ଏବଂ ପ୍ରାଚୀନ ଧର୍ମଗ୍ରନ୍ଥ ତାଳପତ୍ର ପୋଥିରେ କରଣୀ ଦ୍ୱାରା ଲିଖିତ ଏହି ଧର୍ମଗ୍ରନ୍ଥକୁ ଗୋଣ୍ଡ ସମ୍ପ୍ରଦାୟର ଲୋକେ ପୂଜା କରନ୍ତି ।) ଗୋଣ୍ଡି ପୁରାଣ ଅନୁସାରେ ଗୋଣ୍ଡମାନଙ୍କର ଆଦ୍ୟ 'ଧର୍ମଗୁରୁ' 'ପାହାଡ ପାରିକୁ ପାରୋ ଲିଙ୍ଗୋ' । ସେ ଗୋଣ୍ଡି ଧର୍ମ ଦର୍ଶନରେ ପରିଚାଳନା ଭାର ନେଇଥିଲେ । ତା'ପରେ ଗୁରୁ ଭାବରେ 'ରାୟଲିଙ୍ଗୋ' ଦାୟିତ୍ୱ ବହନ କରିଥିଲେ । ରାୟଲିଙ୍ଗୋ ଅନୁଭବ କରିଥିଲେ ଯେ ଗୋଣ୍ଡ ସମାଜରେ ଯେଉଁ ଧର୍ମ ପ୍ରଚଳିତ ଅଛି ତାହା ଖୁବ୍ ଜଟିଳ । ବାରଟି ସାଗା (ବଂଶ) ସହ ୭୫୦ଟି ଗୋତ୍ର ଗୋଣ୍ଡ ସମାଜରେ ପ୍ରଚଳିତ ଥିଲା । ତା' ସହିତ ପ୍ରତିଟି ଗୋତ୍ର ସହ ପଶୁ, ପକ୍ଷୀ, ବୃକ୍ଷଲତା ନାମ ଗୋଣ୍ଡି ଭାଷାରେ ଜଡିତ ଥିଲା । ସେସବୁ ମନେ ରଖି ପୂଜା ଆରାଧନା କରିବା କଷ୍ଟକର ହୋଇ ପଡୁଥିଲା । ତେଣୁ ସମାଜର ସମସ୍ୟା ବୁଝି ପାରି ସଂସ୍କାର ଆଣିବା ପାଇଁ ସେ ସ୍ଥିର କଲେ ଏବଂ ୧୨ଟି ସାଗାକୁ ୬ଟି ସାଗାରେ ସୀମିତ ରଖିଲେ। ତାହାକୁ କୁହାଗଲା 'ଷୋଡବଂଶୀ ଗୋଣ୍ଡ' । ଏମାନଙ୍କ ବଂଶର ପରିଚୟ 'ଦେଓ' ବା 'ଦିଆ' ସଙ୍କେତ ଦ୍ୱାରା ଚିହ୍ନିତ କରାଯାଇଥାଏ। ପୂର୍ବରୁ ୧ ଦିଆରୁ ୧୨ ଦିଆ ପର୍ଯ୍ୟନ୍ତ ଥିଲା ମାତ୍ର ଏବେ ୩ ଦିଆରୁ ୭ ଦିଆ ପର୍ଯ୍ୟନ୍ତ ଅଛନ୍ତି । ପ୍ରତି ଦିଆ ବା ବର୍ଗରେ ଜଣେ ଜଣେ ପରଘନିଆ ଥାଆନ୍ତି। ଏମାନେ ଗୋଣ୍ଡ ମିଥ୍ ଓ ପୁରାଣପାଠ କରନ୍ତି । ଗୋତ୍ର ପରମ୍ପରା ଗୋଣ୍ଡ ଜନଜାତି ସଙ୍ଗଠନର ଏକ ବିସ୍ତୃତ ରୂପ ଅଟେ । ଗୋତ୍ର ବର୍ଗ ସମାଜ ସମୂହର ସମ୍ପର୍କ ସେତୁ ହୋଇଥିବାରୁ ଗୋତ୍ରକୁ ଆଧାର କରି ବଂଶାନୁକ୍ରମିକ ସମୂହ ଗଠନ ହୋଇଥାଏ । ସାମାଜିକ କାର୍ଯ୍ୟ, ଦୁଃଖ ସୁଖରେ ସହଭାଗିତା, ପାରମ୍ପରିକ ବିନିମୟ ଆଦି ବହୁବିଧ କାର୍ଯ୍ୟ ଗୋତ୍ର ପ୍ରଥା ଦ୍ୱାରା ସଫଳ ଭାବରେ ରୂପାୟିତ ହେଉଥିବାର ଦେଖିବାକୁ ମିଳେ ।

ପିଲା ଜନ୍ମ ଠାରୁ ଆରମ୍ଭ କରି ବ୍ୟକ୍ତିର ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ବିଭିନ୍ନ ପାରମ୍ପରିକ ରୀତିନୀତି ଏମାନଙ୍କ ସମାଜରେ ପାଳିତ । ପିଲା ଯିଏ ଜନ୍ମ ହେଲେ ଷଷ୍ଠି, ଉଠିଆରୀ ଓ ଏକୋଇଶିଆ ପାଳନ କରାଯାଏ। କନ୍ୟା ସନ୍ତାନ ହେଲେ ଏମାନେ ଅଧିକ ଖୁସି ହୋଇଥାନ୍ତି । କାରଣ ପୁତ୍ର ସନ୍ତାନ ହେଲେ ଘରଦ୍ୱାର ଜମିବାଡି ପାଇଁ ଚିନ୍ତା ବଢି ଯାଇଥାଏ। ପୁତ୍ର କିମ୍ବା କନ୍ୟା ବିବାହ ଯୋଗ୍ୟ ହେଲେ ତାଙ୍କୁ ବିବାହ କରାଯାଏ। ଏମାନଙ୍କ ସମ୍ପ୍ରଦାୟରେ ସମଗୋତ୍ରୀ ବିବାହ ନିଷେଧ ।

ସମଗୋତ୍ରୀଙ୍କୁ ସମାଜ ଭାଇଭଉଣୀ ଭାବେ ଗ୍ରହଣ କରେ । ତେଣୁ ଭିନ୍ନ ଭିନ୍ନ ଗୋତ୍ର ବା ଦେଓ ମଧ୍ୟରେ ବୈବାହିକ ସମ୍ପର୍କ ସ୍ଥାପିତ ହୋଇଥାଏ। ସ୍ଥାନେ ସ୍ଥାନେ ବିବାହରେ ପାରମ୍ପରିକ ବାଦ୍ୟ ବାଜିବା ସହ ନୃତ୍ୟଗୀତର ଆସର ଜମେ ଯେଉଁଠାରେ ଉଭୟ ନାରୀ ଓ ପୁରୁଷ ଏକତ୍ର ନୃତ୍ୟ କରନ୍ତି । ଗୋଣ୍ଡ ସମ୍ପ୍ରଦାୟରେ ଯୌତୁକ ପ୍ରଥା ଆଦୌ ନାହିଁ । ବରଂ କନ୍ୟାସୁନା ବା ପଣ ପ୍ରଥା ପ୍ରଚଳିତ । ପଣ ବାବଦକୁ ମାତ୍ର ଚାରି ଟଙ୍କା ନିର୍ବନ୍ଧ ସମୟରେ ଦିଆଯାଇଥାଏ । ବିବାହ ସମୟରେ ବିଭିନ୍ନ ପାରମ୍ପରିକ ରୀତିନୀତି ଯଥା - ଚୂଡାପନଙ୍ଗା, ବୋହୂଆବୋର, ବରଦେଖା ପାଟପିନ୍ଧାଣୀ, ଗୁଆଭଙ୍ଗା, ପତ୍ର ଅନୁକୂଳ, କୋଇଲିବୁଡ, ପାଣିସଂଗ୍ରହ, ମଙ୍ଗନ, କୋଇଲିବୁଡ, ଭୋଜି, ନାଣ୍ଡିମୁଖୀ ଶ୍ରାଦ୍ଧ, କଉଡି ଖେଳ, ଚଉଠି ବାହାଘର ଆଦି ରହିଛି। ବିବାହ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନମାଳିନ୍ୟ ଦେଖାଗଲେ ସେମାନେ ଛାଡପତ୍ର ଦେଇ ଅନ୍ୟତ୍ର ବିବାହ ମଧ୍ୟ କରିଥାନ୍ତି । ଏଥିସହ



ଗୋଣ୍ଡ ଜନଜାତିର ଆରାଧ୍ୟ 'ବଡାଦେଓ'

ଅନ୍ତଃଜାତି ବିବାହ, ବିଧବା ବିବାହ, ମାମୁଝିଅ ବିବାହ ଆଦି ସହ ସମ୍ପୃକ୍ତ ନୀତିନିୟମକୁ ମାନି ଏମାନେ ପରିଚାଳିତ। ମୃତ୍ୟୁ ସଂସ୍କାର ସହ ଜଡିତ ବିଭିନ୍ନ ନୀତି ଯଥା - ତେଲକାମ, ଦଶାହ, ଏକାଦଶାହ ଆଦି ପ୍ରଚଳିତ। ମୃତ ବ୍ୟକ୍ତିଙ୍କୁ ପୋଡିବା ବ୍ୟବସ୍ଥା ଏମାନଙ୍କ ସମାଜରେ ନାହିଁ । ବରଂ ମାଟି ଉପରେ ଶବର ମୁଣ୍ଡକୁ ଉତ୍ତର ଦିଗକୁ ରଖାଯାଇ ଶବ ଉପରେ ଚାରି ପାଂଚଟି ବଡ ବଡ କାଠ ବିଛାଇ ଦେଇ ତା' ଉପରେ ମାଟି ଦେଇ ପୋତି ଦିଅନ୍ତି। ଏହାବ୍ୟତୀତ ମାଛିଆ ପାତକ (ଗୋଡ ହାତରେ ଘା' ହୋଇ ପୋକ ଲାଗିବା), ଗୋହତ୍ୟା ହେଲେ ମଧ୍ୟ ଶୁଦ୍ଧି ହୋଇଥାନ୍ତି ।

ସାଂସ୍କୃତିକ ଜୀବନର ଅନ୍ୟ ଏକ ବଳିଷ୍ଠ ଉପାଦାନ ହେଲା ଦିଅଁଦେବତା । ଏମାନେ ସାଧାରଣତଃ ପ୍ରକୃତି ପୂଜାରୀ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏମାନେ ମାଟି, ଆକାଶ, ଜଳ, ବାୟୁ, ଅଗ୍ନି, ପାହାଡ, ନଦୀ, ବୃକ୍ଷ ଓ ଜୀବଜନ୍ତୁଙ୍କୁ ପୂଜା କରୁଥିଲେ ମାତ୍ର ପରବର୍ତ୍ତୀ ସମୟରେ ଗୃହ ରକ୍ଷା ନିମନ୍ତେ ଗୃହ ଦେବତା, ଗ୍ରାମରକ୍ଷା ନିମନ୍ତେ ଗ୍ରାମ ଦେବତା, ଗଡରକ୍ଷା ନିମନ୍ତେ ଗଡଦେବତା ତଥା ରାଷ୍ଟ୍ର ରକ୍ଷା ନିମନ୍ତେ ରାଷ୍ଟ୍ରଦେବତା ସ୍ଥାପନର ପରମ୍ପରା ଦେଖିବାକୁ ମିଳେ । ଗୋଷ୍ଠୀଭିତ୍ତିକ ଭାବେ ପୂଜା ପାଉଥିବା ଦେବାଦେବୀମାନଙ୍କ ମଧ୍ୟରେ ଅଛନ୍ତି ବଡଦେଓ, ଜଙ୍ଗାଦେଓ, ଲିଙ୍ଗାଦେଓ, ଫଡାପେନ, ମା କାଳୀ କଙ୍କାଳୀ ଏବଂ ଗୌରୀମାତା । ଏହି ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏକ ଉତ୍ତମ ଶସ୍ୟ ଲାଭ କରିବା ପାଇଁ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି। ସେଥିମଧ୍ୟରେ ରହିଛି ମାଘପୋଡି, ଶରଣପଶା, ଫୁଲଭାଗଣି, ଅକ୍ଷୟ ତୃତୀୟା, ଅଷାଳି ପୂଜା, ନୂଆଖାଇ, ଚଳେଇଗୁଡି, ମକର ପୁନେଇ, ପୁଷ ପୂଜା, ଦାରୁପୂଜା, ଦଙ୍ଗାଲିଙ୍ଗା ବଡଦେଓ ପୂଜା, ଦଶନ୍ତ ପୂଜା, ଖଣ୍ଡାପୂଜା, ଗୌରୀ ଓଷା, କାର୍ତ୍ତିକଙ୍କ ଲକ୍ଷ୍ମୀପୂଜା, ଶିବରାତ୍ରୀ, ଗଣେଶ ପୂଜା ଆଦି । ଏମାନଙ୍କ ସମାଜରେ ବ୍ରାହ୍ମଣମାନଙ୍କ ଦ୍ୱାରା କୌଣସି ପୂଜା ପାଠ ହୋଇ ନଥାଏ । ଗ୍ରାମବାସୀଙ୍କ ମିଳିତ ବିଚାରରେ ଗ୍ରାମର ଏକ ସ୍ୱତନ୍ତ୍ର ବ୍ୟକ୍ତିକୁ ଦେହୁରୀ ଭାବେ ନିର୍ବାଚନ କରାଯାଏ । ସେ ହିଁ ଗ୍ରାମର ସମସ୍ତ ପୂଜା ପାଠ କରନ୍ତି । ଧବଳ ବସ୍ତ୍ର ପରିଧାନ କରି ପୂଜା କରନ୍ତି । ଅଧିକାଂଶ ପୂଜାରେ ପଶୁପକ୍ଷୀ ବଳି ଦେବା ବ୍ୟବସ୍ଥା ପ୍ରଚଳିତ ।

କୃଷି, ଶିକାର ଏବଂ ଅରଣ୍ୟ ସମ୍ପଦ ଉପରେ ନିର୍ଭର କରି ଏମାନଙ୍କର ଅର୍ଥନୀତିକ ଜୀବନ ପରିଚାଳିତ ହେଉଥିଲେ ହେଁ ସମ୍ପ୍ରତି ଏମାନେ ଶାରୀରିକ ଶ୍ରମ କରି ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟରେ ନିୟୋଜିତ ହୋଇ ପରିବାର ପ୍ରତିପୋଷଣ କରିବା ସହ ଦେଶର ଅର୍ଥନୀତିକୁ ସୁଦୃଢ କରିବାରେ ସହାୟକ ହୋଇଛନ୍ତି । ରାଜନୀତିକ ଜୀବନ କଥା ବିଚାର କଲେ ଲକ୍ଷ୍ୟ କରାଯାଏ ଯେ; ଏମାନେ ଯେହେତୁ ସଙ୍ଘବଦ୍ଧ ଭାବେ ଜୀବନଯାପନ କରନ୍ତି ତେଣୁ ତାଙ୍କ ସମାଜରେ କୌଣସି ପ୍ରକାର ଅସୁବିଧା ବା ସମସ୍ୟା ଦେଖା ଦେଲେ ସେମାନେ ତାଙ୍କ ଦ୍ୱାରା ଗଠିତ ଜାତି ପଂଚାୟତ ତଥା ଗ୍ରାମମୁଖିଆ ଏବଂ ଆଉ ପାଂଚଜଣ ଅଭିଜ୍ଞ ବିଚାରଶୀଳ ବ୍ୟକ୍ତି ଯେଉଁ ସମାଧାନ କରନ୍ତି ବା ନିଷ୍ପତି ନିଅନ୍ତି ତାକୁ ସମସ୍ତେ ମାନି ଚଳନ୍ତି । ସ୍ଥଳବିଶେଷରେ ବ୍ୟକ୍ତିକୁ ଦଣ୍ଡ ଦିଆଯାଉଥିବା ବେଳେ କିଛି କିଛି ବ୍ୟକ୍ତିକୁ ଦଣ୍ଡ ସ୍ୱରୂପ ଜୋରିମାନା ଦେବାକୁ ହୁଏ ଏବଂ ବାସନ୍ଦ ହୋଇ ରହିବାକୁ ହୋଇଥାଏ । ବାସନ୍ଦ ବ୍ୟକ୍ତିଟି ସମାଜର ସବୁ ସୁବିଧାରୁ ବଂଚିତ ହୋଇଥାଏ । ବାଛନ୍ଦ ହୋଇ ରହିବା, ମୃତ୍ୟୁ ଠାରୁ ମଧ୍ୟ ଅଧିକ ଯନ୍ତ୍ରଣାଦାୟକ । ତେଣୁ ଏମାନେ ଅତ୍ୟନ୍ତ ଶୃଙ୍ଖଳିତ ଜୀବନଯାପନ କରନ୍ତି । ଏମାନଙ୍କ ସମାଜରେ କଦବା କ୍ୱଚିତ ଥାନା, କୋର୍ଟ, କଚେରୀ ଯିବାର ଦେଖାଯାଏ । ଅନେକ ସମସ୍ୟା ସେମାନେ ଗାଁରେ ହିଁ ବିଚାର କରି ସମାଧାନ କରନ୍ତି । ଏହାବ୍ୟତୀତ ଏମାନଙ୍କର ଏକ 'ଅଖିଳ ଭାରତୀୟ ଗୋଣ୍ଡୱାନ ଗୋଣ୍ଡ ମହାସଭା' ନାମକ ଏକ ସଭା ଏବଂ ସ୍ୱତନ୍ତ୍ର ସମ୍ବିଧାନ ମଧ୍ୟ ଗଠନ କରିଛନ୍ତି । ଯେଉଁଥିରେ ସେମାନଙ୍କ ଜାତି ସମ୍ପର୍କିତ ନୀତିନିୟମ ଲିପିବଦ୍ଧ । ଏହି ସଭା ବିଭିନ୍ନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଗ୍ରାମ, ବ୍ଲକ୍ ଓ ଜିଲ୍ଲା ସ୍ତରରେ ନାନା ଉନ୍ନତିମୂଳକ କାର୍ଯ୍ୟ କରି ଆସୁଛି ।

ଅନ୍ୟ ଆଦିବାସୀଙ୍କ ପରି ଗୋଣ୍ଡ ଜନଜାତିଙ୍କ ଠାରେ ମଧ୍ୟ ଅନ୍ଧବିଶ୍ୱାସ ଓ କୁସଂସ୍କାର ଭରି ରହିଛି । ତାକୁ ଦୂର କରିବାର ଆବଶ୍ୟକତା ରହିଛି । ଏହାବ୍ୟତୀତ ଶିକ୍ଷା କ୍ଷେତ୍ରରେ ପୂର୍ବରୁ ଅନଗ୍ରସର ଥିଲେ ମାତ୍ର ବର୍ତ୍ତମାନ ଉନ୍ନତି ଆଡକୁ ଧିରେ ଧିରେ ଗତି କରୁଛନ୍ତି । ନାରୀ ଜାତିକୁ ଏମାନେ ସମ୍ମାନ ଓ ଆଦର କରନ୍ତି । ଗୋଣ୍ଡ ସମାଜରେ ନାରୀଟିଏ ପୁରୁଷ ଠାରୁ ଅଧିକ କାର୍ଯ୍ୟ କରିଥାଏ। ତେଣୁ ନାରୀମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସ୍ୱାଧୀନତା ମିଳିଛି, ଏହା ଏମାନଙ୍କ ସମାଜର ଏକ ବିଶେଷତ୍ୱ। ଜାତିଗତ ପବିତ୍ରତା ରକ୍ଷା କରିବା ଗୋଣ୍ଡମାନଙ୍କର ପ୍ରଥମ କର୍ତ୍ତବ୍ୟ, ଏହି ଦୃଷ୍ଟିରୁ ସେମାନେ ସ୍ୱତନ୍ତ୍ର ବା ମୌଳିକ । ଉତ୍ତର ଓଡିଶାର କୌଣସି ଗୋଣ୍ଡ ଲୋକ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହେବା ଏବେ ସୁଦ୍ଧା ଦେଖାଯାଇ ନାହିଁ । ସାମାଜିକ ଶୃଙ୍ଖଳା ଦଣ୍ଡ ଉପରେ ନୀତିହୀନ ବେନିୟମ କାର୍ଯ୍ୟ କରିବାକୁ ସାଧାରଣତଃ କେହି ସାହାସ କରି ନଥାନ୍ତି । ଫଳତଃ ଏ ସମାଜ ମଧ୍ୟରେ ଶାନ୍ତି ଶୃଙ୍ଖଳା ଏଯାବତ୍ ତିଷ୍ଟି ରହିଥିବାର ଦେଖାଯାଏ ।

ଗୋଣ୍ଡ ସମ୍ପ୍ରଦାୟରେ ପ୍ରଚଳିତ ଭାଷାକୁ 'ଗୋଣ୍ଡି ଭାଷା' କୁହାଯାଏ । ଏହା ଦ୍ରାବିଡ ପରିବାରର ଅନ୍ୟତମ ମୁଖ୍ୟ

ଭାଷା। ଏଥିରେ ତେଲୁଗୁ ଭାଷାର ପ୍ରଭାବ ବେଶି । ଆଉ ଟିକେ ନିରୀକ୍ଷଣ କଲେ ଜଣାଯାଏ ଏଥିରେ ହିନ୍ଦୀ, ସଂସ୍କୃତ, ଯାବନିକ ଓ ପର୍ତ୍ତୁଗୀଜ ଭାଷାର ପ୍ରଭାବ କିଛି ମାତ୍ରାରେ ରହିଛି । ତେବେ ସଭ୍ୟତାର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ଉତର ଓଡିଶାର ଗୋଣ୍ଡମାନଙ୍କ ଠାରେ ଗୋଣ୍ଡି ଭାଷାର ପ୍ରଚଳନ ନାହିଁ । ଏମାନେ ଆଂଚଳିକ ଓଡିଆ ଭାଷାରେ କଥାବାର୍ତ୍ତା କରନ୍ତି । ଯାହାକି ଉତ୍ତରାଂଚଳୀୟ ଓଡିଆ ଭାଷା ରୂପେ ପରିଚିତ । ଓଡ଼ିଶାର ଉତ୍ତରାଂଚଳ ସହିତ ପଡୋଶୀ ବଙ୍ଗ ଭାଷାର 'ବଙ୍ଗଳା'ର ପ୍ରତ୍ୟକ୍ଷ ସମ୍ପର୍କ ରହିଥିବାରୁ ଏମାନଙ୍କ ଭାଷାରେ ବଙ୍ଗଳା ଭାଷାର ପ୍ରଭାବ ଖୁବ୍ ବେଶୀ ଦେଖାଯାଏ । ଗୋଣ୍ଡି ଭାଷାର ପ୍ରଚଳନ କେବଳ କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାର ରାଇଘର, କୋରାପୁଟ ଜିଲ୍ଲାର କିଛି ଅଂଚଳରେ ପ୍ରଚଳିତ । ଏହାବ୍ୟତୀତ ଓଡ଼ିଶାର କୌଣସି ସ୍ଥାନରେ ଗୋଣ୍ଡି ଭାଷାର ପ୍ରଚଳନ ନାହିଁ । ଉତ୍ତରାଂଚଳୀୟ ଓଡିଆ ଭାଷାାରେ 'ଓ'ର ବ୍ୟବହାର ନାହିଁ । 'ହୋ' ଏବଂ 'ଲୋ'ର ସମ୍ବୋଧନ ବାଚକ ଶବ୍ଦକୁ ଛାଡି ଦେଲେ ଅନ୍ୟକୌଣସି ଶବ୍ଦର ଶେଷରେ 'ଓ' ଉଚ୍ଚାରଣ ଶୁଣିବାକୁ ମିଳେ ନାହିଁ ।

ଗୋଣ୍ଡ ଜନଜାତି ସାହିତ୍ୟର ବୈଚିତ୍ର୍ୟ ହେଉଛି ତାହାର ମୌଖିକ ପରମ୍ପରା । ଏହି ମୌଖିକ ପରମ୍ପରା ପ୍ରାଚୀନ କାଳରେ ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ପ୍ରଲମ୍ବିତ । ରହସ୍ୟମୟ ନୀରବତାର ଭାଷା, ଶବ୍ଦମୟ ପବିତ୍ର ଗୀତ ସବୁ ପୁରାଣ କଳ୍ପରେ କଥା କହେ। ପାରମ୍ପରିକ ସମୂହ ଚେତନାର ଏହା ଏକ ସଫଳ ରୂପାୟନ। ଏମାନଙ୍କ ପୌରାଣିକ ଚେତନାରେ ଅଛି ଅନେକ ପ୍ରତୀକ; ଯେମିତି ଦାରୁଦେବଙ୍କ ଠାରୁ ଆରମ୍ଭ କରି ବୃକ୍ଷଲତା, ବଣପାହାଡ, ଝରଣା-ନଦୀ, କୀଟପତଙ୍ଗ ସବୁଥିରେ ସମାହିତ ଏବଂ ଅନେକ ସମୟରେ ତାହା ସମାଚୀନ । ଦୃଶ୍ୟମାନେ ଜଗତର ଅଦୃଶ୍ୟ ଅନୁଭବ ସବୁ ହିଁ ପୁରାଣ କଳ୍ପରେ ସଂଗୋପିତ । ଲୋକଗୀତ ଗୁଡିକ ଶୁଣାଏ ବାସ୍ତବ ଜୀବନର ପରିଧିରୁ ମୃତ୍ୟ ପର୍ଯ୍ୟନ୍ତ ଆତ୍ମାର ଅନୁରଣତା। କେବଳ ଗୀତ ନୁହେଁ, ଗୀତ ସହିତ ଥାଏ ବାଦ୍ୟ ଓ ନୃତ୍ୟର ସମାହାର। ସକାଳ ଠାରୁ ସଞ୍ଜ, ଚଇତି ଠାରୁ ମାଘ ସାମାଜିକ ଚଳଣୀ ସଙ୍ଗେ ସର୍ଜନଶୀଳ ମନର ପ୍ରକାଶ ସବୁ ଥାଏ ଏମାନଙ୍କ ଲୋକଗୀତଗୁଡିକରେ । ସମାଜରେ ପ୍ରଚଳିତ ଲେକୋକ୍ତି, ପ୍ରବଚନ, ନାଁ ଦିଆ ଆଦି ଲୋକଜୀବନର ବିପୁଳ ଅଭିଜ୍ଞତା ଓ ଅନୁଭୂତିର ଫଳଶ୍ରୁତି। ଅନେକ ସମୟରେ ଏହି ଲୋକୋକ୍ତିଗୁଡିକ ବିଭିନ୍ନ ସମସ୍ୟାର ସମାଧାନରେ ସହାୟକ ହୋଇଥାଏ। ସେମାନଙ୍କ କାହାଣୀଗୁଡିକ କାଳ୍ପନିକ ବାସ୍ତବତାର ପ୍ରତିନିଧିତ୍ୱ କରେ । ଗଳ୍ପଗୁଡିକ ମନୋରଞ୍ଜକ ହେଲେ ହେଁ ନୀତିଶିକ୍ଷା ପ୍ରଦାନରେ ଏସବୁର ଗୁରୁତ୍ୱ କମ୍ ନୁହେଁ । ଏମାନଙ୍କ ସମାଜରେ ପ୍ରଚଳିତ ନାଟକ ମଧ୍ୟରେ ରହିଛି ଡେମସା ନୃତ୍ୟ, ପୁଷପରବ ନୃତ୍ୟ, ଶିକାର ନୃତ୍ୟ, ଛଟକୀ ନାଚ, ଛକୁଲା ନାଚ ଏବଂ ଘୁମୁରା ନାଚ । ଏହ ନାଟକଗୁଡିକ ଜୀବନକୁ ଅଧିକ ଆନନ୍ଦ ପ୍ରଦାନ କରିବା ସହ ଏକତା ସୂତ୍ରରେ ଆବଦ୍ଧ କରି ରଖିବାର ଏକ ବଳିଷ୍ଠ ମାଧ୍ୟମ। ଏହା ଗ୍ରାମୀଣ ଲୋକ ସମାଜ ମଧ୍ୟରେ ସଂହତି, ଭକ୍ତି, ଆଧ୍ୟାତ୍ମିକତା ଚେତନା, ଦେଶପ୍ରୀତି ଇତ୍ୟାଦି ଆଦର୍ଶମୂଳକ ଶିକ୍ଷା ଦେବାରେ ସହାୟକ ହୋଇଥାଏ । କିନ୍ତୁ ଦୁଃଖର ବିଷୟ ଏହି ଶକ୍ତିଶାଳୀ ଗଣମାଧ୍ୟମଟି କ୍ରମେ ଅବକ୍ଷୟ ଆଡକୁ ଗତି କରିଛି । ବୋଧହୁଏ ଆଧୁନିକ ସିନେମା, ଟି.ଭି. ଅପେରା, ଇଂଟରନେଟ ଆଦିର ବହୁଳ ବ୍ୟବହାର ଦ୍ୱାରା। ମାତ୍ର ତାର ଆକର୍ଷଣ ଓ ଆବେଦନ ଏବେ ବି ସାମାଜିକ ଜୀବନକୁ ଆଚ୍ଛନ୍ନ କରି ରଖିଛି । ସେଥିପାଇଁ ଅତୀତ ହୋଇ ବି ଲୋକନାଟ୍ୟ ଆମ ପାଖରେ ଚିର ବର୍ତ୍ତମାନ ମୃତ ହୋଇ ମଧ୍ୟ ଜୀବନ୍ତ ଓ ସତେଜ । କଳା, ସାହିତ୍ୟ ଓ ନୃତ୍ୟ ଗୀତରେ ନିହିତ ଚେତନା ପ୍ରତିନିୟତ ଗୋଣ୍ଡ ଜନଜାତିକୁ ତାର ପ୍ରକୃତି ଓ ସଂସ୍କୃତି ସହ ଏବେ ମଧ୍ୟ ଯୋଡି ରଖିଛି ।

**ସହାୟକ ଗ୍ରନ୍ଥସୂଚୀ:**

1- ନାୟକ, ବିରଞ୍ଚି : ଗୋଣ୍ଡ ମାନଙ୍କର ମୂଳ ନିବାସ ସ୍ଥଳ ପରିଚୟ, ଝାରସୁଗୁଡା, ପ୍ରଥମ ପ୍ରକାଶ ୨୦୧୮

2- ପଟ୍ଟନାୟକ, ଜିତେନ୍ଦ୍ର :ଡ଼ଙ୍ଗର ଉହାଡ଼େ ଜାହ୍ନ : ଗୋଣ୍ଡ ଜୀବନ ଓ ସଂସ୍କୃତି, କ୍ରିଏସନ, ଟଙ୍କପାଣି ରୋଡ଼, ଭୁବନେଶ୍ୱର, ପ୍ରଥମ ପ୍ରକାଶ ୨୦୧୭

3- ଭୋଇ, ରାଜୀବ ପ୍ରସାଦ : ଭାରତୀୟ ଗୋଣ୍ଡ ଇତିହାସ, ଜ୍ଞାନପୀଠ ଶ୍ରୀପତି ଭବନ, ବଲାଙ୍ଗିର, ପ୍ରଥମ ପ୍ରକାଶ ୨୦୦୪

4- କୁମରେ, ମଶାରାମ : ଗୋଣ୍ଡବଂଶ କା ଇତିହାସ ଏବଂ ସଂସ୍କୃତି, ବିଶ୍ୱଭାରତୀ ପ୍ରକାଶନ, ନାଗପୁର, ୨୦୨୪

5- Mehta,B.H: Gonda of Central Indian Highlands,vol-1,Concept Publishing Company Bali Nagar,New Delhi,1984

■ ■ ■

ପଞ୍ଚରା
ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ଲୋକସଂସ୍କୃତି ଓ ପରମ୍ପରା : ଏକ ପରିଚିତି

ଆଲିଶ କୁମାର କର୍ଣ୍ଣ
ଗବେଷକ, ବିଶ୍ୱଭାରତୀ , ଶାନ୍ତିନିକେତନ , ପଶ୍ଚିମବଙ୍ଗ

DOI - https://doi.org/10.5281/zenodo.19417531

## ସାରାଂଶ

ଲୋକସଂସ୍କୃତି (Folklore) ହେଉଛି ମାନବ ସାଂସ୍କୃତିକ ଐତିହ୍ୟର ଏକ ଅତ୍ୟାବଶ୍ୟକ ଅଂଶ; ଯାହା ଏକ ସମ୍ପ୍ରଦାୟର ବିଶ୍ୱାସ, ପରମ୍ପରା, ପ୍ରଥା ଏବଂ ମୂଲ୍ୟବୋଧକୁ ପ୍ରତିଫଳିତ କରେ । ସାଧାରଣ ଲୋକଙ୍କ ପାରମ୍ପରିକ ଜ୍ଞାନ ଓ ସାଂସ୍କୃତିକ ଅଭିବ୍ୟକ୍ତିକୁ ବର୍ଣ୍ଣନା କରିବା ପାଇଁ ୧୮୪୬ ମସିହାରେ ୱିଲିୟମ୍ ଜନ୍ ଥମ୍ସ (William john Thoms)ଏହି ଶବ୍ଦଟି ପ୍ରଥମେ ପ୍ରଚଳନ କରିଥିଲେ । ଲୋକସଂସ୍କୃତି ମୁଖ୍ୟତଃ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ମୌଖିକ ଭାବରେ ସଂକ୍ରମିତ ହୁଏ ଓ ଏଥିରେ ପୌରାଣିକ କାହାଣୀ, କିମ୍ବଦନ୍ତୀ, ଲୋକକଥା, ପ୍ରହରୀ, ଗୀତ, ରୀତିନୀତି ଏବଂ ପ୍ରଥା ଅନ୍ତର୍ଭୁକ୍ତ ଅଟେ । ଏହା ଅଜ୍ଞାତ ଲେଖକତ୍ୱ, ସାମୂହିକ ସୃଷ୍ଟି, ପରିବର୍ତ୍ତନ, ମୌଖିକ ପ୍ରସାରଣ ଓ ସାଂସ୍କୃତିକ ନିରନ୍ତରତା ଭଳି ବୈଶିଷ୍ଟ୍ୟ ଦ୍ୱାରା ବର୍ଣ୍ଣିତ । ଲୋକସଂସ୍କୃତି ଶିକ୍ଷା, ମନୋରଞ୍ଜନ ଓ ସାଂସ୍କୃତିକ ପରିଚୟ ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହା ସାମାଜିକ ମାନଦଣ୍ଡ, ନୈତିକ ମୂଲ୍ୟବୋଧ ଏବଂ ଏକ ସମ୍ପ୍ରଦାୟର ବିଶ୍ୱଦୃଷ୍ଟିକୁ ପ୍ରତିଫଳିତ କରେ । ଲୋକସଂସ୍କୃତିକୁ ମୌଖିକ ଲୋକସଂସ୍କୃତି, ଭୌତିକ ଲୋକସଂସ୍କୃତି, ପାରମ୍ପରିକ ଲୋକସଂସ୍କୃତି ଏବଂ ପ୍ରଦର୍ଶନ ଲୋକସଂସ୍କୃତିରେ ବର୍ଗୀକୃତ କରାଯାଇପାରେ, ପ୍ରତ୍ୟେକଟି ସାଂସ୍କୃତିକ ପ୍ରକାଶନର ଭିନ୍ନ ଭିନ୍ନ ରୂପକୁ ପ୍ରତିନିଧିତ୍ୱ କରେ । ମୌଖିକ ଲୋକସଂସ୍କୃତିରେ କାହାଣୀ ଓ ପ୍ରବାଦ ଅନ୍ତର୍ଭୁକ୍ତ; ଭୌତିକ ଲୋକସଂସ୍କୃତିରେ ହସ୍ତଶିଳ୍ପ ଓ କଳାକୃତି ଅନ୍ତର୍ଭୁକ୍ତ; ପାରମ୍ପରିକ ଲୋକସଂସ୍କୃତିରେ ଆଚରଣ ଓ ପର୍ବପର୍ବାଣି ଅନ୍ତର୍ଭୁକ୍ତ ଏବଂ ପ୍ରଦର୍ଶନକାରୀ ଲୋକସଂସ୍କୃତିରେ ଲୋକଗୀତ ଓ ନୃତ୍ୟ ଅନ୍ତର୍ଭୁକ୍ତ ଅଟେ। ତେଣୁ ଲୋକସଂସ୍କୃତି, ସାଂସ୍କୃତିକ ଜ୍ଞାନର ଏକ ମୂଲ୍ୟବାନ ଉତ୍ସ ଭାବରେ କାର୍ଯ୍ୟ କରେ ଓ ପିଢ଼ି ପରେ ପିଢ଼ି ଲୋକଙ୍କ ସାଂସ୍କୃତିକ ପରମ୍ପରା ଓ ପରିଚୟକୁ ସଂରକ୍ଷଣ କରିବାରେ ସାହାଯ୍ୟ କରେ ।

**ମୂଳଶବ୍ଦ** - ଲୋକସଂସ୍କୃତି, ପରମ୍ପରା, ମୌଖିକ ପରମ୍ପରା, ସମ୍ପ୍ରଦାୟ, ବିଶ୍ୱାସ, ପ୍ରଥା, ରୀତିନୀତି, ପୌରାଣିକ କଥା, କିମ୍ବଦନ୍ତୀ, ଲୋକକଥା, ପ୍ରହେଳିକା, ଲୋକଗୀତ, ଲୋକନୃତ୍ୟ, ଲୋକନାଟ୍ୟ, ସାଂସ୍କୃତିକ ପରିଚୟ, ଐତିହ୍ୟ, ଅଜ୍ଞାତ ଲେଖକତ୍ୱ, ସାମୂହିକ ସୃଷ୍ଟି, ମୌଖିକ ପ୍ରସାରଣ, ବିବିଧତା, ପ୍ରତୀକବାଦ, ଅଲୌକିକ, ନୈତିକ ଶିକ୍ଷା, କାହାଣୀ କଥନ, ପ୍ରଦର୍ଶନ, ସାମାଜିକ ଅଭ୍ୟାସ, ସାଂସ୍କୃତିକ ସଂରକ୍ଷଣ, ପାରମ୍ପରିକ ଜ୍ଞାନ, ଲୋକକଳା, ଲୋକସଙ୍ଗୀତ, ଭୌତିକ ସଂସ୍କୃତି, ସାମାଜିକ ପ୍ରଥା, ରୀତିନୀତି ପ୍ରଥା, ସାଂସ୍କୃତିକ ମୂଲ୍ୟବୋଧ, ସାମୂହିକ ସ୍ମୃତି, ଲୋକପ୍ରିୟ ପରମ୍ପରା, ଜାତିଗତ ପରମ୍ପରା, ଆଦିବାସୀ ଜ୍ଞାନ, ସାଂସ୍କୃତିକ ପ୍ରକାଶନ ।

ଲୋକସଂସ୍କୃତି (Folklore) ହେଉଛି ମାନବ ସମାଜର ସାଂସ୍କୃତିକ ପ୍ରକାଶନ; ଏହା ସବୁଠାରୁ ପୁରୁଣା ଏବଂ ଗୁରୁତ୍ୱପୂର୍ଣ୍ଣ ରୂପ ମଧ୍ୟରୁ ଗୋଟିଏ । ଲେଖାର ଉଦ୍ଭାବନ ପୂର୍ବରୁ ସମ୍ପ୍ରଦାୟଗୁଡ଼ିକ କାହାଣୀ, ଗୀତ, ରୀତିନୀତି ଏବଂ ପ୍ରଥା ମାଧ୍ୟମରେ ସେମାନଙ୍କର ବିଶ୍ୱାସ, ଭାବନା, ଜ୍ଞାନ ଏବଂ ପରମ୍ପରା ପ୍ରକାଶ କରୁଥିଲେ । ଏହି ପାରମ୍ପରିକ ଅଭିବ୍ୟକ୍ତିଗୁଡ଼ିକ ପିଢ଼ି ପରେ ପିଢ଼ି ଚାଲିଆସିଥିଲା, ଯାହାକୁ ଆମେ ବର୍ତ୍ତମାନ ଲୋକସଂସ୍କୃତି କହୁଛୁ । ଲୋକସଂସ୍କୃତି ଲୋକଙ୍କ ଜୀବନ, ସଂସ୍କୃତି, ଜ୍ଞାନ ଓ କଳ୍ପନାକୁ ପ୍ରତିଫଳିତ କରେ। ଏହା ଅତୀତକୁ ବର୍ତ୍ତମାନ ସହିତ ସଂଯୋଗ କରେ ଏବଂ ସାଂସ୍କୃତିକ ପରିଚୟକୁ ସଂରକ୍ଷଣ କରିବାରେ ସାହାଯ୍ୟ କରେ (ଡୋରସନ୍ ୩) ।

"Folklore" ଶବ୍ଦଟି ପ୍ରଥମେ ୧୮୪୬ ମସିହାରେ ଇଂରାଜୀ ବିଦ୍ୱାନ ୱିଲିୟମ୍ ଜନ୍ ଥମ୍ସ (William john thoms)ଙ୍କ ଦ୍ୱାରା ପ୍ରଚଳିତ ହୋଇଥିଲା । ସେ ସାଧାରଣ ଲୋକଙ୍କ ପାରମ୍ପରିକ ଜ୍ଞାନ ଓ ସାଂସ୍କୃତିକ ପ୍ରକାଶନକୁ ବର୍ଣ୍ଣନା କରିବା ପାଇଁ ଏହି ଶବ୍ଦଟି ବ୍ୟବହାର କରିଥିଲେ (ଥମ୍ସ ୧୮୪୬) । ସେବେଠାରୁ ଲୋକସଂସ୍କୃତି ବିଶ୍ୱବ୍ୟାପୀ ଅଧ୍ୟୟନ କରାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ ଶୃଙ୍ଖଳାରେ ବିକଶିତ ହୋଇଛି । ଆଲାନ୍ ଡୁଣ୍ଡେସ୍ ଏବଂ ରିଚାର୍ଡ ଏମ୍. ଡୋରସନ୍ ଭଳି ବିଦ୍ୱାନମାନେ ଲୋକସଂସ୍କୃତିର ଅଧ୍ୟୟନକୁ ବିସ୍ତାର କରିଛନ୍ତି ଓ ମାନବ ସମାଜକୁ ବୁଝିବାରେ ଏହାର ଗୁରୁତ୍ୱ ଉପରେ ଗୁରୁତ୍ୱ ଦେଇଛନ୍ତି (ଡୁଣ୍ଡେସ୍ ୫; ଡୋରସନ୍ ୭) ।

ଲୋକସଂସ୍କୃତି ଲୋକଙ୍କ ଗୋଷ୍ଠୀ ଦ୍ୱାରା ବ୍ୟବହାର କରାଯାଉଥିବା ପାରମ୍ପରିକ ବିଶ୍ୱାସ, ପ୍ରଥା, ପରମ୍ପରା, କାହାଣୀ, ଗୀତ, ପ୍ରବାଦ, ରୀତିନୀତି ଏବଂ ଅଭ୍ୟାସକୁ ବୁଝାଏ । ଏହା ସାଧାରଣତଃ ଲିଖିତ ପାଠ୍ୟ ମାଧ୍ୟମରେ ନୁହେଁ ବରଂ ମୌଖିକ କିମ୍ବା ଅଭ୍ୟାସ ମାଧ୍ୟମରେ ପ୍ରସାରିତ ହୁଏ । ଲୋକସଂସ୍କୃତିରେ ମୌଖିକ ଏବଂ ଅମୌଖିକ ପରମ୍ପରା ଅନ୍ତର୍ଭୁକ୍ତ ଯାହା ଏକ ସମ୍ପ୍ରଦାୟର ସାମୂହିକ ଅଭିବ୍ୟକ୍ତିକୁ ପ୍ରକାଶ କରେ । ସରଳ ଶବ୍ଦରେ, ଲୋକସଂସ୍କୃତି ହେଉଛି ଲୋକଙ୍କ ପାରମ୍ପରିକ ସଂସ୍କୃତି; ଯାହା କୌଣସି ଏକ ବ୍ୟକ୍ତିଙ୍କର ନୁହେଁ ବରଂ ସମଗ୍ର ସମ୍ପ୍ରଦାୟର ଅଟେ । ଏହା ସମାଜ ମଧ୍ୟରେ ସ୍ୱାଭାବିକ ଭାବରେ ବୃଦ୍ଧି ପାଏ ଓ ସମୟ ସହିତ ଧୀରେ ଧୀରେ ପରିବର୍ତ୍ତନ ହୁଏ।

## ଲୋକସଂସ୍କୃତିର ସଂଜ୍ଞା (Definition of Folklore)

ବିଭିନ୍ନ ବିଦ୍ୱାନମାନେ ଲୋକସଂସ୍କୃତି (Folklore)କୁ ବିଭିନ୍ନ ଉପାୟରେ ପରିଭାଷିତ କରିଛନ୍ତି ଯଥା:-

ୱିଲିୟମ୍ ଜନ୍ ଥମ୍ସଙ୍କ ଅନୁସାରେ, "ଲୋକସଂସ୍କୃତିରେ ସାଧାରଣ ଲୋକଙ୍କ ଆଚରଣ, ପ୍ରଥା, ପାଳନ, ଅନ୍ଧବିଶ୍ୱାସ, ଗାଥା, ପ୍ରବାଦ ଏବଂ ପରମ୍ପରା ଅନ୍ତର୍ଭୁକ୍ତ" (ଥମ୍ସ ୨୪୫) ।

ଆଲାନ୍ ଡୁଣ୍ଡେସଙ୍କ ଅନୁସାରେ, "ଲୋକସଂସ୍କୃତି ହେଉଛି ପାରମ୍ପରିକ, ଅନୌପଚାରିକ, ଅଣ-ଆନୁଷ୍ଠାନିକ ସଂସ୍କୃତି; ଯେଉଁଥିରେ ଗୋଟିଏ ଗୋଷ୍ଠୀ ଦ୍ୱାରା ସେୟାର କରାଯାଇଥିବା

ସମସ୍ତ ପ୍ରକାରର ପାରମ୍ପରିକ ଅଭିବ୍ୟକ୍ତି ଅନ୍ତର୍ଭୁକ୍ତ" (ଡୁଣ୍ଡେସ୍ ୨)।

ଡାନ୍ ବେନ୍-ଆମୋସଙ୍କ ଅନୁସାରେ, "ଲୋକସଂସ୍କୃତି ହେଉଛି ଛୋଟ ଗୋଷ୍ଠୀରେ କଳାତ୍ମକ ଯୋଗାଯୋଗ" (ବେନ୍-ଆମୋସ ୧୩) ।

ରିଚାର୍ଡ ଏମ୍. ଡୋରସନଙ୍କ ମତରେ, "ଲୋକସଂସ୍କୃତିରେ ଲୋକଙ୍କ ପାରମ୍ପରିକ ବିଶ୍ୱାସ, କାହାଣୀ, ପୌରାଣିକ କଥା, କିମ୍ବଦନ୍ତୀ, ପ୍ରବାଦ, ପ୍ରଥା ଓ ଗୀତ ଅନ୍ତର୍ଭୁକ୍ତ" (ଡୋରସନ ୩) ।

ଏହି ପରିଭାଷାଗୁଡ଼ିକରୁ ଏହା ସ୍ପଷ୍ଟ ଯେ, ଲୋକସଂସ୍କୃତିରେ ପାରମ୍ପରିକ ଜ୍ଞାନ ଏବଂ ପ୍ରକାଶନୀୟ ରୂପ ଅନ୍ତର୍ଭୁକ୍ତ; ଯାହା ସାମୂହିକ ଭାବରେ ଅଂଶୀଦାରିତ ହୁଏ ଓ ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ପ୍ରସାରିତ ହୁଏ।

## ଲୋକସଂସ୍କୃତି ଅଧ୍ୟୟନର ଉତ୍ପତ୍ତି ଏବଂ ବିକାଶ (Origin and Development of Folklore studies)

ଊନବିଂଶ ଶତାବ୍ଦୀରେ ୟୁରୋପରେ ଲୋକସଂସ୍କୃତିର ଶୈକ୍ଷିକ ଅଧ୍ୟୟନ ଆରମ୍ଭ ହୋଇଥିଲା । ଜାତୀୟ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ବିଦ୍ୱାନମାନେ ଲୋକସଂସ୍କୃତି ଏବଂ ପାରମ୍ପରିକ ଗୀତ ସଂଗ୍ରହ କରିଥିଲେ । ଜାକବ ଗ୍ରୀମ୍ ଏବଂ ୱିଲହେଲ୍ମ ଗ୍ରୀମ୍ (Jacob Grimm and Wilhelm Grimm)ଙ୍କ ଦ୍ୱାରା ପ୍ରଦତ୍ତ ପରୀ କାହାଣୀର ପ୍ରସିଦ୍ଧ ସଂଗ୍ରହ ଲୋକସଂସ୍କୃତି (Folklore) ଅଧ୍ୟୟନର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ବିଂଶ ଶତାବ୍ଦୀରେ ଲୋକସଂସ୍କୃତି ଅଧ୍ୟୟନକୁ ମାନବଶାସ୍ତ୍ର, ସମାଜବିଜ୍ଞାନ, ମନସ୍ତତ୍ତ୍ୱ ଏବଂ ସାହିତ୍ୟିକ ସମାଲୋଚନା ଅନ୍ତର୍ଭୁକ୍ତ ହୋଇଥିବାରୁ ବିସ୍ତାରିତ ହୋଇଥିଲା। ଫ୍ରାଞ୍ଜ ବୋଆସ୍ (Franz Boas) ପରି ବିଦ୍ୱାନମାନେ ସାଂସ୍କୃତିକ ମାନବଶାସ୍ତ୍ରର ଅଂଶ ଭାବରେ ଲୋକସଂସ୍କୃତି ଅଧ୍ୟୟନ କରିଥିଲେ । ପରେ ଆଧୁନିକ ଲୋକସଂସ୍କୃତିବିତମାନେ ସହରାଞ୍ଚଳ କିମ୍ବଦନ୍ତୀ ଓ ଲୋକପ୍ରିୟ ସଂସ୍କୃତି ସମେତ ସମସାମୟିକ ଲୋକସଂସ୍କୃତି ପରୀକ୍ଷା କରିବା ଆରମ୍ଭ କରିଥିଲେ । ଆଜି ଲୋକସଂସ୍କୃତିକୁ ଇତିହାସ, ସାହିତ୍ୟ, ଭାଷାବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ ସହିତ ଜଡ଼ିତ ଏକ ଆନ୍ତଃବିଷୟିକ ବିଷୟ ଭାବରେ ଅଧ୍ୟୟନ କରାଯାଏ ।

## ଲୋକସଂସ୍କୃତିର ସ୍ୱରୂପ (Nature of Folklore)

୧. ମୌଖିକ ପ୍ରସାରଣ (Oral transmission)

ଲୋକସଂସ୍କୃତି ମୁଖ୍ୟତଃ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ମୌଖିକ ଭାବରେ ପ୍ରେରିତ ହୁଏ । କାହାଣୀ, ଗୀତ ଓ ପ୍ରବାଦ ଲେଖିବା ଅପେକ୍ଷା କହିବା ଏବଂ ଶୁଣିବା ଦ୍ୱାରା ଅଂଶୀଦାର କରାଯାଏ ।

୨. ସାମୂହିକ ମାଲିକାନା (Collective ownership)

ଲୋକସଂସ୍କୃତି ସମ୍ପ୍ରଦାୟର, ଜଣେ ବ୍ୟକ୍ତିଗତ ଲେଖକଙ୍କର ନୁହେଁ । ଯଦିଓ କେହି ଏକ କାହାଣୀ ସୃଷ୍ଟି କରନ୍ତି, ତେବେ ଏହା କେବଳ ସେତେବେଳେ ଲୋକସଂସ୍କୃତିର ଅଂଶ ହୋଇଯାଏ ଯେତେବେଳେ ସମ୍ପ୍ରଦାୟ ଏହାକୁ ଗ୍ରହଣ କରେ ଓ ବାଣ୍ଟିଥାଏ ।

୩. ପାରମ୍ପରିକ ପ୍ରକୃତି (Traditional Nature)

ଲୋକସଂସ୍କୃତି ପାରମ୍ପରିକ ଧାରା ଅନୁସରଣ କରେ । ଏହା ଏକ ଗୋଷ୍ଠୀର ଦୀର୍ଘକାଳୀନ ବିଶ୍ୱାସ, ପ୍ରଥା ଏବଂ ଅଭ୍ୟାସକୁ ପ୍ରତିଫଳିତ କରେ ।

୪. ପରିବର୍ତ୍ତନଶୀଳ (Changebility)

ଲୋକସଂସ୍କୃତିର କୌଣସି ଦୁଇଟି ସଂସ୍କରଣ ସମ୍ପୂର୍ଣ୍ଣ ସମାନ ନୁହେଁ। ପ୍ରତ୍ୟେକ ଥର କହିବା ସମୟରେ ଲୋକସଂସ୍କୃତି ସାମାନ୍ୟ ପରିବର୍ତ୍ତନ ହୁଏ । ଏହି ପରିବର୍ତ୍ତନ ଲୋକସଂସ୍କୃତିକୁ ଗତିଶୀଳ କରିଥାଏ ।

୫. ଅଜ୍ଞାତ ଲେଖକତ୍ୱ (Anonymous Authorship)

ଅଧିକାଂଶ ଲୋକସଂସ୍କୃତିର କୌଣସି ଜଣାଶୁଣା ଲେଖକ ନାହାଁନ୍ତି । ଏହା ସମାଜ ମଧ୍ୟରେ ସ୍ୱାଭାବିକ ଭାବରେ ବିକଶିତ ହୁଏ ।

୬. କାର୍ଯ୍ୟକ୍ଷମ ଦିଗ (Functional Aspect)

ଲୋକସଂସ୍କୃତି ସାମାଜିକ କାର୍ଯ୍ୟ କରେ । ଏହା ଶିକ୍ଷା ଦିଏ, ମନୋରଞ୍ଜନ କରେ, ନୈତିକ ମୂଲ୍ୟବୋଧକୁ ସଂରକ୍ଷଣ କରେ ଏବଂ ସାମାଜିକ ଏକତାକୁ ସୁଦୃଢ଼ କରେ ।

୭. ସାଂସ୍କୃତିକ ପରିଚୟ (Cultural Identity)

ଲୋକସଂସ୍କୃତି ଏକ ସମ୍ପ୍ରଦାୟର ପରିଚୟକୁ ପ୍ରତିଫଳିତ କରେ। ଏହା ସେମାନଙ୍କର ବିଶ୍ୱଦୃଷ୍ଟିକୋଣ, ଧାର୍ମିକ ବିଶ୍ୱାସ ଓ ସାମାଜିକ ମାନଦଣ୍ଡକୁ ପ୍ରକାଶ କରେ ।

ଉପରୋକ୍ତ ଏହି ସବୁ ସ୍ୱରୂପ ସହିତ ଆହୁରି ଅନେକ ପ୍ରତୀକାତ୍ମକ, ଅନୌପଚାରିକ, ସାମ୍ପ୍ରଦାୟିକ, ନମନୀୟ, ପୁନରାବୃତ୍ତି, ସ୍ମରଣୀୟ, ବୃତ୍ତାନ୍ତ, ପ୍ରକାଶନୀୟ, କାର୍ଯ୍ୟଶୀଳ, ଶିକ୍ଷାଗତ, ମନୋରଞ୍ଜକ, ନୈତିକ, ଆନୁଷ୍ଠାନିକ, ଅଲୌକିକ, ବିଶ୍ୱାସ-ଭିତ୍ତିକ, ଐତିହାସିକ, କିମ୍ବଦନ୍ତୀ, କଳ୍ପନାମୂଳକ, ସୃଜନଶୀଳ, ସରଳ ଓ ବୋଧଗମ୍ୟ, ପାରମ୍ପରିକ, ରକ୍ଷଣଶୀଳ, ଗତିଶୀଳ, ପରିବର୍ତ୍ତନଶୀଳ, ସ୍ଥାନୀୟ, ଆଞ୍ଚଳିକ, ସାର୍ବଜନୀନ, ମାନବ, ସଙ୍ଗୀତିକ, ତାଳମୟ, କଳାତ୍ମକ, ପ୍ରଦର୍ଶନଶୀଳ, ସାମାଜିକ, ଅଂଶୀଦାର, ଭାବପ୍ରବଣ, ଅର୍ଥପୂର୍ଣ୍ଣ, ଚଳିତଗତ, ଅଭ୍ୟାସଗତ, ଶିକ୍ଷାମୂଳକ, ଶିକ୍ଷଣୀୟ, ପରିଚୟ-ଗଠନ, ସାଂସ୍କୃତିକ ଆଦି ବହୁତ ଗୁରୁତ୍ୱପୂର୍ଣ୍ଣ ଲୋକ ସଂସ୍କୃତିର ସ୍ୱରୂପ (ଡୁଣ୍ଡେସ୍ ୩); (ବାସ୍କମ୍ ୫); (ଅଜୟ ମିଶ୍ର ୧-୫୦୦); (ମହାପାତ୍ର ୧-୧୫୦); (ପାଣିଗ୍ରାହୀ ୧-୨୪୦); (ମହେନ୍ଦ୍ର ମିଶ୍ର ୧-୧୮୫) ।

## ଲୋକସଂସ୍କୃତିର ବିଭାଗୀକରଣ (Classification of Folklore)

ଲୋକସଂସ୍କୃତିକୁ ବ୍ୟାପକ ଭାବରେ ଦେଖିଲେ ଅନେକ ପ୍ରକାରରେ ବିଭକ୍ତ କରାଯାଇପାରେ । ଯେପରିକି:-

**୧. ମୌଖିକ ଲୋକସଂସ୍କୃତି (Oral Folklore)**

ଏଥିରେ ପରମ୍ପରାର କଥିତ କିମ୍ବା ଗାନ କରାଯାଇଥିବା ରୂପ ଅନ୍ତର୍ଭୁକ୍ତ ।

(କ) ଲୋକକଥା

ପାରମ୍ପରିକ କାହାଣୀ ଯାହା ମୌଖିକ ଭାବରେ ପ୍ରସାରିତ ହୁଏ । ଉଦାହରଣ ମଧ୍ୟରେ ପରୀ କାହାଣୀ ଏବଂ ପଶୁକଥା ଅନ୍ତର୍ଭୁକ୍ତ ।

(ଖ) ପୌରାଣିକ କାହାଣୀ

ବିଶ୍ୱର ଉତ୍ପତ୍ତି, ଦେବତା ଏବଂ ପ୍ରାକୃତିକ ଘଟଣା ବ୍ୟାଖ୍ୟା କରୁଥିବା ପବିତ୍ର କାହାଣୀ ।

(ଗ) କିମ୍ବଦନ୍ତୀ

ଐତିହାସିକ ଘଟଣା କିମ୍ବା ବ୍ୟକ୍ତି ଉପରେ ଆଧାରିତ କିନ୍ତୁ କଳ୍ପନା ସହିତ ମିଶ୍ରିତ କାହାଣୀ ।

(ଘ) ଗାଥା

ପ୍ରଣୟ, ବୀରତ୍ୱ କିମ୍ବା ଦୁଃଖଦ କାହାଣୀ କହିଥିବା କାହାଣୀ ଗୀତ।

(ଙ) ହିତପଦେଶ ଏବଂ ପ୍ରହେଳିକା

ଜ୍ଞାନ ପ୍ରକାଶ କରୁଥିବା ଛୋଟ ପାରମ୍ପରିକ କଥା ।

**୨. ଭୌତିକ ଲୋକସଂସ୍କୃତି (Material Folklore)**

ଭୌତିକ ଲୋକସଂସ୍କୃତିରେ ପାରମ୍ପରିକ ସମ୍ପ୍ରଦାୟ ଦ୍ୱାରା ସୃଷ୍ଟି ହୋଇଥିବା ଭୌତିକ ବସ୍ତୁ ଅନ୍ତର୍ଭୁକ୍ତ । ଯେପରିକି:-

ହସ୍ତଶିଳ୍ପ

ପାରମ୍ପରିକ ପୋଷାକ

ଲୋକ ସ୍ଥାପତ୍ୟ
ଉପକରଣ ଏବଂ ବାଦ୍ୟଯନ୍ତ୍ର
ଏହି ବସ୍ତୁଗୁଡ଼ିକ ସାଂସ୍କୃତିକ ସୃଜନଶୀଳତା ଏବଂ ପାରମ୍ପରିକ ଜ୍ଞାନକୁ ପ୍ରତିଫଳିତ କରେ ।

**୩. ପ୍ରଥାଗତ ଲୋକସଂସ୍କୃତି (Customary Folklore)**

ପ୍ରଥାଗତ ଲୋକସଂସ୍କୃତିରେ ପାରମ୍ପରିକ ପ୍ରଥା ଏବଂ ରୀତିନୀତି ଅନ୍ତର୍ଭୁକ୍ତ। ଯେପରିକି:-
ବିବାହ ଉତ୍ସବ
ଜନ୍ମ ସଂସ୍କାର
ଅନ୍ତିମ ସଂସ୍କାର
ପର୍ବପର୍ବାଣୀ ସମ୍ବନ୍ଧୀୟ
ଲୋକନୃତ୍ୟ
ଏହି ପ୍ରଥା ସାମାଜିକ ବନ୍ଧନକୁ ସୁଦୃଢ଼ କରେ ଓ ପରମ୍ପରାକୁ ସଂରକ୍ଷଣ କରେ ।

**୪. ପ୍ରଦର୍ଶନକାରୀ ଲୋକସଂସ୍କୃତି (Performing Folklore)**

ଏଥିରେ ପ୍ରଦର୍ଶନ ଅନ୍ତର୍ଭୁକ୍ତ । ଯେପରିକି:-
ଲୋକନାଟକ
ଲୋକଗୀତ
ଲୋକନୃତ୍ୟ
ସଙ୍ଗୀତ
ପ୍ରଦର୍ଶନକାରୀ ଲୋକସଂସ୍କୃତିରେ ମୌଖିକ ଓ ଅମୌଖିକ ଉଭୟ ଉପାଦାନ ସାମିଲ ଅଛି ।

**୫. ଲୋକବିଶ୍ୱାସ ଏବଂ ଅନ୍ଧବିଶ୍ୱାସମମୂଳକ ଲୋକସଂସ୍କୃତି (Folk Belief and superstations Folklore)**

ଏହି ବର୍ଗ ପ୍ରକୃତି, ଅଲୌକିକ ଏବଂ ଦୈନନ୍ଦିନ ଜୀବନ ଅଭିଜ୍ଞତା ସହିତ ଜଡ଼ିତ ଏକ ସମ୍ପ୍ରଦାୟର ବିଶ୍ୱାସ ପ୍ରଣାଳୀ ଉପରେ ନନିର୍ଭର କରିଥାଏ ।
ଆତ୍ମା, ଭୂତ ଏବଂ ପୂର୍ବପୁରୁଷଙ୍କ ଉପରେ ବିଶ୍ୱାସ
ଶକୁନ, ସ୍ୱପ୍ନ ଏବଂ ସଙ୍କେତ
ଯାଦୁ, ଯାଦୁବିଦ୍ୟା, ଆରୋଗ୍ୟ ଅଭ୍ୟାସ
ପବିତ୍ର ସ୍ଥାନ, ବସ୍ତୁ ଏବଂ ରୀତିନୀତି

ପରମ୍ପରା ଓ ସାଂସ୍କୃତିକ କାର୍ଯ୍ୟକୁ ଆଧାର କରି ଲୋକସଂସ୍କୃତିକୁ ମୌଖିକ, ଭୌତିକ, ପ୍ରଥାଗତ ଓ ପ୍ରଦର୍ଶନକାରୀ ରୂପରେ ବର୍ଗୀକୃତ କରାଯାଇପାରେ (ଡୁଣ୍ଡେସ୍ ୧-୫; ବାସ୍କମ୍ ୭; ଥମ୍ପସନ୍ ୧୫); (ଅଜୟ ମିଶ୍ର ୧-୫୦୦); (ମହାପାତ୍ର ୧-୧୫୦); (ପାଣିଗ୍ରାହୀ ୧-୨୪୦); (ମହେନ୍ଦ୍ର ମିଶ୍ର ୧-୧୮୫) ।

## ଲୋକସଂସ୍କୃତିର ଗୁରୁତ୍ୱ (Importance of Folklore)

ସମାଜରେ ଲୋକସଂସ୍କୃତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ:-

୧. ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରେ
ଲୋକସଂସ୍କୃତି ଏକ ସମ୍ପ୍ରଦାୟର ପରମ୍ପରା, ପ୍ରଥା, ବିଶ୍ୱାସ ଏବଂ ଅଭ୍ୟାସକୁ ସଂରକ୍ଷଣ କରେ । ଏହା ସାଂସ୍କୃତିକ ପରିଚୟକୁ ସୁରକ୍ଷା ଦିଏ ଓ ବର୍ତ୍ତମାନର ପିଢ଼ିକୁ ସେମାନଙ୍କ ପୂର୍ବପୁରୁଷଙ୍କ ସହିତ ସଂଯୋଗ କରେ (ଡୋରସନ ୩) ।

୨. ନୈତିକ ମୂଲ୍ୟବୋଧ ଶିକ୍ଷା ଦିଏ
ଲୋକସଂସ୍କୃତିର ପୌରାଣିକ କଥା ଓ କିମ୍ବଦନ୍ତୀଗୁଡ଼ିକ ସଚ୍ଚୋଟତା, ସାହସ, ଦୟା ଏବଂ ନ୍ୟାୟ ଭଳି ନୈତିକ ଶିକ୍ଷା ଦିଏ। ଏହି କାହାଣୀଗୁଡ଼ିକ ସମାଜରେ ମାନବ ଆଚରଣକୁ ମାର୍ଗଦର୍ଶନ କରିବାରେ ସାହାଯ୍ୟ କରେ (ବାସ୍କମ ୨୯୦) ।

୩. ଐତିହାସିକ ଜ୍ଞାନ ପ୍ରଦାନ କରେ
ଲୋକସଂସ୍କୃତିରେ ଅତୀତର ଜୀବନଶୈଳୀ, ସାମାଜିକ ବ୍ୟବସ୍ଥା ଏବଂ ଐତିହାସିକ ଘଟଣାଗୁଡ଼ିକ ବିଷୟରେ ମୂଲ୍ୟବାନ ସୂଚନା ରହିଛି । ଏହା ଲୋକଙ୍କୁ ସେମାନଙ୍କର ଇତିହାସ ବୁଝିବାରେ ସାହାଯ୍ୟ କରେ; ବିଶେଷକରି ଲିଖିତ ରେକର୍ଡ ଅସ୍ତିତ୍ୱ ପୂର୍ବରୁ (ଥମ୍ପସନ ୫) ।

୪. ସାମାଜିକ ଏକତାକୁ ସୁଦୃଢ଼ କରେ
ଲୋକସଂସ୍କୃତି ସାଧାରଣ କାହାଣୀ, ରୀତିନୀତି, ପର୍ବ ଏବଂ ପରମ୍ପରା ମାଧ୍ୟମରେ ଲୋକଙ୍କୁ ଏକାଠି କରେ । ଏହା ନିଜର ଭାବନା ସୃଷ୍ଟି କରେ ଏବଂ ସାମାଜିକ ବନ୍ଧନକୁ ସୁଦୃଢ଼ କରେ (ଡୁଣ୍ଡେସ ୨) ।

୫. କଳ୍ପନା ଏବଂ ସୃଜନଶୀଳତାକୁ ବିକଶିତ କରେ
ଲୋକସଂସ୍କୃତି କଳ୍ପନା ଏବଂ ସୃଜନଶୀଳତାକୁ ଉତ୍ସାହିତ କରେ। ଏହା ସାହିତ୍ୟ, କଳା, ନାଟକ ଏବଂ ସଙ୍ଗୀତକୁ ପ୍ରେରଣା ଦିଏ। ଜାକବ ଗ୍ରୀମ୍ ଏବଂ ୱିଲହେଲ୍ମ ଗ୍ରୀମ୍ ଙ୍କ ପ୍ରସିଦ୍ଧ ଲୋକକଥା ସଂଗ୍ରହ ବିଶ୍ୱ ସାହିତ୍ୟକୁ ପ୍ରଭାବିତ କରିଥିଲା (ଜିପ୍ସ ୪୫) ।

୬. ଭାଷା ଏବଂ ମୌଖିକ ପରମ୍ପରାକୁ ସଂରକ୍ଷଣ କରେ
ଲୋକସଂସ୍କୃତି ସ୍ଥାନୀୟ ଭାଷା, ଉପଭାଷା ଏବଂ ମୌଖିକ ପରମ୍ପରାକୁ ସଂରକ୍ଷଣ କରିବାରେ ସାହାଯ୍ୟ କରେ । ଏହା ଭାଷାଗତ ବିବିଧତା ଏବଂ ସାଂସ୍କୃତିକ ଅଭିବ୍ୟକ୍ତିକୁ ସୁରକ୍ଷା ଦିଏ (ଫିନେଗାନ ୧୨) ।

୭. ଶିକ୍ଷାଗତ ମୂଲ୍ୟ ପ୍ରଦାନ କରେ
ଲୋକସଂସ୍କୃତି ବିଦ୍ୱାନମାନଙ୍କୁ ମାନବ ସଂସ୍କୃତି, ବିଶ୍ୱାସ ଏବଂ ସାମାଜିକ ଗଠନକୁ ବୁଝିବାରେ ସାହାଯ୍ୟ କରେ । ଫ୍ରାଞ୍ଜ ବୋଆସଙ୍କ ପରି ନୃବିଜ୍ଞାନୀମାନେ ସଂସ୍କୃତିକୁ ବୈଜ୍ଞାନିକ ଭାବରେ ଅଧ୍ୟୟନ କରିବା ପାଇଁ ଲୋକସଂସ୍କୃତି ବ୍ୟବହାର କରିଥିଲେ (ବୋଆସ ୪) ।

୮. ସାଂସ୍କୃତିକ ପରିଚୟକୁ ବୁଝିବାରେ ସାହାଯ୍ୟ କରେ
ଲୋକସଂସ୍କୃତି ଏକ ସମାଜର ମୂଲ୍ୟବୋଧ, ବିଶ୍ୱାସ ଏବଂ ବିଶ୍ୱଦୃଷ୍ଟିକୁ ପ୍ରତିଫଳିତ କରେ । ଏହା ଲୋକମାନଙ୍କୁ ସେମାନଙ୍କର ସାଂସ୍କୃତିକ ପରିଚୟ ଏବଂ ପରମ୍ପରାକୁ ବୁଝିବାରେ ସାହାଯ୍ୟ କରେ (ଡୁଣ୍ଡେସ୍ ୭) ।

୯. ମନୋରଞ୍ଜନ ପ୍ରଦାନ କରେ
ଲୋକସଂସ୍କୃତି କାହାଣୀ, ଗୀତ, ନୃତ୍ୟ ଏବଂ ପର୍ବ ମାଧ୍ୟମରେ ମନୋରଞ୍ଜନ ପ୍ରଦାନ କରେ । ଏହା ପାଠ ପଢ଼ାଇବା ସହିତ ଉପଭୋଗ ଏବଂ ବିଶ୍ରାମ ପ୍ରଦାନ କରେ (ବାସ୍କମ୍ ୨୯୧) ।

୧୦. ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରେ
ଅନେକ ଲୋକସଂସ୍କୃତି ଓ ପରମ୍ପରା ପ୍ରକୃତି ପ୍ରତି ସମ୍ମାନ ଏବଂ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରେ । ସେମାନେ ଲୋକମାନଙ୍କୁ ପ୍ରକୃତି ସହିତ ସମନ୍ୱୟରେ ରହିବାକୁ ଶିଖାନ୍ତି (ଡୋରସନ୍ ୧୨) ।

## ନିଷ୍କର୍ଷ (Conclusion)

ଲୋକସଂସ୍କୃତି ହେଉଛି ଲୋକଙ୍କ ସଂସ୍କୃତି ଏବଂ ପରମ୍ପରାର ଜୀବନ୍ତ ପ୍ରକାଶ । ଏଥିରେ କାହାଣୀ, ଗୀତ, ପ୍ରଥା, ରୀତିନୀତି ଏବଂ ପିଢ଼ି ପରେ ପିଢ଼ି ସ୍ଥାନାନ୍ତରିତ ହେଉଥିବା ଭୌତିକ ବସ୍ତୁ ଅନ୍ତର୍ଭୁକ୍ତ । ଯଦିଓ ଏହା ଅତୀତରେ ମୂଳ, ଆଧୁନିକ ସମାଜରେ ଲୋକସଂସ୍କୃତି ବିକଶିତ ହେବା ଜାରି ରହିଛି । ଆଲାନ୍ ଡୁଣ୍ଡେସ୍ ଭଳି ବିଦ୍ୱାନମାନେ ଗୁରୁତ୍ୱ ଦେଇଛନ୍ତି ଯେ ଲୋକସଂସ୍କୃତି କେବଳ ଗ୍ରାମୀଣ ସମ୍ପ୍ରଦାୟ ମଧ୍ୟରେ ସୀମିତ ନୁହେଁ; ଏହା ଯେଉଁଠାରେ ଗୋଷ୍ଠୀ ପରମ୍ପରା ବାଣ୍ଟନ୍ତି ସେଠାରେ ବିଦ୍ୟମାନ ।

ଆଜିର ବିଶ୍ୱସ୍ତରୀୟ ବିଶ୍ୱରେ, ଲୋକସଂସ୍କୃତି ସାଂସ୍କୃତିକ ପରିଚୟ ଓ ସାମାଜିକ ଏକତାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ରହିଛି । ଲୋକସଂସ୍କୃତିର ଅଧ୍ୟୟନ ଆମକୁ ମାନବ ସୃଜନଶୀଳତା, ସାମୂହିକ ସ୍ମୃତି ଏବଂ ପାରମ୍ପରିକ ଜ୍ଞାନ ପ୍ରଣାଳୀକୁ ବୁଝିବାରେ ସାହାଯ୍ୟ କରେ ।

**ସହାୟିକା (References)**


୧. Bascom, William. Folklore and Anthropology. University of California Press, 1954.
୨. Bascom, William. Folklore and Culture. Indiana University Press, 1965.
୩. Ben-Amos, Dan. "Toward a Definition of Folklore in Context." The Journal of American Folklore, vol. 84, no. 331, 1971, pp. 3–15.
୪. Boas, Franz. Race, Language, and Culture. University of Chicago Press, 1940.
୫. Dorson, Richard M. Folklore and Fakelore. Harvard University Press, 1976.
୬. Dorson, Richard M. Folklore and Folklife: An Introduction. University of Chicago Press, 1972.
୭. Dundes, Alan. Folklore Matters. University of Tennessee Press, 1989.
୮. Dundes, Alan. Interpreting Folklore. Indiana University Press, 1980.
୯. Finnegan, Ruth. Oral Literature in Africa. Oxford University Press, 1970.
୧୦. Grimm, Jacob, and Wilhelm Grimm. Grimm's Fairy Tales. 1812.
୧୧. Taylor, Archer. Folklore and the Student of Literature. University of Chicago Press, 1948.
୧୨. Thompson, Stith. The Folktale. University of California Press, 1946.
୧୩. Thoms, William J. "Folklore." The Athenaeum, 1846.
୧୪. Zipes, Jack. The Brothers Grimm: From Enchanted Forests to the Modern World. Palgrave Macmillan, 2002.
୧୫. ପାଣିଗ୍ରାହୀ, କୁମୁଦ ରଞ୍ଜନ. ଲୋକଧାରା, ଲୋକସଂସ୍କୃତି ଓ ଲୋକସାହିତ୍ୟ. ଫ୍ରେଣ୍ଡସ ପବ୍ଲିଶର୍ସ. ବିନୋଦ ବିହାରୀ. କଟକ. ଦ୍ୱିତୀୟ ସଂସ୍କରଣ. ୨୦୧୯.
୧୬. ମହାପାତ୍ର, ଶ୍ୟାମସୁନ୍ଦର. ଲୋକସାହିତ୍ୟ ତତ୍ତ୍ୱ. ଓଡ଼ିଶା ବୁକ୍ ଷ୍ଟୋର. ବିନୋଦ ବିହାରୀ. କଟକ. ଚତୁର୍ଥ ସଂସ୍କରଣ. ୨୦୨୫.
୧୭. ମିଶ୍ର, ଅଜୟ କୁମାର. ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି . ବିଜୟିନୀ ପବ୍ଲିକେଶନସ. କଟକ. ଦ୍ୱିତୀୟ ସଂସ୍କରଣ. ୨୦୧୭.
୧୮. ମିଶ୍ର, ମହେନ୍ଦ୍ର କୁମାର. ଲୋକସଂସ୍କୃତି ପରିକ୍ରମା. ଗ୍ରନ୍ଥମନ୍ଦିର. ବିନୋଦ ବିହାରୀ. କଟକ. ପ୍ରଥମ ସଂସ୍କରଣ. ୧୯୯୬.


■ ■ ■

ପଞ୍ଚରା
ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ନିମ୍ନବର୍ଗୀୟ ଦୃଷ୍ଟିରେ ଆଦିବାସୀ ସମ୍ପ୍ରଦାୟର ସୀମାନ୍ତୀକରଣ

ସଞ୍ଜୟ ରାଉଳ
ଗବେଷକ, ବିଶ୍ୱଭାରତୀ , ଶାନ୍ତିନିକେତନ , ପଶ୍ଚିମବଙ୍ଗ
DOI - https://doi.org/10.5281/zenodo.19416822

## ସାରାଂଶ

ନିମ୍ନବର୍ଗୀୟ ଦୃଷ୍ଟିକୋଣ(Subaltern Perspective) ପାଠ୍ୟକୁ ନିମ୍ନରୁ ଅଧ୍ୟୟନକୁ ବୁଝାଏ । ଏହା ଉପେକ୍ଷିତ, ବଞ୍ଚିତ, ଅବହେଳିତ ଆଦି ବିଷୟ ଉପରେ ଅଧ୍ୟୟନ ମଧ୍ୟ କୁହାଯାଇପାରେ । ଲୋକସାହିତ୍ୟର 'ଲୋକ' ହେଉଛନ୍ତି ଏହି ନିମ୍ନବର୍ଗ । ଯାହାଙ୍କ କଥା ଚକ୍ରଧର ମହାପାତ୍ରଙ୍କ ଭାଷାରେ କେବେବି ଲେଖନର ରୂପ ଲାଭ କରିନାହିଁ । ସରଳବିଶ୍ୱାସୀ, ସ୍ୱାଭିମାନୀ ଆଦିବାସୀବର୍ଗ ବଣଜଙ୍ଗଲ ଓ ପଶୁପକ୍ଷୀଙ୍କ ମଧ୍ୟରେ ଜଣେ ହୋଇ ଜୀବନଯାପନ କରିଆସିଛି । ଅଣଆଦିବାସୀ (ଆର୍ଯ୍ୟ ଓ ଦ୍ରାବିଡ଼ ) ଭଳି କେବେବି ନିଜକୁ ବିଜ୍ଞାପିତ କରିବା ବା ଅନ୍ୟକୁ ଶୋଷଣ କରିବାର ଲାଳସା ତାହାର ନାହିଁ । ତଥାପି ଆର୍ଯ୍ୟମାନେ ନିଜ ଧର୍ମ ମାଧ୍ୟମରେ ବର୍ଣ୍ଣପ୍ରଥା, ସଂସ୍କୃତଭାଷା ଓ ବ୍ରାହ୍ମଣବାଦର ବଡ଼ିମା ପ୍ରଚାର କରି ଆଦିବାସୀଙ୍କୁ ଶୋଷଣ କରିଆସିଛନ୍ତି । ଫଳରେ ସାମାଜିକ, ଶୈକ୍ଷିକ, ଆର୍ଥନୀତିକ, ସାଂସ୍କୃତିକ ବିଭାଗରେ ସେମାନେ ବଞ୍ଚିତ ତଥା ନିମ୍ନବର୍ଗ ବୋଲି ପରିଚୟ ପାଇଛନ୍ତି ।

**ମୂଳଶବ୍ଦ -** ଆଦିବାସୀ, ସୀମାନ୍ତୀକରଣ, ନିମ୍ନବର୍ଗ ଦୃଷ୍ଟି, ଆଦିବାସୀ ନାରୀ, ସଂଗ୍ରାମ, ବିସ୍ଥାପନ, ସଂସ୍କୃତି ।

ଆଦିବାସୀମାନଙ୍କ ଶିକ୍ଷା ଓ ଆତ୍ମବଡ଼ିମା ପ୍ରତି ଉଦାସୀନ ହେତୁ ନିଜ ବିଷୟରେ କହିବାକୁ ଅକ୍ଷମ । ତଥାପି ଯେଉଁ ବିରଳ ଶିକ୍ଷିତ ପ୍ରତିନିଧିମାନେ ସେମାନଙ୍କ ଭାଷା ଶିକ୍ଷା କରି, ତାଙ୍କ ସହ ସମୟ ଯାପନ କରି ତାଙ୍କର ବକ୍ତବ୍ୟ ପ୍ରକାଶ କରନ୍ତି, ତାହା ସମ୍ପୂର୍ଣ୍ଣ ନିର୍ଭୁଲ ମଧ୍ୟ ନୁହେଁ । (ନିମ୍ନବର୍ଗଙ୍କ ପ୍ରତିନିଧିତ୍ୱ ସର୍ବଦା ଏହାର ପ୍ରାମାଣିକତା ପାଇଁ ଏକ ବିବାଦୀୟ ପ୍ରସଙ୍ଗ । ନିମ୍ନବର୍ଗଙ୍କୁ ଅନ୍ୟ ସ୍ୱର ବା ବ୍ୟକ୍ତିଙ୍କ ଦ୍ୱାରା ପ୍ରତିନିଧିତ୍ୱ କରାଯାଏ, ବିଶେଷକରି ଲେଖକ ଏବଂ ଇତିହାସବିଦମାନେ। ଜାତିର ଇତିହାସରେ ନିମ୍ନବର୍ଗ ସର୍ବଦା ନୀରବ ରହିଥାଏ ।)"(୧) ତେଣୁ କୌଣସି ଉଚ୍ଚବର୍ଗ ଦଲିଲରୁ ଆମେ ସେମାନଙ୍କ ସଠିକ୍ ଚିତ୍ରର ଆକଳନ କରିପାରିବା ନାହିଁ, ଯେଉଁ କେତୋଟି ସେମାନଙ୍କ ବିଷୟରେ କୁହାଯାଇଛି, ସେଥିରେ ସେମାନଙ୍କୁ ଉପସ୍ଥାପନା କରାଯାଇଛି ଭୟଙ୍କର ରୂପେ। ସେମାନେ ବଣୁଆ, ପୋଷାକ ପରିଧାନ କରନ୍ତି ନାହିଁ, ମାଂସ ଓ ଅଖାଦ୍ୟ ଖାଇଥାନ୍ତି, ଅଶିକ୍ଷିତ, କୁସଂସ୍କାରୀ (ବଳିପ୍ରଥା) ଭଳି ତଥ୍ୟମାନ ମିଳେ । ଏମାନଙ୍କ ସମ୍ପର୍କରେ ଡକ୍ଟର ଦମୟନ୍ତୀ ବେସ୍ରା କହନ୍ତି – "ଏ ଦେଶରେ ରାଶି ରାଶି ସାହିତ୍ୟ ବିଭିନ୍ନ ପ୍ରାଦେଶିକ ଭାଷାମାନଙ୍କରେ ପୁରାଣଠାରୁ ଆରମ୍ଭ କରି ଅଦ୍ୟାବଧି ରଚିତ ହୋଇଛି । ମାତ୍ର ବିଡ଼ମ୍ବନା ଏହି ଯେ ପୁରାଣ ମାନଙ୍କରେ ମାଙ୍କଡ଼ ଓ ଭାଲୁମାନେ ସାହିତ୍ୟର ଚରିତ୍ର ହୋଇ ପାରିଲେ, ଅଥଚ ଏମାନଙ୍କର ବର୍ଣ୍ଣନା କୌଣସିଠାରେ ହୋଇନାହିଁ। ପକ୍ଷାନ୍ତରେ ସେକାଳରେ ରାକ୍ଷସ ଭଳି ଅବାନ୍ତର ଚରିତ୍ରର ଅବତାରଣା ବହୁଧା ଦେଖିବାକୁ ମିଳେ ଯାହାର ବୈଜ୍ଞାନିକ ଭିତ୍ତି ନାହିଁ । ବୋଧହୁଏ ଏହି ଅଦମ୍ୟ ବନ୍ୟବାସୀ ବା ଆଦିବାସୀ ମାନଙ୍କର ଭିନ୍ନ ଭାଷା, ସଂସ୍କୃତି, ବେଶପୋଷାକ, ଖାଦ୍ୟପାନୀୟ ଓ କୁଝାରୁ ଅଭ୍ୟାସ ହେତୁ ତାଙ୍କୁ ଏଭଳି ବର୍ଣ୍ଣନା କରାଯାଇଛି ବୋଲି କାଲ୍ୟାନ୍ ଗୁରୁ ଭଳି ସାନ୍ତାଳ ବିଦ୍ୱାନମାନେ ମତବ୍ୟକ୍ତ କରିଛନ୍ତି ।"(୨)

ମାତ୍ର, କେହି କେବେ ଏମାନଙ୍କୁ ଅଶିକ୍ଷିତ ବଦଳରେ ସରଳ ଓ ନିରୀହତାର ପ୍ରଶଂସା କରିନାହିଁ। କୁସଂସ୍କାରୀ ବଦଳରେ ସ୍ୱାଭିମାନୀ ଓ ପରିଶ୍ରମୀ ବୋଲି ଦର୍ଶାଇ ନାହିଁ। ସେମାନଙ୍କ କୃଷିଜମିକୁ ଛଡ଼ାଇ ନେଇ ଅଖାଦ୍ୟ ଭକ୍ଷିବାକୁ ବାଧ କରିଥିବା ବିଷୟରେ ଅନୁସନ୍ଧାନ କରିନାହାଁନ୍ତି, ବଣଫୁଲ ସଦୃଶ ଆଦିବାସୀ ନାରୀର ଅନ୍ତରର ସୌନ୍ଦର୍ଯ୍ୟ ମୁଗ୍ଧ ହେବା ବଦଳରେ ଯୌନବସ୍ତୁ ଭାବେ ଦେଖିଆସିଛି। ଏ ଭଳି ଅନେକ ତଥାକଥିତ ମିଥ୍ୟା ସେମାନଙ୍କ ବିଷୟରେ ଲେଖାଯାଇ ଆସୁଛି ବା ପରିଚିତ କରାଯାଇଛି। ଏହା ବ୍ୟତୀତ ସେମାନଙ୍କ ସରଳତା, ସ୍ପଷ୍ଟବାଦୀତା, ସ୍ୱାଭିମାନୀ, ପରିଶ୍ରମୀ ଗୁଣ ତଥା ସେମାନଙ୍କ ଉପରେ ଅଣ-ଆଦିବାସୀମାନଙ୍କ ଶୋଷଣ ଖୋଜିବାକୁ ଗଲେ ଲେଖାମାନର ଅକ୍ଷର ଅଦୃଶ୍ୟ ହୋଇଯାଏ ବା ଦେଖାଯାଏ ନାହିଁ। ଆଦିବାସୀ ବିଷୟବସ୍ତୁ ଚୟନର କାରଣ ସମ୍ପର୍କରେ ଯେଉଁ ପଦକ ଗୋପୀନାଥ ମହାନ୍ତି କହନ୍ତି ତାହା ବେଶ ତାତ୍ପର୍ଯ୍ୟପୂର୍ଣ୍ଣ – "ଆଦିବାସୀ ଜୀବନ ତଥାକଥିତ ସଭ୍ୟ ସମାଜର ମୂଲ୍ୟାଙ୍କନ କାର୍ଯ୍ୟରେ ସହାୟକ।"(୩)

ନିମ୍ନବର୍ଗ ଦୃଷ୍ଟିକୋଣ ଭାରତର ନିଜସ୍ୱ ଉପାଦାନ ତତ୍ତ୍ୱ ବା ସିଦ୍ଧାନ୍ତ। ଏହାର(Subaltern Theory) ପ୍ରତିଷ୍ଠାତା ଭାବେ ରଣଜିତ ଗୁହାଙ୍କୁ ଗ୍ରହଣ କରାଯାଏ । ପ୍ରଥମେ ଏହାର ବ୍ୟବହାର ବ୍ରିଟିଶ ସାମରିକବାହିନୀରେ କ୍ୟାପଟେନଙ୍କ ଠାରୁ ନିମ୍ନପଦସ୍ଥ ଅଧିକାରୀଙ୍କୁ ବୁଝାଉଥିଲା । ଯାହାର ସାଧାରଣ ଅର୍ଥ 'ଅଧୀନତା' ବୋଲି ଧରାଯାଏ । ପରେ ଆଣ୍ଟୋନିଓ ଗ୍ରାମସୀ ଏହି ଶବ୍ଦକୁ 'ଶୋଷିତ ଶ୍ରେଣୀ' ବା 'ସର୍ବହରା' ବଦଳରେ ବ୍ୟବହାର କରିଥିଲେ । ଯାହାର ଅର୍ଥ ଥିଲା ଶ୍ରମିକ, କୃଷକ ଓ ଅଧୀନସ୍ଥବର୍ଗ। ଯେଉଁମାନେ ସେମାନଙ୍କ ପାଇଁ କ୍ଷମତାଗଠନରେ ଅଂଶଗ୍ରହଣରୁ ବଞ୍ଚିତ । ଗ୍ରାମସୀ କହନ୍ତି, ସମାଜରେ ଦୁଇପ୍ରକାର ବର୍ଗ ରହନ୍ତି, ଶାସକ ଓ ଶାସିତ । ଶାସିତଙ୍କ ସ୍ୱର ବା ମତ ରଖିବାର ଅଧିକାର ନଥାଏ । ମାତ୍ର, ରଣଜିତ ଗୁହା ଏହି ଶବ୍ଦକୁ ଇତିହାସ ଅଧ୍ୟୟନରେ ବ୍ୟବହାର କରି, ଏମାନଙ୍କ ବିଦ୍ରୋହ ଓ ସ୍ୱାୟତ୍ତତା ବିଷୟରେ ସୂଚନା ଦେଇଥିଲେ । ଗୁହାଙ୍କ ମତରେ 'ଇତିହାସ' ଅଭିଜାତଦୃଷ୍ଟିରୁ ଅଭିଜାତ ବିଷୟକ ଲେଖା । ଯେଉଁଠି ଲୋକଙ୍କ ଚିନ୍ତାଚେତନା, ରାଜନୀତି ସ୍ଥାନ ପାଇନାହିଁ । "what clearly is left out of this unhistorical historiography is the politics of the people."(୪) ତେଣୁ ନିମ୍ନବର୍ଗଙ୍କ ଦୃଷ୍ଟିରୁ

ଇତିହାସକୁ ପୁନର୍ଲେଖନର ଆବଶ୍ୟକତା ରହିଛି । ଫଳରେ ଇତିହାସ ପରିପୂର୍ଣ୍ଣତା ଲାଭ କରିବ । ଗାୟତ୍ରୀ ଚକ୍ରବର୍ତ୍ତୀ ସ୍ପିଭାକଙ୍କ ଦୃଷ୍ଟିରେ ନିମ୍ନବର୍ଗମାନେ ନୀରବଗୋଷ୍ଠୀ ସେମାନଙ୍କ ସ୍ୱର ନାହିଁ, ଯଦିବା ସ୍ୱର ଅଛି ମାତ୍ର ତା' ସ୍ୱର ଶୁଣିବାକୁ ସମାଜର କାନ ନାହିଁ, "The Subaltern can speak but no one listens to them or the are unheard"(୫। ସ୍ପିଭାକଙ୍କ ମତରେ ଔପନିବେଶିକ ରାଜତ୍ୱ ଓ ପୁରୁଷପ୍ରଧାନ ସମାଜ ଦ୍ୱାରା ନାରୀ ଦୁଇଥର ଦଳିତ ହୁଏ, ଫଳରେ ଦଳିତ ପୁରୁଷ ତୁଳନାରେ ଦଳିତ ନାରୀ ବେଶି ନିର୍ଯ୍ୟାତିତ ବୋଲି ସ୍ପିଭାକ ଦର୍ଶାନ୍ତି ।

ଗ୍ରାମସୀଙ୍କ ମତରେ ଶାସକଗୋଷ୍ଠୀ କେବଳ ବଳପୂର୍ବକ ଦମନ ବ୍ୟବସ୍ଥା(ପୋଲିସ, ଆଇନ କାନୁନ) ମାଧ୍ୟମରେ ଲୋକଙ୍କୁ ଶୋଷଣ କରେନାହିଁ, ସାଧାରଣ ଜ୍ଞାନ (common sense) ବା ସଂସ୍କୃତି ମାଧ୍ୟମରେ ଲୋକଙ୍କ ବିଶ୍ୱାସ ଜିତି ଲୋକଙ୍କ ଅନୁମତିରେ ଲୋକଙ୍କ ଉପରେ ଶାସନ କରେ, ଯାହାକୁ ବୁଝାଇବା ପାଇଁ ଗ୍ରାମସୀ 'ସାଂସ୍କୃତିକ ଆଧିପତ୍ୟ'(Cultural Hegemony) ଶବ୍ଦ ବ୍ୟବହାର କରନ୍ତି । ପୁନଶ୍ଚ ଗ୍ରାମସୀଙ୍କ ମତରେ ଶାସକବର୍ଗଙ୍କ ଦ୍ୱାରା ନିମ୍ନବର୍ଗର ରୂପ ଗଠନ କରାଯାଏ। ଚିତ୍ତରଞ୍ଜନ ମିଶ୍ରଙ୍କ ଭାଷାରେ – "ନିମ୍ନବର୍ଗର ପରିଚୟକୁ ସମାଜର ପ୍ରଚଳିତ ଭାଷା ଓ ବିଚାରଧାରା ତିଆରି କରିଥାଏ । ଉତ୍ତର ଆଧୁନିକ ପରିଭାଷାରେ ନିମ୍ନବର୍ଗଙ୍କୁ ଉପର ବର୍ଗର ଅପର ବା ଅଦର (Other) କୁହାଯାଉଛି ।"(୬) ଠିକସେଇପରି ଅଣଆଦିବାସୀ ମୁଖ୍ୟତଃ ଆର୍ଯ୍ୟମାନେ ଆଦିବାସୀଙ୍କ ବିଷୟରେ ନିମ୍ନବର୍ଗୀୟ ମାନସିକତା ଗଠନ କରନ୍ତି । "ସେମାନେ ଆର୍ଯ୍ୟ ନୁହଁନ୍ତି, ଆର୍ଯ୍ୟ ନିଜକୁ କହୁଥିଲେ ସୁର । ତେଣୁ ସେମାନଙ୍କୁ ଆର୍ଯ୍ୟ ଲୋକେ କହୁଥିଲେ 'ଅ-ସୁର' ।"(୭)

ସୀମାନ୍ତୀକରଣ ହେଉଛି କୌଣସି ବସ୍ତୁ ବା ବିଷୟକୁ ବାଦ୍ ଦେବା କିମ୍ବା ଗୌଣ ଭାବେ ଉପସ୍ଥାପନା କରିବା କିମ୍ବା ଭୁଲ ବ୍ୟାଖ୍ୟା ଦେବାକୁ ବୁଝାଏ। "ଗୋହାଙ୍କ ମତରେ ପୃଷ୍ଠାର କେନ୍ଦ୍ର ହେଉଛି ବୁର୍ଜୁଆ ଅଥବା ସାମ୍ଭ୍ରାନ୍ତ ବ୍ୟକ୍ତି ଏବଂ ପ୍ରାନ୍ତ ହେଉଛି ସର୍ବହରା । ଏହି ସର୍ବହରା କେବଳ ମାର୍କସଙ୍କର ଶ୍ରମିକ ଏବଂ ମାଓଙ୍କର କୃଷକ ନୁହଁନ୍ତି । ଏମାନେ ହେଉଛନ୍ତି ସମାଜର ସେହି ପ୍ରତ୍ୟେକଟି ବ୍ୟକ୍ତି ଯାହାର ଇତିହାସକୁ ଦମନ କରିଦିଆଯାଇଛି ବା ଅନ୍ୟ ଭାବେ କହିଲେ ସ୍ୱରକୁ ଦମନ କରିଦିଆ ଯାଇଛି । ଗୁହା ଏଠି ସମାଜର ସେହି ପ୍ରତ୍ୟେକଟି ବ୍ୟକ୍ତି ସେ ନାରୀ ହେଉ ଅଥବା ଦଳିତ କିମ୍ବା ଶିଶୁ ଅଥବା ଦରିଦ୍ର ମଣିଷ । ଯାହାକୁ ବି ସମାଜ ପ୍ରାନ୍ତ ଭଳି ବ୍ୟବହାର କରି ଆସିଛି ସେ ସମସ୍ତଙ୍କୁ ଗ୍ରହଣ କରିଛନ୍ତି। କ୍ଷୁଦ୍ରର ସ୍ୱର (Voices of the Small) ଅଥବା ସମସ୍ତଙ୍କ ସ୍ୱର (Many Voices)କୁ ଗୁରୁତ୍ୱ ଦେଇଛନ୍ତି ଗୁହା"(୮) ପୁରାଣ ମଧ୍ୟ ସୃଷ୍ଟି ପ୍ରସଙ୍ଗରେ ପ୍ରଥମେ ଅସୁର ପରେ ସୁର ସୃଷ୍ଟି ବୋଲି ଗ୍ରହଣ କରେ । ଭାରତର ମୂଳ ଅଧିବାସୀ ହେଉଛନ୍ତି ଆଦିବାସୀ, ଆର୍ଯ୍ୟ ଓ ଦ୍ରାବିଡ଼ ବଳପୂର୍ବକ ସେମାନଙ୍କୁ ସମତଳ ଅଞ୍ଚଳରୁ ବିତାଡିତ କରିଛନ୍ତି। ସେମାନଙ୍କ ଉପରେ ଅତ୍ୟାଚାର କଥା ବିଚାର କରାଯାଉ, "ଗୋଟିଏ ଜାତି ଗୋଟାଏ ଠାବରୁ ନିଶ୍ଚିହ୍ନ ହୁଏ କାହିଁକି? କଣ ଏକାଥରାକେ ସବୁ ଜାଗାରେ ତା' ଉପରେ ମଡ଼କ ପଡ଼ିଗଲା? ନା, ମଡ଼କ ନୁହେଁ, ଘଉଡ଼ା। ତା ଜମି ଛଡେଇ ନେଇ ଘର ଛଡେଇ ନେଇ, ତାକୁ କଲବଲ କରି ତଡ଼ିଦେଲେ, ସେ ତା' ବାପ ଅଜାଙ୍କ ମଶାଣି ପାଉଁଶ ପଡ଼ିଥିବା ସ୍ଥାନ ଛାଡ଼ି, ପବିତ୍ର ଦେବଦେବୀ ଛାଡ଼ି, ପ୍ରାଣ ଘେନି ପଳାଇ ଯାଏ। "(୯)

ସ୍ପିଭାକଙ୍କ ମତରେ ନିମ୍ନବର୍ଗ ନିଜକୁ ପ୍ରକାଶ କରିବାକୁ ସକ୍ଷମ ନୁହେଁ। ତେଣୁ ତାର ପ୍ରତିନିଧିତ୍ୱ କରାଯାଏ । ସ୍ପିଭାକ ମତରେ ଉଚ୍ଚବର୍ଗ ଯେବେ ନିମ୍ନବର୍ଗଙ୍କ କଥା କୁହନ୍ତି, ତେବେ ନିମ୍ନବର୍ଗକୁ ଅଣ ଉଚ୍ଚବର୍ଗ ଭାବେ ବା ନିଜ ସମାଜ ଦୃଷ୍ଟିରୁ ଚିତ୍ରିତ କରେ । ତେଣୁ ଯେବେ ଏହା କୁହାଯାଏ ସତର୍କର ସହ ଶୁଣିବା ଆବଶ୍ୟକ ଏବଂ ଏହାକୁ ନିମ୍ନବର୍ଗର କଥା ନୁହେଁ ଉଚ୍ଚବର୍ଗଙ୍କ ନିମ୍ନବର୍ଗଙ୍କୁ ଦେଖିବାର ଦୃଷ୍ଟିକୋଣ ଚିହ୍ନାଏ । "ଜିତିବା ଲୋକ ସବୁଥିରେ ଜିତାପଟ, ଇତିହାସ ରେକର୍ଡର ବି ସେ ସ୍ରଷ୍ଟା । ଜିତିବା ଦଳମାନେ କେମିତି କଳାକୁ ଧଳା କରି ଅତୀତର ଇତିହାସକୁ ନୂଆ ରୂପ ଦିଅନ୍ତି ତା' ତ ଦେଶ ଦେଶରେ ଆଜିବି ବାରି ହୋଇ ପଡୁଛି। ଜିତିବା ଲୋକେ ନିଜେ ଠିକ, ହାରିବା ଲୋକ ଭୁଲ ବୋଲି ଭଲେଇ ହେବା ମଣିଷର ସାଧାରଣ ଦୁର୍ବଳତା । ତେଣୁ କୁହାଯାଉ ଅସୁରଙ୍କୁ ଯେତେ ଯାହା, ସବୁ ଚଳିଛି, ସବୁ ଚଳିବ, କେହି ଆପତ୍ତି କରିବେ ନାହିଁ ସେମାନେ ବଦମାସୀ, ଡକାଏତ, ମଣିଷକୁ କଞ୍ଚା ଖାଆନ୍ତି । ତାଙ୍କର ଜଣ ଜଣକେ ଅସଂଖ୍ୟ ମୁଣ୍ଡ, ଅସଂଖ୍ୟ ଗୋଡ଼, ହାତ ଇତ୍ୟାଦି ବିଭତ୍ସ କଳ୍ପନାରେ ଯେତେ ଭୟଙ୍କର କାହାଣୀ ସୃଷ୍ଟି କରାଯାଇପାରେ,××ଅସୁର ବି ଥିଲେ ନାନା ସଦଗୁଣ, ପାଣ୍ଡିତ୍ୟ, ଧାର୍ମିକ×× ଯାହାକୁ ବଳରେ ନ ପାରୁଁ, କହୁ ତାର କୋଡିଏଟା ହାତ, ଯାହଠୁଁ ବୁଦ୍ଧିରେ ହାରୁଁ ଲାଗେ ତାର ଦଶଟା ମୁଣ୍ଡ ।"(୧୦) ରାବଣର ପାଣ୍ଡିତ୍ୟ ପାଖରେ ସୁରମାନେ ବି ପରାଜିତ ହେଉଥିଲେ। ନିମ୍ନବର୍ଗଙ୍କୁ ଉଚ୍ଚବର୍ଗ ନିଜେ ଉଚ୍ଚ ହେବା ପାଇଁ ଗଠନ କରେ, ସେମାନଙ୍କ ମାନସିକତାକୁ ଆୟତ୍ତ କରି ସେମାନଙ୍କୁ ଶୋଷଣ କରେ ।

- **ଆଦିବାସୀ ନାରୀର ସୀମାନ୍ତୀକରଣ**

ଗାୟତ୍ରୀ ଚକ୍ରବର୍ତ୍ତୀ ସ୍ପିଭାକ କୁହନ୍ତି, ଯଦି ତମେ ଗରିବ, କଳା ଏବଂ ମହିଳା, ତେବେ ତୁମେ ତିନିଥର ଶୋଷଣ ହେବା(୧୧) ଅର୍ଥାତ ବ୍ୟକ୍ତି ଭିନ୍ନ ଭିନ୍ନ ଦୃଷ୍ଟିରୁ ଏକାଧିକ ବାର ଶୋଷଣ ହୋଇପାରେ । ମାତ୍ର ଆଦିବାସୀ ନାରୀ ତା' ସମାଜରେ ଲିଙ୍ଗଗତ ଦୃଷ୍ଟିରୁ ଶୋଷଣ ହୁଏ ନାହିଁ, ବାହ୍ୟ ସମାଜ ଦ୍ୱାରା ହୋଇଥାଏ । କାରଣ ଆଦିବାସୀ ସମାଜରେ ପୁରୁଷ ଓ ନାରୀ ସମାନ କିମ୍ବା ନାରୀ ବେଶି ଆଦରିଣିଆ । ଆଦିବାସୀଟି ଲଜ୍ୟା ଲୁଚେଇବା ପାଇଁ ଖଣ୍ଡେ କୌପିନି ପିନ୍ଧିଲେ ମଧ୍ୟ ସେମାନେ ଆଧୁନିକ ନାରୀ ପରି ଦେହ ବିଜ୍ଞାପିତ ନୁହଁନ୍ତି, ଏମାନଙ୍କୁ ଦେହ ବିରାଗୀ କୁହାଯାଇପାରେ । ଅଣଆଦିବାସୀ ନାରୀଙ୍କ ଠାରୁ ଆଦିବାସୀ ସମାଜର ନାରୀ ବେଶ ଚଞ୍ଚଳା, ଅର୍ଥନୀତିକ ସ୍ୱାବଲମ୍ବୀ, ସ୍ୱାଧୀନଚେତା, ସ୍ୱମତ ଉପସ୍ଥାପିକା ।

ଆଦିବାସୀ ସମାଜରେ ପୁଅ କିମ୍ବା ଝିଅର ଜନ୍ମରେ ବାଛବିଚାର ନଥାଏ ଆଧୁନିକ ସମାଜ ପରି । ଅଳ୍ପବୟସରେ ମାତ୍ର ପନ୍ଦରରୁ ଉଣେଇଶବର୍ଷ ବୟସରେ ବିବାହ କଲେ ସୁଦ୍ଧା ଆଦିବାସୀ ନାରୀ କୌଣସି ଗୁଣରେ ପୁରୁଷଙ୍କ ଠାରୁ କମ ନୁହେଁ । ଆଦିବାସୀ ସମାଜରେ ପୁଅ ଓ ଝିଅ ଉଭୟଙ୍କ ଆପଣା ଇଚ୍ଛାରେ ଜୀବନସାଥୀ ବାଛିବାର ସ୍ୱାଧୀନତା ଥାଏ । "ଆଦିବାସୀ ନାରୀର ନିଷ୍ପତ୍ତି ବଡ଼ କଥା । ନିଷ୍ପତ୍ତି ସରିଗଲେ କନ୍ଧନାରୀ ଆଉ ଲାଜ କରେ ନାହି ନାହିଁ । ଉପରେ ପଡ଼ି ମାଡ଼ିଯାଏ ଆଗକୁ ଆଗକୁ। ପିତାଗୃହର ସବୁ ସ୍ନେହଡ଼ୋରି କାଟି ଦେଇ ସେ ଚାଲିଯାଏ ପରପୁରୁଷର ହାତଧରି ନିଜର ନିଷ୍ପତ୍ତି ଅନୁସାରେ ଭିନ୍ନ ଇଲାକାକୁ ।"(୧୨) କନ୍ୟାକୁ ବିବାହ ପାଇଁ ବରଘର ଲୋକେ କନ୍ୟାଘରକୁ ଝୋଲା ବା କନ୍ୟାପଣ ଦିଅନ୍ତି । ପୁଅର ବୟସ ହୋଇଗଲେ ପୁଅ ପାଇଁ ଝିଅ ଖୋଜହୁଏ, ଝିଅ ପାଇଁ ପୁଅ ଖୋଜାଗଲେ ଝିଅର କିଛି ଖରାପଗୁଣ ରହିଛି ବୋଲି ସେମାନେ ବିଶ୍ୱାସ କରନ୍ତି । କିଛି

ସମାଜରେ ନିଜ ଗୋତ୍ର ଭିନ୍ନ ଅନ୍ୟ ସମାଜରେ ବିବାହ ନିଷିଦ୍ଧ ଥିଲା ବେଳେ କିଛି ଗୋତ୍ର ବାହାରେ ବିବାହର ନିୟମ ଥିଲା । ନାରୀମାନେ ନାଚିବାକୁ ପସନ୍ଦ କରନ୍ତି, ଗୀତ ମଧ ବୋଲନ୍ତି, ପୁରୁଷ ସହ ମିଶି କୃଷି କାମ କରନ୍ତି । ବଜାରରେ କିଣାବିକା ମଧ ବେଶ ଜାଣନ୍ତି । ଯାହା ଆଧୁନିକ ସମାଜରେ ନାରୀର ସ୍ୱାଧୀନତା ପାଇଁ ଏକବିଂଶ ଶତାବ୍ଦୀରେ କରାଯାଉଛି, ତାହା କେଉଁ ଆବାହମାନ ଆଦିବାସୀ ନାରୀମାନେ ଭୋଗି ଆସୁଥିଲେ । ଆଦିବାସୀ ନାରୀମାନେ ବର୍ତ୍ତମାନରେ ବଞ୍ଚୁଥିଲେ, ଭବିଷ୍ୟତ ପାଇଁ ଚିନ୍ତା କିମ୍ବା ଅନୁଶୋଚନା ଏମାନଙ୍କ ନଥିଲା । ତାଙ୍କ ପାଇଁ ଦେହ ବଡ଼ ନୁହେଁ, ବଡ଼ ମନ । ସେଥିପାଇଁ ତ ବାରମ୍ବାର ଯୌନବ୍ୟଭିଚାରର ଶିକାର ହେଲେ ସୁଦ୍ଧା ଗୋପୀନାଥ ମହାନ୍ତିଙ୍କ ଝିଲି ମୁଣ୍ଡ ଟେକି ଚଳିଛି । "ପାପ ପୁଣ୍ୟ ସେ ବୁଝେନାହିଁ । ପାପପୁଣ୍ୟ ଜିଲି ଜୀବନର କେଉଁ ସୋପାନରେ ଘୁଙ୍ଗୁଡ଼ି ମାରିଛି ସେ ସେ ବିଷୟ ଆଦୌ ଚିନ୍ତା କରିପାରି ନାହିଁ ।"(୧୩) ଆଦିବାସୀ ନାରୀର ଏ ସ୍ୱାଧୀନତା ଓ ସ୍ୱତନ୍ତ୍ରତାର ଆଲୋଚନା ସୀମାନ୍ତରେ ରହିଛି ।

ଗାୟତ୍ରୀ ସ୍ପିଭାକ କହନ୍ତି ପୁରୁଷପ୍ରଧାନ ସମାଜରେ ନାରୀ ନୀରବା ଯଦିଓ ଆଦିବାସୀ ନାରୀ ପୁରୁଷ ତୁଳନାରେ ବେଶି କର୍ମନିଷ୍ଠ, ମାତ୍ର ହିନ୍ଦୁ ସଂସ୍କୃତି ପ୍ରଭାବରେ ସେମାନଙ୍କୁ ଶିକ୍ଷା କ୍ଷେତ୍ରରୁ ବଞ୍ଚିତ ରଖାଯାଇଛି। ଇଂରେଜ ଶାସନ ସମୟରେ ଜ୍ୟୋତିବାଇ ଫୁଲେ 'ନାରୀଶିକ୍ଷା'କୁ ଗୁରୁତ୍ୱ ଦେଇଥିଲେ ଏହାର ଆରମ୍ଭ ତାଙ୍କ ପ୍ରତ୍ନୀ ସାବିତ୍ରୀବାଇ ଫୁଲେଙ୍କୁ ନିଜେ ଶିକ୍ଷା ଦେଇ ଭାରତର ପ୍ରଥମ 'ମହିଳା ଶିକ୍ଷତ୍ରୀ' ଭାବେ ମାନ୍ୟତା ଦେଇପାରିଥିଲେ । ବ୍ରାହ୍ମଣବାଦ ଭଳି ପୁରୁଷସମାଜ ନାରୀକୁ ଦଳିତ କରି ରଖିବା ପାଇଁ ତାଙ୍କୁ ଶିକ୍ଷା ଗ୍ରହଣରୁ ବହିଷ୍କାର କରିଥିଲା । ତେଣୁ ଲେଖାରେ ସେମାନଙ୍କ ସ୍ୱର ଅନୁପସ୍ଥିତ । । ସବୁ କ୍ଷେତ୍ରରେ ପୁରୁଷ ସହ କାନ୍ଧରେ କାନ୍ଧ ମିଳେଇ ଚାଲୁଥିବା ଆଦିବାସୀ ନାରୀ ଇଂରେଜ ବିଦ୍ରୋହର ଇତିହାସରେ ପୁରୁଷ ଭଳି ସଂଗ୍ରାମରେ ଲମ୍ଫ ପ୍ରଦାନ କରିଥିଲେ ମଧ ତାହାର ନାମ ଉଲ୍ଲେଖ ନାହିଁ, ଯଦିଓ ଆଦିବାସୀ ପୁରୁଷର ସ୍ୱର ପ୍ରାନ୍ତ ଭାବେ ଦର୍ଶାଯାଇଛି । ଏହିପରି ଅନେକ କାର୍ଯ୍ୟରେ ସକ୍ରିୟ ଭୂମିକା ତୁଲାଇଥିବା ଆଦିବାସୀ ମହିଳାଙ୍କ ସ୍ୱରକୁ ଅବହେଳା କରାଯାଇଛି ।

ଏହାର ଏକ ଉଦାହରଣ ଦିଆଯାଇପାରେ, ସର୍ବଦା ପୁରୁଷପ୍ରଧାନ ସମାଜ ନାରୀର ଅବଦାନକୁ ପ୍ରାନ୍ତ ଭଳି ଦେଖିଆସିଛି, କିନ୍ତୁ ତାଙ୍କ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଦକ୍ଷେପ ନିଆଯାଇଥିଲା । ଯେଉଁଠି ଜଣାପଡ଼େ, ଆଦିବାସୀ ନାରୀ ଜଙ୍ଗଲକୁ ଭଲପାଏ, ତାହା ପାଇଁ ସେ ସେ ଜୀବନ ଦେବାକୁ ପଛାଏ ନାହିଁ । "ଚିପକୋ ଆନ୍ଦୋଳନ ୧୯୭୦ ଦଶକର ପ୍ରାରମ୍ଭରେ ଭାରତର ଉତ୍ତରାଖଣ୍ଡର 'ମଣ୍ଡଳଗ୍ରାମ'ରେ ଆରମ୍ଭହୋଇଥିଲା। ସେହି ସମୟରେ ସରକାରୀ ନୀତିଗୁଡ଼ିକ ବାଣିଜ୍ୟିକ କାଠ କାଟିବାକୁ ଦୃଢ଼ ସମର୍ଥନ କରିଥିଲା, ଯାହା ଫଳରେ ଜଙ୍ଗଲ କ୍ଷୟ ବୃଦ୍ଧି ପାଇଥିଲା । ଜାଳେଣି କାଠ, ଚାରା ଏବଂ ପାଣି ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳତା ଯୋଗୁଁ ଯେଉଁ ମହିଳାମାନଙ୍କର ଜୀବନ ଗଭୀର ଭାବରେ ପ୍ରଭାବିତ ହୋଇଥିଲା, ସେମାନେ ମାନବଜାତିର ପରିବେଶଗତ ଅବକ୍ଷୟର ଏକ ତୃଣମୂଳ ପ୍ରତିକ୍ରିୟା ଭାବରେ ଏହି ଆନ୍ଦୋଳନ ଆରମ୍ଭ କରିଥିଲେ । ଗୌରା ଦେବୀଙ୍କ ନେତୃତ୍ୱରେ, ମହିଳାମାନେ ଗଛଗୁଡିକ ପାଖରେ ଏକ ମାନବ ଶୃଙ୍ଖଳ ଗଠନ କରିଥିଲେ, ସେମାନଙ୍କର ବିନାଶକୁ ରୋକିବା ପାଇଁ ସେମାନଙ୍କୁ ଶାରୀରିକ ଭାବରେ ଆଲିଙ୍ଗନ କରିଥିଲେ। ଏହି ଆନ୍ଦୋଳନ ତୀବ୍ର ଗତିରେ ଗତି କଲା । ଏହା ଶୀଘ୍ର ହିମାଳୟ ଅଞ୍ଚଳରେ ବ୍ୟାପିଗଲା ଏବଂ ଜାତୀୟ ଜଙ୍ଗଲ ସଂରକ୍ଷଣ ନୀତି ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା।"(୧୪)

ଆଧୁନିକ ସଭ୍ୟତା ସଂସ୍ପର୍ଶରେ ଆଦିବାସୀ ନାରୀ ନିଜର ପ୍ରାକୃତିକତା ପ୍ରତି ହୀନ ଭାବ ପୋଷଣ କରି କୃତ୍ରିମତାକୁ ଆଦରି ନେଇଛି। ସେ ଶାଢ଼ୀ, ରିବନ, ବାସନା ତେଲ, ସାବୁନ, ପ୍ଲାଷ୍ଟିକ ଫୁଲ ଆଦିକୁ ବ୍ୟବହାର କରି ଶିଖିଛି । ଆଧୁନିକ ନାରୀ ଓ ଆଦିବାସୀ ନାରୀ ମଧ୍ୟରେ ତୁଳନା କରି କିଏ କାହା ପରି ହୋଇଯାଉଛି ସେ ବିଷୟରେ ପ୍ରଶ୍ନ ସୃଷ୍ଟି ହୁଏ । "ପ୍ରକୃତି କନ୍ୟା ଆଦିବାସୀ ରମଣୀ ବାଙ୍କ ଖୋସାରେ କୃତ୍ରିମ କେଶ ଓ ପ୍ଲାଷ୍ଟିକ ଫୁଲ ଦେଖିଲେ ମନର ସରସତା ଯେତିକି ବ୍ୟାହତ ହୁଏ, ତଥାକଥିତ ଆଧୁନିକା ନାରୀର ସଂକ୍ଷିପ୍ତ ଅଙ୍ଗବାସ ଓ ଅଗାଧ ମୁକ୍ତ ପ୍ରେମ ମନରେ ସେତିକି ଗ୍ଲାନି ଉଦ୍ରେକ କରାଏ । ସଭ୍ୟତା ପୁନର୍ବାର ଆଦିମ ଜୀବନକୁ ପଶ୍ଚାତପଦ କରୁଛି, କିମ୍ବା ଆଦିବାସୀ ସମାଜ ସଭ୍ୟତାର ଛୁଆଁରେ ଉନ୍ନତିର ସୋପାନରେ ଉଠି ଆସୁଛି, ତାହା ବେଳେ ବେଳେ ଦ୍ୱନ୍ଦ୍ୱରେ ପକାଏ ।"(୧୫) ସେ ଯାହାବି ହେଉ ଆଦିବାସୀ ସମାଜରେ ନାରୀର ସ୍ୱାଧୀନତା ଓ ସ୍ୱାବଲମ୍ବୀପଣ ଅନ୍ୟ ସମାଜରେ ଉଣା, ଏହାକୁ ନିର୍ଦ୍ୱନ୍ଦ୍ୱରେ ଗ୍ରହଣ କରାଯାଇପାରେ । ଅତଏବ ଏଠାରେ ଆଦିବାସୀ ନାରୀର ଆଖିରେ ଦେଖିଲେ ଅଣଆଦିବାସୀ ନାରୀମାନେ ଦଳିତବର୍ଗ ବୋଲି ଧାରଣା ଆସିଥାଏ ।

## • ଆଦିବାସୀ ବିଦ୍ରୋହର ସୀମାନ୍ତୀକରଣ

ସ୍ୱାଧୀନତା ସଂଗ୍ରାମର ବଳିଦାନ କଥା ଉଠିଲେ ଆମେ ସାମ୍ନାରେ ଯେଉଁମାନେ ଛିଡ଼ା ହୋଇଯାଆନ୍ତି, ସତରେ କଣ ସେମାନେ ସବୁ ଶ୍ରେୟର ହକଦାର? ଅଳ୍ପ ସଂଖ୍ୟକ ନେତୃତ୍ୱଙ୍କ ଦିଗଦର୍ଶନରେ କ'ଣ ଆମେ ହୋଇଛେ ସ୍ୱାଧୀନ? ସେଥିରେ ସେମାନଙ୍କ ସ୍ୱାର୍ଥ? ସେଥିରେ ଆଉ କାହାକୁ ଛଡ଼ାଯାଇନି ତ? କିଏ ଏଯାଏଁ ଆଲୋଚନା ବାହାରେ ରହିଛି? କେବେ ଏ ପ୍ରଶ୍ନ ସବୁ ଆମେ ନିଜକୁ ପଚାରିଛନ୍ତି କି? ତେବେ ସେ ସମ୍ପର୍କରେ ଆଲୋଚନା କରାଯାଉ, ଆଦିବାସୀ ବିଦ୍ରୋହ ସ୍ୱାଧୀନତା ସଂଗ୍ରାମ ଇତିହାସର ସୀମାନ୍ତରେ ସ୍ଥାନ ପାଇଛି, କାରଣ ଏମାନେ ସମ୍ପୂର୍ଣ୍ଣ ସଫଳତା ଲାଭ କରି ଦେଶକୁ ସ୍ୱାଧୀନ କରିପାରି ନଥିଲେ। କେଉଁଠି ନା କେଉଁଠି ଟଳି ପଡ଼ିଥିଲେ । । ପୁନଶ୍ଚ ଆଦିବାସୀମାନେ ମଧ କାହିଁକି ବିଦ୍ରୋହ କରିଥିଲେ? ଏମାନଙ୍କ ସ୍ୱାର୍ଥ? ଆଦିବାସୀମାନେ ସରଳବିଶ୍ୱାସୀ, ସହନଶୀଳ ହେଲେ ହେଁ ବେଳେବେଳେ ହଠାତ ଉତ୍ତେଜିତ ହୋଇପଡନ୍ତି, ଏହା ସ୍ୱତଃସ୍ଫୁର୍ତ ଭାବେ ସେମାନଙ୍କ ଠାରେ ଦେଖାଯାଏ । ଧର୍ମ ଓ କର୍ମବିଶ୍ୱାସୀ ଆଦିବାସୀ ଯେବେ ଶୋଷଣର ଶିକାର ହୁଏ, ସେବେ ସେ ବିଦ୍ରୋହ କରେ ।

ରଣଜିତ ଗୁହାଙ୍କ ମତରେ ଅଭିଜାତ ଇତିହାସରେ ଜନଙ୍କୁ ଉଚ୍ଚବର୍ଗଙ୍କ ଆଜ୍ଞାପାଳକ ବା ବୁଦ୍ଧିବିଚାରହୀନ ଜୀବ ବୋଲି ଦର୍ଶାଯାଇଛି। ଉଚ୍ଚବର୍ଗଙ୍କ ନେତୃତ୍ୱରେ ଦେଶ ସ୍ୱାଧୀନ ହୋଇଛି । ତେବେ ନିମ୍ନବର୍ଗଙ୍କ ରାଜନୀତି, ମେଳି ବିଦ୍ରୋହ ବିଷୟ ଅସ୍ପଷ୍ଟ ବା ଅଦୃଶ୍ୟ ରହିଛି । କାରଣ ସମାଲୋଚକଙ୍କ ମତରେ "ସମ୍ଭ୍ରାନ୍ତ ଗୋଷ୍ଠୀର କ୍ଷମତା ସଂରଚନା ଆପଣାର ଉତ୍କର୍ଷ ଜାହିର କରିବାରେ ଅପରକୁ 'ନିକୃଷ୍ଟ' ମାନ୍ୟତା ଦେଇଥାଏ ।"(୧୬) ରଣଜିତ ଗୁହା ଇତିହାସର ଭାରତୀୟ ଜାତିର ନିର୍ମାଣ ଏବଂ ଚେତନା ସୃଷ୍ଟି ଓ ଜାତୀୟତାବାଦର ବିକାଶ କେବଳ ଅଭିଜାତ ଶ୍ରେଣୀଙ୍କ ଦ୍ୱାରା ହୋଇଥିଲା ବିଷୟକୁ ଗ୍ରହଣ କରନ୍ତି ନାହିଁ, ତାଙ୍କ ମତରେ ସାଧାରଣ ଲୋକଙ୍କ ରାଜନୀତି ଏଠାରେ ଲୁପ୍ତ । ଯାହା ଅଭିଜାତ ରାଜନୀତି ଠାରୁ ସ୍ୱତନ୍ତ୍ର ଭାବେ ସ୍ୱାୟତ୍ତରେ ଚାଲିଥିଲା, ଗୁହା ରାଉଲାଟ ଆଇନ ବିଦ୍ରୋହ(୧୯୧୯) ଓ ଭାରତ ଛାଡ଼ ଆନ୍ଦୋଳନ(୧୯୪୨) ଭଳି ଲୋକପ୍ରିୟ ଉଦ୍ୟମର ଉଦାହରଣ

ଦିଅନ୍ତି । ତେଣୁ ଇତିହାସ ଏକପାଖିଆ ଏବଂ ଆଖିଦୃଶିଆ ଅଭିଜାତବର୍ଗଙ୍କ ପ୍ରସଙ୍ଗ ବର୍ଣ୍ଣିତ ।(୧୭)

ଗୁହାଙ୍କ ମତରେ ଇତିହାସ ଅଭିଜାତଙ୍କ ଧାର୍ମିକରୂପ ସାମ୍ନାକୁ ଆଣେ ଅର୍ଥାତ ବିରାଡ଼ିବୈଷ୍ଣବ । ଏମାନେ ଉଚ୍ଚପଦବୀରେ ରହି ଇଂରେଜଙ୍କୁ ଅନେକ କ୍ଷେତ୍ରରେ ସାହାଯ୍ୟ କରନ୍ତି । "ତଥାପି, ସେମାନଙ୍କ ପାଇଁ ସାଧାରଣ ବର୍ଣ୍ଣନା ହେଉଛି ଭାରତୀୟ ଜାତୀୟତାବାଦକୁ ସ୍ଥାନୀୟ ଉଚ୍ଚବର୍ଗର ଭଲପଣର ଏକ ଅଯଥା ପ୍ରଶଂସା କରିବା, ଉପନିବେଶବାଦୀ ଶାସନ ସହିତ ସେମାନଙ୍କର ସମ୍ପର୍କର ବିରୋଧୀ ଦିଗ ସହିତ, ସମସ୍ତ ପ୍ରମାଣ ବିରୁଦ୍ଧରେ, ଏହାର ସହଯୋଗୀ ଦିଗ ଅପେକ୍ଷା ବଡ଼ ଦେଖାଯିବା, ଅର୍ଥାତ ସେମାନେ ଇଂରେଜଙ୍କ ସେମାନଙ୍କ ସମ୍ପର୍କ ଅପେକ୍ଷା ଶତ୍ରୁତା ଭାବକୁ ଆଲୋକିତ କରିବା । ଲୋକଙ୍କ ଜୀବନରେ ଶୋଷକ ଏବଂ ଅତ୍ୟାଚାରୀ ଭାବରେ ସେମାନଙ୍କର ଭୂମିକା, ବ୍ରିଟିଶରାଜ ପ୍ରତି ସେମାନଙ୍କର ସମର୍ଥନ ବା ଭକ୍ତି ଦର୍ଶାଇବା ନିମନ୍ତେ ଶାସକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ଏବଂ ସୁବିଧାରେ ଲୋକଙ୍କୁ ଶୋଷଣ ଅପେକ୍ଷା ସେମାନଙ୍କର ପରାର୍ଥପରତା ଏବଂ ଆତ୍ମ-ପରିତ୍ୟାଗକୁ ଦର୍ଶାଇବା । ଏହିପରି ଭାରତୀୟ ଜାତୀୟତାର ଇତିହାସ ଭାରତୀୟ ଉଚ୍ଚବର୍ଗର ଏକ ପ୍ରକାର ଆଧ୍ୟାତ୍ମିକ ଜୀବନୀ ଭାବରେ ଲେଖାଯାଇଛି ।(୧୮)

### •ଇଂରେଜ ଓ ଆଦିବାସୀ ବିଦ୍ରୋହ :

ପାଇକ ବିଦ୍ରୋହ: (୧୮୧୭) ଭାରତବର୍ଷର ପ୍ରଥମ ବିଦ୍ରୋହ 'ସିପାହୀ ବିଦ୍ରୋହ' (୧୮୫୭) ଠାରୁ ପ୍ରଥମ ଆମ ଓଡ଼ିଶାର ଇଂରେଜ ବିରୁଦ୍ଧରେ ବିଦ୍ରୋହ 'ପାଇକ ବିଦ୍ରୋହ' (୧୮୧୭) । ଉଭୟ ବିଦ୍ରୋହରେ ପାଇକ ଓ ସିପାହୀ ନିମ୍ନବର୍ଗୀ ସୈନ୍ୟମାନେ ଯୁଦ୍ଧ ନଥିବା ବେଳେ କୃଷିକାମ କରିଥାନ୍ତି, ତେଣୁ ରାଜା ସେମାନଙ୍କ ପାଇଁ କରମୁକ୍ତ ବା ଜାଗିରି ଜମି ପ୍ରଦାନ କରିଥିଲେ । ଏହି ଜାଗିରି ଜମି ଉଚ୍ଛେଦ ଓ କରବୃଦ୍ଧି ଯୋଗୁଁ ତୃଣମୂଳ ସ୍ତରରେ ବିଦ୍ରୋହ ହୋଇଥିଲା । ଓଡ଼ିଶାର ପ୍ରଥମ ସ୍ୱାଧୀନତା ସଂଗ୍ରାମ 'ପାଇକବିଦ୍ରୋହ' ଥିଲା ବୋଲି ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ସ୍ୱୀକାର କରନ୍ତି । ବିଦ୍ରୋହ କାରଣ ସମ୍ପର୍କରେ ସେ କେତୋଟି ମତ ଦିଅନ୍ତି- ଓଡ଼ିଆ ଭାଷା ଓ ଓଡ଼ିଆମାନଙ୍କୁ ହତାଦର(ବଙ୍ଗଳା, ପାର୍ସି ଓ ଇଂରେଜୀ ଭାଷାରେ ଶାସନ ପରିଚାଳନା), ଅଫିସ ଅମଲାମାନେ(ଅଣ-ଓଡ଼ିଆ) ଦଲାଲଗିରି କଲେ, ଅତ୍ୟଧିକ ଖଜଣା ବୃଦ୍ଧି ଓ ଜମିଦାରୀ ନିଲାମ, ସରକାରଙ୍କ ଏକଚାଟିଆ ଲୁଣ ବ୍ୟବସାୟ, (ପ୍ରାୟ ଅଠର ହଜାର ଲୋକଙ୍କ ଦାନାପାଣି ବୁଡିଗଲା), ରାଜସ୍ୱରେ ଅସ୍ଥାୟୀ ବନ୍ଦୋବସ୍ତ, କଉଡ଼ି ବଦଳରେ ଟଙ୍କାରେ ଖଜଣା ଅସୁଲ, ପୋଲିସ ଦାରୋଗାମାନଙ୍କ ଅତ୍ୟାଚାର, କୁଟୀରଶିଳ୍ପ ଓ ବ୍ୟବସାୟ ବାଣିଜ୍ୟର ଅବନତି, ପାଇକମାନଙ୍କ ନିଷ୍କର ଜାଗିରି ଲୋପପାଇଲା ।

ପ୍ରତିକ୍ରିୟା ସ୍ୱରୂପ "ଦୁଇବର୍ଷ ଇଂରେଜ ଶାସନ ବିରୋଧରେ, ସ୍ୱାଧୀନତା ସଂଗ୍ରାମର ପ୍ରଥମ ବଳିଷ୍ଠ ସୋପାନ । ଏତେ ବଡ଼ ବିଦ୍ରୋହ ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ପୂର୍ବରୁ କେବେ ଘଟି ନଥିଲା । ପୁରୀଜିଲ୍ଲାର ରୋଡ଼ଙ୍ଗର ବକ୍ସିଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟଙ୍କ ନେତୃତ୍ୱରେ, ଓଡ଼ିଶାରୁ ବ୍ରିଟିଶରାଜତ୍ୱ ଲୋପ କରିଦେବାକୁ ପ୍ରବଳ ସରମସଜ୍ଜା ଖ୍ରୀ: ୧୮୧୭ ମାର୍ଚ୍ଚମାସରେ ଖୋର୍ଦ୍ଧା ଅଞ୍ଚଳରେ ବାଣପୁରର କନ୍ଧମାନେ, ଖୋର୍ଦ୍ଧାର ପାଇକମାନେ, ଦଳେଇ ଓ ଦଳବେହେରାମାନେ ଓ ଅନ୍ୟାନ୍ୟ ଚାଣୁଆଲୋକେ, ଇଂରେଜ ସରକାରଙ୍କୁ ଦେଶରୁ ତଡ଼ିଦେବା ପାଇଁ, ପ୍ରଥମ ଅଗ୍ନିସ୍ଫୁଲିଙ୍ଗ ପରି, ରଣକ୍ଷେତ୍ରରେ ଡ଼େଇଁପଡ଼ିଥିଲେ ।" (୧୦୬) ବାଣପୁର ଥାନା, ସହର ଆକ୍ରମଣ ଓ ଖଜଣା ଲୁଟ ଏବଂ ପୁରୀ ସହରରର ସରକାରୀ କାର୍ଯ୍ୟାଳୟ ପୋଡ଼ିଦେଲେ। ଉଚ୍ଚବର୍ଗ ସ୍ୱରୂପ ପୁରୀର ରାଜା ମୁକୁନ୍ଦଦେବ ଏଥିରେ ନିଜର ଉଦ୍ଦେଶ୍ୟ ସାଧନ ପାଇଁ ବିଦ୍ରୋହୀମାନଙ୍କୁ ସମର୍ଥନ କଲେ । "ପ୍ରବଳ ଉତ୍ତେଜନା ଭିତରେ ଶ୍ରୀଜଗନ୍ନାଥ ମନ୍ଦିରର ପଣ୍ଡାମାନେ 'ଇଂରେଜ ରାଜତ୍ୱ ଲୋପ ହେଲା', 'ମହାରାଜା ମୁକୁନ୍ଦଦେବ ଖୋର୍ଦ୍ଧାର ରାଜା ହେଲେ' ବୋଲି ଘୋଷଣାକଲେ ।"(୧୯)

ଇଂରେଜମାନଙ୍କୁ ଦେଶୀୟ ରାଜାମାନଙ୍କ ସହଯୋଗ ଓ ଇଂରେଜ ତୋପ ବନ୍ଧୁକ ଯୋଗୁଁ ପାଇକମାନେ ପୁରୀରୁ ଛତ୍ରଭଙ୍ଗ ଦେଇଥିଲେ। ରାଜା ନିଜର ସୁରକ୍ଷା ପାଇଁ ସବୁଦୋଷ ବକ୍ସିଙ୍କ ଉପରେ ଢାଳିଦେଲେ, ବକ୍ସି ରାଜାଙ୍କୁ ନିଜ ସହ ମିଶିବାକୁ ବାଧ କରିଥିଲେ, ରାଜା କିନ୍ତୁ ସ୍ୱଦେଶୀ ପ୍ରଜାଙ୍କ ଶୋଷଣକୁ ଆଖିବୁଜି ବିଦେଶୀ ଚାକରତ୍ୱକୁ ଗୌରବ ମାନୁଥିଲେ। "ମୁଁ କାହିଁକି ଅକୃତଜ୍ଞ ଲୋକଙ୍କ ଭଳି କମ୍ପାନୀ ମୋ ପ୍ରତି ଯେଉଁ ଦୟା କରିଛନ୍ତି ତାହା ପାସୋରିଯିବି ? ଇଂରେଜମାନେ ମୋତେ ବହୁତ ସୁବିଧା ଦେଇଛନ୍ତି । ଦେଖ, ସେମାନେ ଶ୍ରୀଜଗନ୍ନାଥ ମନ୍ଦିରରେ ମୋର ପାରମ୍ପରିକ ଅଧିକାର ସ୍ୱୀକାର କରିଛନ୍ତି । ଆପଣ ଯେତେ ଅସୁବିଧା ଓ ଅତ୍ୟାଚାର କଥା କହିଲେ, ସେସବୁ ସତ୍ତ୍ୱେ ଅନ୍ୟାୟ ଓ କୁଟିଳ ପଥରେ କାହିଁକି ମୁଁ ଯିବି ? ଏବଂ ପାଗଳ ଲୋକଙ୍କ ଭଳି ଯେପରି ବଣ ଜଙ୍ଗଲରେ ବୁଲୁଛନ୍ତି ସେପରି ମୁଁ କାହିଁକି ହେବି ?"(୨୦) ଏ ଭଳି ସବୁ ସମୟରେ ବଳି ପଡନ୍ତି ନିମ୍ନବର୍ଗମାନେ ଯେଉଁମାନେ ପରମ୍ପରାକୁ ସମ୍ମାନ ଦେଇ ରାଜା(ଉଚ୍ଚବର୍ଗ)ଙ୍କୁ ନେଇ ଗର୍ବ କରନ୍ତି । କିନ୍ତୁ ଉଚ୍ଚବର୍ଗ ନିଜର ରାଜଗାଦିର ମୋହ ପାଇଁ ସେମାନଙ୍କ ସହ ବିଶ୍ୱାସଘାତକତା କରିଛନ୍ତି । "ରାଜାଙ୍କ ଚିଟାଉରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ଜଗବନ୍ଧୁ ସ୍ୱଜାଗିରିର ପୁନଃପ୍ରାପ୍ତି ଉଦ୍ଦେଶ୍ୟ ରଖିବା ସଙ୍ଗେ ସଙ୍ଗେ ଖୋର୍ଦ୍ଧା ରାଜାଙ୍କ ପୁନଃ ସିଂହାସନପ୍ରାପ୍ତି ଉଦ୍ଦେଶ୍ୟ ମଧ୍ୟ ରଖିଥିଲେ । କିନ୍ତୁ ଏ ଦୁଇଜଣଙ୍କ ଦୃଷ୍ଟିକୋଣରେ ପ୍ରଭେଦ ଥିଲା । ଜଣେ ଜୀବନ ଓ ସର୍ବସୁଖକୁ ଜଳାଞ୍ଜଳି ଦେଇ ସ୍ୱଅଭୀଷ୍ଟ ସିଦ୍ଧି ପାଇଁ ବିଦ୍ରୋହ ଚଳାଉଥିବା ବେଳେ ଅନ୍ୟଜଣେ ଏହି ବିଦ୍ରୋହ ସଫଳ ହେବ କି ନହେବ ତା'ର ସ୍ପଷ୍ଟ ରୂପରେଖ ଦେଖିବା ଦିଗରେ ବିଶେଷ ଚେଷ୍ଟାକରି ନଥିଲେ । ଉଦ୍ଦାମ ଉତ୍ତେଜନାର ବଶବର୍ତ୍ତୀ ହୋଇ ନିଜ କଲ୍ୟାଣ ସଙ୍ଗେ ସଙ୍ଗେ ଦଶଜଣଙ୍କର କଲ୍ୟାଣ ସାଧନ ହେବା ଆଶା ଓ ଆକାଙ୍କ୍ଷା ରଖି ନିଆଁକୁ ଡେଇଁପଡ଼ିଥିଲେ ।(୨୧)

ବିଦ୍ରୋହୀମାନଙ୍କୁ ଧରାଇଦେବାରେ ଇଂରେଜ ସରକାର ପୁରସ୍କାର ଘୋଷଣା, ବିଦ୍ରୋହୀ ପରିବାରଙ୍କୁ ଅଟକବନ୍ଦୀ (ବ୍ରିଟିଶ ଭାଷାରେ 'ହୋଷ୍ଟେଜ ଉପାୟ') ଓ ରାଜାମାନଙ୍କ ବିଶ୍ୱାସଘାତକତା ଯୋଗୁଁ ଅନେକ ବିଦ୍ରୋହୀ ବନ୍ଦୀ ହେଲେ, ନିରୁପାୟ ହୋଇ ୧୮୨୫ ମେମାସରେ ବକ୍ସି ଆତ୍ମସମର୍ପଣ କରି ବନ୍ଦୀ ହେଲେ, ବକ୍ସି ପଦବୀରୁ ବଞ୍ଚିତ ହେଲେ ଓ ସମ୍ପତ୍ତି ସରକାର ବାଜ୍ୟାପ୍ତ ହୋଇ ୧୮୨୯ରେ ମୃତ୍ୟୁବରଣ କରିଥିଲେ। ସରକାର ବକ୍ସିଙ୍କ ମୁଖ୍ୟ ନେତାଙ୍କୁ ଆତ୍ମସମର୍ପଣ କଲେ ସୁଦ୍ଧା କ୍ଷମା ଦେଇ ନଥିଲେ ।

ଏହିଭାବେ ବାଣପୁର ବିଦ୍ରୋହ (୧୮୧୮) କନ୍ଧମାନଙ୍କ ଦ୍ୱାରା, ପାରଳାଖେମୁଣ୍ଡି ବିଦ୍ରୋହ ବିଶୋଇମାନଙ୍କ ଦ୍ୱାରା, ସମ୍ବଲପୁର ବିଦ୍ରୋହ(୧୮୩୩ ଓ ୧୮୫୭) ଗଣ୍ଡ ଓ ବିଂଝାଲ ବିଶୋଇମାନଙ୍କ ନେତୃତ୍ୱ ନେଇ ସୁରେନ୍ଦ୍ର ସାଏଙ୍କ ଦ୍ୱାରା ଇତ୍ୟାଦି ଅନେକ ଆଦିବାସୀ ସ୍ତରରେ ବିଦ୍ରୋହ ସଂଗଠିତ ହୋଇଥିଲା। ଯାହା ଆଜିବି ଇତିହାସରେ ଗୌଣ ବା ସମ୍ପୂର୍ଣ୍ଣ ଭାବେ ବାଦ ଦିଆଯାଇଛି ।

- **ରାଜା ଓ ଆଦିବାସୀ ବିଦ୍ରୋହ :**

କେଉଁଝର ବିଦ୍ରୋହ (୧୮୯୧): କେନ୍ଦୁଝରରେ ସେବେ ଭୂୟାଁଙ୍କୁ ବିଶେଷ ସମ୍ମାନ ଦିଆଯାଉଥିଲା । ରାଜାଙ୍କ ଅଭିଷେକ ଠାରୁ ପୂଜାପାର୍ବଣରେ ଭୂୟାଁମାନେ ବିଶେଷ ସମ୍ମାନ ଲାଭ କରୁଥିଲେ । ରାଜା ମଧ୍ୟ କୌଣସି ବଡ଼ ନିଷ୍ପତି ନେବା ବେଳେ ଭୂୟାଁଙ୍କ ସହ ଆଲୋଚନା କରନ୍ତି । ରାଜାମାନେ ଭୂୟାଁମାନଙ୍କୁ ପାଇକ, ମନ୍ତ୍ରୀ, କଟୁଆଳଆଦି ପଦବୀରେ ନିଯୁକ୍ତ କରୁଥିଲେ । ଭୂୟାଁ ମଧ୍ୟ ନିଜକୁ ରାଜପରିବାର ଏକ ସଦସ୍ୟମାନି ଚଳନ୍ତି । "କିମ୍ବଦନ୍ତୀରୁ ଜଣାଯାଏ, ଏହି ଭୂୟାଁପୀଢ଼ ଅଞ୍ଚଳ ଶାସନ ସକାଶେ ଭୂୟାଁ ଅଧିବାସୀମାନେ ପୂର୍ବେ ମୟୂରଭଞ୍ଜ ରାଜବଂଶରୁ ଜଣଙ୍କୁ ରାଜଗାଦିନାସୀନ କରାଇଥିଲେ । ଭୂୟାଁମାନେ କ୍ଷତ୍ରିୟ ବା ରାଜବଂଶଜ ବୋଲି ନିଜକୁ ପରିଚିତ କରାନ୍ତି । ସେମାନେ ମୂଲ, ବେଠି, ବେଗାରି କରିବାକୁ ଲଜ୍ଜାବୋଧ କରୁଥିଲେ । କ୍ଷତ୍ରିୟର ନିଦର୍ଶନ ସ୍ୱରୂପ, ଭୂୟାଁମାନେ ଖଣ୍ଡାକୁ(ତରବାରି) ପୂଜା କରୁଥିଲେ ।"(୨୨)

କେନ୍ଦୁଝରର ରାଜା ଧନଞ୍ଜୟ ନାରାୟଣ ଭଞ୍ଜ ୧୮୯୧ ମସିହାରେ ବ୍ୟାସକବି ଫକୀରମୋହନଙ୍କୁ ରାଜ୍ୟର ମ୍ୟାନେଜର ଭାବେ ନିଯୁକ୍ତ କଲେ । ମ୍ୟାନେଜର ଆଦିବାସୀମାନଙ୍କ ଖରାଦିନେ ଜଳ ଅଭାବକୁ ଲକ୍ଷ୍ୟ କରି ମାଛକାନ୍ଦଣାନଦୀ ନିକଟରୁ କେନାଲ ମାଧ୍ୟମରେ ଜମିକୁ ଜଳ ଯୋଗାଇବାର ରାଜାଙ୍କୁ ପ୍ରସ୍ତାବ ଦେଲେ। ମାତ୍ର ରାଜା ଏହା ପାଇଁ ଦଶହଜାର ବ୍ୟୟ କରିବାକୁ ଚାହିଁଲେ ନାହିଁ । ତେଣୁ ମନ୍ତ୍ରୀ ବିଚିତ୍ରାନନ୍ଦ ଦାସଙ୍କ ପ୍ରରୋଚନା କଲେ ରୟତ ବା ଚାଷୀମାନଙ୍କୁ ବିନା ବେତନରେ ବେଠି ଖଟାଇ କାମ କରିବାକୁ ରାଜା ନିର୍ଦ୍ଦେଶ ଦେଲେ । "ରୟତମାନେ (ବିଶେଷତଃ ଭୂୟାଁମାନେ) ଗରିବ ଥିବାରୁ, ନିଜ ଘରୁ ଚାଉଳ ଓ ଡାଲିନେଇ ବେଠିକାମ ବେଶିଦିନ କରିପାରିଲେନାହିଁ । ପରିଣାମରେ, ପାଣ ସରଦାରମାନେ ଭୂୟାଁ ମହିଳା ଶ୍ରମିକମାନଙ୍କ ଉପରେ ବେତମାଡ଼ ଦେଇ ବେଠିକାମ କରାଇଲେ । ଶ୍ରମିକମାନଙ୍କର ମଜୁରି ମୂଲ ପରିବର୍ତ୍ତେ, ବେତମାଡ଼ (କୋରଡ଼ାମାଡ) ପ୍ରହାର ଭୂୟାଁମାନଙ୍କୁ ବାଧିଲା ଓ ତାଙ୍କର ତଥାକଥିତ କ୍ଷତ୍ରିୟ ବୀର୍ଯ୍ୟ ଉପରେ ଆଞ୍ଚ ଆସିବାରୁ ଚତୁର୍ଦ୍ଦିଗରେ ସଭାସମିତି କଲେ। ସଭାରେ, ଭୂୟାଁମାନେ ଏକତ୍ରିତ ହୋଇ ସ୍ଥିର କଲେ ଯେ, ତାଙ୍କର ଜାତିଭାଇ, ଏକମାତ୍ର ଉଚ୍ଚ ଶିକ୍ଷିତ, ଧରଣୀଧରଙ୍କ ନେତୃତ୍ୱରେ ପ୍ରଥମେ ସହକାରୀ ମାନେଜର ବିଚିତ୍ରାନନ୍ଦ ବାବୁଙ୍କୁ ହତ୍ୟା କରିବେ; ଦ୍ୱିତୀୟରେ, କେନ୍ଦୁଝରର ରାଜା ଧନଞ୍ଜୟଙ୍କୁ ଗାଦିଚ୍ୟୁତ କରାଇବେ, କାରଣ ଶାସନକ୍ଷେତ୍ରରେ ରାଜା ଅମଲା ମାନଙ୍କର ହାତବାରସି ହୋଇ ରହିଅଛନ୍ତି ଓ ଭୂୟାଁମାନଙ୍କ ଉପଦେଶ ଗ୍ରହଣକରୁନାହାନ୍ତି ଯଦ୍ଦ୍ୱାରା ଭୂୟାଁମାନଙ୍କର ମାନସମ୍ମାନରେ ଆଞ୍ଚ ଆସୁଅଛି । ତୃତୀୟରେ, ଧରଣୀଧରଙ୍କୁ 'ରାଣୀ-ପୁତ୍ର' ବୋଲି ଘୋଷଣା କରି, କେନ୍ଦୁଝରର ରାଜା ବୋଲି ସ୍ୱୀକାର କରିବେ ।"(୨୩) ଏଥିରୁ ସେମାନଙ୍କ ରାଜନୀତିକ ଚେତନା, ସଂଗଠନ, ନିଷ୍ପତି ଗ୍ରହଣ ଓ ନେତା ଚୟନର ପ୍ରମାଣ ମିଳେ । ଫକୀରମୋହନଙ୍କ କୂଟନୀତି ଯୋଗୁଁ ଏହା ସଫଳ ହୋଇ ହୋଇପାରିଲା ନାହିଁ ।("ମହରାଣୀ–ପୁତ୍ର'ଙ୍କ ସକାଶେ ଏକଶତ ପାନ, ଦୁଇଶତ ଗୁଆ ଶୀଘ୍ର ପଠାଇବାକୁ ।"(୨୪) ଧରଣୀଧର ଓ ସାଥୀଙ୍କୁ ସାତବର୍ଷ ସଶ୍ରମ କାରାଦଣ୍ଡ ମିଳିଲା, ମାତ୍ର କଟକ କମିଶନ ରାଜାଙ୍କ ପ୍ରଜାପୀଡ଼ନକୁ ଦର୍ଶାଇ ରାଜାଙ୍କୁ ଗାଦିଚ୍ୟୁତ କରାଇଲେ । ଖୁସି ଓ ଦୁଃଖର ସମଷ୍ଟି, ଯାହା ଧରଣୀଧର ଭୂୟାଁଙ୍କ ଭାଷାରେ ଠିକ ଏମିତି ଥିଲା, "ମୋହର ସାତବର୍ଷ କାରାବାସ ହେଲା, ସେଥି ପ୍ରତି ଦୁଃଖିତ ନାହିଁ। ପ୍ରଜା ମାନେ ଅତ୍ୟାଚାରରୁ ରକ୍ଷାପାଇଲେ ଏଥିପାଇଁ ମୁଁ ବଡ଼ ଆନନ୍ଦିତ ଅଛି ।"(୨୫) ଏହିପରି ଭାବେ ଶୋଷଣ ଓ ବିଦ୍ରୋହ ଏହି ମୁକ୍ତିସଂଗ୍ରାମ କେବଳ ବିଟ୍ରିଶ ଓ ସ୍ୱଦେଶୀ ଉଚ୍ଚବର୍ଗଙ୍କ ମଧ୍ୟରେ ହୋଇନଥିଲା, ଏହା ବିଟ୍ରିଶ ସହ ଆଦିବାସୀ ସଂଘର୍ଷ, ରାଜା ଓ ଜମିଦାର ସହ ଆଦିବାସୀ ସଂଘର୍ଷ ଭଳି ବିଭିନ୍ନ ଉଚ୍ଚବର୍ଗଙ୍କ ସହ ନିମ୍ନବର୍ଗଙ୍କ ସଂଘର୍ଷ ମଧ୍ୟ ସୂତ୍ରପାତ ହୋଇଥିଲା । ଯାହାର ଇତିହାସ ଅଜଣା ହୋଇ ରହିଯାଇଛି ।

- **ଆଦିବାସୀ ସଂସ୍କୃତିର ସୀମାନ୍ତୀକରଣ-:**

ନିମ୍ନବର୍ଗଦୃଷ୍ଟିରେ ସେମାନଙ୍କ ପ୍ରତିନିଧିତ୍ୱ କରିବା କେବଳ ନୁହେଁ, ସେମାନଙ୍କୁ ମଧ୍ୟ କହିବାକୁ ଦେବାରେ ଗାୟତ୍ରୀ ସ୍ପିଭାକ ବିଶ୍ୱାସ କରନ୍ତି । ନିମ୍ନବର୍ଗର ଏକ ଭଲଚିତ୍ରଅଙ୍କନ ଠାରୁ ସେମାନଙ୍କ ଜୀବନ, ଅନୁଭୂତି, ଚିନ୍ତାଚେତନା ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଗୁହା ମତ ଦିଅନ୍ତି । "ନିମ୍ନବର୍ଗୀୟ ଅଧ୍ୟୟନ କାର୍ଯ୍ୟ କେବଳ ଆଦର୍ଶଗତ ଅଂଶରେ ସୀମିତ ନରହି ବରଂ ସାଧାରଣ ଲୋକଙ୍କ ଜୀବନଜୀବିକା ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ, ଯଥା ଗରିବ ଚାଷୀ, ମେଷପାଳକ, ଶ୍ରମିକ, ନିର୍ଯାତିତ ଜାତି ଏବଂ ମହିଳା । ସେମାନେ ମଧ୍ୟ ମଣିଷ, ସେମାନେ ମଧ୍ୟ ଚିନ୍ତା କରନ୍ତି, ନିଷ୍ପତ୍ତି ନିଅନ୍ତି, ସମାଜରେ ବଞ୍ଚିବା ଏବଂ ବଢ଼ିବାର ଉପାୟ ସ୍ଥିର କରନ୍ତି । ତେଣୁ, ନିମ୍ନବର୍ଗୀୟ ଅଧ୍ୟୟନ ସେହି ଐତିହାସିକମାନଙ୍କୁ ବିରୋଧ କରନ୍ତି ଯେଉଁମାନେ ଲୋକଙ୍କ କାର୍ଯ୍ୟକୁ ସେମାନଙ୍କ ଚେତନାର ବାହ୍ୟ ବୋଲି ବିବେଚନା କରନ୍ତି । ଏହି ଚେତନାର ଏକ ଉପଯୁକ୍ତ ବିଶ୍ଳେଷଣ ଏବଂ ଇତିହାସକାରଙ୍କ ଦ୍ୱାରା ଏହାର ଉପଯୁକ୍ତ ସ୍ୱୀକୃତି ନିମ୍ନବର୍ଗଙ୍କୁ ସଠିକ୍ ଭାବରେ ଉପସ୍ଥାପନ କରିବ ଏବଂ ଦର୍ଶାଇବ ଯେଉଁ ଇତିହାସ ସେମାନେ ବଞ୍ଚିଛନ୍ତି ।" (୨୬) ତେଣୁ ତଥାକଥିତ ସତ୍ୟର ପରଦା ପଛର ସତ୍ୟ ଭିନ୍ନ ବା ଅପ୍ରିୟ ହୋଇପାରେ । ଯାହା ଆଦିବାସୀଙ୍କ ବାସ୍ତବ ରୂପାୟନରେ ସାହାଯ୍ୟ କରିବ ।

**ଖାଦ୍ୟ ପ୍ରେୟ:** ଆମେ ଯେଉଁ ଅଖାଦ୍ୟ ଭକ୍ଷଣ ପାଇଁ ଆଦିବାସୀଙ୍କୁ ନାପସନ୍ଦ କରନ୍ତି । ତାହା ସେମାନଙ୍କ ଖୁସିର ଖାଦ୍ୟ ନୁହେଁ, ଜୀବନ ଧାରଣର ଅତ୍ୟାବଶ୍ୟକୀୟ ବସ୍ତୁ, ସେଗୁଡିକ ଖାଇ ଅନେକ ରୋଗାକ୍ରାନ୍ତ ହୋଇ ଏମାନେ ମୃତ୍ୟୁପ୍ରାପ୍ତ ହୁଅନ୍ତି । ସେମାନେ ଅଖାଦ୍ୟ ଭକ୍ଷଣର କାରଣ ଅନୁସନ୍ଧାନ କଲେ ଜଣାଯାଏ- "ପଥର କଙ୍କର ଉପରେ ଯଥେଷ୍ଟ ଫସଲ ହୁଏ ନାହିଁ । ଯାହା ହୁଏ ତହିଁରୁ ବାରପଣ ନାନା ସ୍ତରର ସାହୁକାର, ଠକ, ଶୋଷକ, ସାନ କର୍ମଚାରୀ ନାନା ଉପାୟରେ ଠକିଠାକି କି ଜୁଲମ କରି ନେଇ ପଳାନ୍ତି ବୋଲି କେମିତି ସେ ଆମ୍ବ ଟାକୁଆ, ତେନ୍ତୁଳି ମଞ୍ଜି ମହୁଲ ଛେଚା, ସଳପ କାଠର ଧୂଳି, ବଣୁଆ ଘାସର ମଞ୍ଜି, ପରି ସୁଆଁ କୋଶଲା, ଉଈ ଟାଙ୍କୁ (ପରଜା ଖାଦ୍ୟ), ଢମଣା ସାପ (କନ୍ଧ ଖାଦ୍ୟ), ମାଙ୍କଡ (ସମସ୍ତିଙ୍କ ଖାଦ୍ୟ), କାଇପୋକ ଭଜା, କାଇ ଡିମ୍ବ, ମହୁଡିମ୍ବ, ଝରିପୋକ, ବଣର ନାନା ଜାତି ପତର ଫଳ ଖାଇ ଜୀବନ ରଖେ।"(୨୭)

**ବେଶଭୂଷା:** ଆମେ ଯେଉଁକୌଣସି ଦେଶର ଲୋକଙ୍କୁ ଦେଖିଲା ମାତ୍ରେ କହିଦିଅନ୍ତି ସେ କେଉଁ ଦେଶର ବୋଲି । ସେମାନଙ୍କ ବେଶ ହିଁ କହିଦିଏ ବହୁତ କିଛି, ସେମାନଙ୍କ କାର୍ଯ୍ୟ(ଓକିଲ, ପୋଲିସ), ବାସସ୍ଥାନ, ପରମ୍ପରା, ସଂସ୍କୃତି । ଅତଏବ ବିନାଶବ୍ଦରେ ବେଶପୋଷାକ ଅନେକ କଥା ଜଣାଏ । ଆଦିବାସୀ ସମାଜରେ ମଧ୍ୟ ଭିନ୍ନ ଭିନ୍ନ ଗୋଷ୍ଠୀ ମଧ୍ୟରେ ଭିନ୍ନ ଭିନ୍ନ ବେଶଭୂଷା ପ୍ରଚଳିତ ଥିଲା । ଯାହା ତାଙ୍କ ଜାତି ଓ ସଂସ୍କୃତିର ସ୍ୱତନ୍ତ୍ରତା ଦର୍ଶାଉଥିଲା, ମାତ୍ର ଆଧୁନିକ ସମାଜର ଚାକଚକ୍ୟ ଖରାରେ କିମ୍ବା ଘୃଣାର

ନିଆଁରେ ସେ ସଂସ୍କୃତି ଆସ୍ତେ ଆସ୍ତେ ଜଳିବାକୁ ଚାଲିଛି। "ବେଶଭୂଷା କ୍ଷେତ୍ରରେ ଯାହା ସଭ୍ୟ ବୋଲାଉଥିବା ସମାଜକୁ ଲାଗେ ଫୁଙ୍ଗୁଳା, ତାହାହିଁ ତାଙ୍କର ପୋଷାକ। ସେହି ସରଳତାକୁ ଏବେ ବହୁଳ ଭାବରେ ଅସଭ୍ୟ ବର୍ବର ଆଖ୍ୟା ଦିଆଯାଉଥିବାରୁ ଯାହା ଏକଦା ତାଙ୍କର ସୃଷ୍ଟି କରି ପାରିଥିଲା ପରିଚୟ ତାହା ପରିବର୍ତ୍ତନ ହେଲାଣି ।"(୨୮)

ଧର୍ମ: ଯେ ଆମକୁ ଧାରଣ କରି ରଖେ ତାହା ଧର୍ମ । ଧାରଣ ଅର୍ଥ ସୁରକ୍ଷା। ଏହା କେବଳ ଜୀବନକୁ ସୁରକ୍ଷା ବୁଝାଏ ନାହିଁ ସଂସ୍କୃତି, ପରମ୍ପରା ଆଦିକୁ ମଧ୍ୟ ସୁରକ୍ଷା ଦିଏ । ଅନେକ ଭିନ୍ନତା ମଧ୍ୟରେ ଏକତା ହିଁ ଧର୍ମ। ମାତ୍ର ସଂପ୍ରତି ଧର୍ମର ହୋଇଛି ଶୋଷଣର ମାଧ୍ୟମ ଓ ହିଂସାର ତୋପ । କେବେ କୋଟିଏ ଲୋକଙ୍କୁ ଯୋଡୁଥିବା ଧର୍ମ, ଆଜି ଧର୍ମ ମଧ୍ୟରେ କୋଟିଏ ଭେଦର ରୂପ ହୋଇଛି । ମାତ୍ର ଧର୍ମ ଉପରେ ଆଶା ଆଜିବି ରହିଛି । ଜଗନ୍ନାଥ ଧର୍ମ ଆଦିବାସୀ ତଥା ଶବରର ଦେବତା ବୋଲି ଐତିହାସିକମାନେ ମତ ଦେଇଥାନ୍ତି । ବଣମଣିଷର ଦେବତାଙ୍କୁ ଆମେ ମୁଣ୍ଡିଆ ମାରୁଛନ୍ତି, ହେଲେ କାହିଁକି ତାଙ୍କ ଧର୍ମ ଓ ପରମ୍ପରା ପ୍ରତି ନାକ ଟେକୁଛନ୍ତି । "ଆମ୍ଭେମାନେ ଦିନେ ଆଦିବାସୀଙ୍କର ଦେବତାକୁ ଜଗତର ନାଥ ବୋଲି ଗ୍ରହଣ କରି ଆମର ଦେବ ସମାଜରେ ତାଙ୍କୁ ସର୍ବଶ୍ରେଷ୍ଠ ଆସନ ଦେଇଥିଲୁ ।×× ଆମେ ଆଦିବାସୀର ଦେବତାକୁ ଗ୍ରହଣ କରିଥିଲୁ, କିନ୍ତୁ ଠିକ୍ ସେହି ପରିମାଣରେ ଆଦିବାସୀକୁ ନିଜର କରି ନ ଥିଲୁ।"(୨୯) ଜଗନ୍ନାଥଙ୍କ ଭଳି ସେମାନେ ନିର୍ଗୁଣ, ନିରାକରଙ୍କୁ ପୂଜାକରନ୍ତି । ଯେପରି ଭୂମି, ପାହାଡ଼, ଗଛ, ସୂର୍ଯ୍ୟ ଆଦି । ଯାହା ଆମ ବେଦ ମଧ ଗ୍ରହଣ କରେ । ପୁରାଣରେ ନିରାକାର ରୂପ ସାକାର ପାଇ ହେଲେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଦୁର୍ଗା ଆଦି ଦେବଦେବୀ । ସେମାନଙ୍କ ପାଇଁ ମନ୍ଦିର, ଫଳ, କଦଳୀ, ବସ୍ତ୍ର, ଅଳଙ୍କାରମାନ ଖଞ୍ଜା ହେଲା। ଯାହା ଆଦିବାସୀ ଦେବତାଙ୍କ ପାଖରେ ନଥିଲା, ସେମାନେ ଯାହା ନିଜେ ଖାଉଥିଲେ ତାହା ଭଗବାନଙ୍କୁ ଦେଉଥିଲେ, ଅର୍ଥାତ ଦେବତା ଅନ୍ୟ କେହି ନୁହେଁ, ତାଙ୍କ ମଧ୍ୟରୁ ଜଣେ । ମାତ୍ର ଆଜିର ସମାଜ ସେମାନଙ୍କ ପରମ୍ପରାର ଗୌରବ ନ ବୁଝି ନିମ୍ନଦୃଷ୍ଟିରେ ଦେଖି ଆସିଛି ।

**ବଳିପ୍ରଥା** : ପଶୁ ବଳିପ୍ରଥା ଉପରେ ନାପସନ୍ଦ ବା ବନ୍ଦ କରିବା ଦ୍ୱାରା ଆଦିବାସୀ ପୂଜା ପାର୍ବଣ ତଥା ସଂସ୍କୃତିର ବିଲୟ ଘଟୁଛି, ତେଣୁ ଏହା ହତ୍ୟା ଆଧୁନିକ ମାଂସଲୋଭୀ ସମାଜର ତୁଳନାରେ ବେଶି ନୁହେଁ ବୋଲି ସମାଲୋଚକମାନେ ମତ ଦିଅନ୍ତି- "ସାନ୍ତାଳ ସହିତ ଅନ୍ୟ ଆଦିବାସୀମାନଙ୍କର ପ୍ରତିପୂଜାରେ ବଳି ପଡୁଥିବାରୁ ଅନେକ ଆଲୋଚକ ଗ୍ରାମଦେବତୀଙ୍କ ପୀଠରେ ବଳି ପ୍ରସଙ୍ଗକୁ ନାପସନ୍ଦ କରନ୍ତି । ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ଗଣମାଧ୍ୟମ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହାକୁ ବନ୍ଦ କରିବାପାଇଁ ଉପଦେଶ ଦିଅନ୍ତି । କିନ୍ତୁ ଏସବୁ ପୀଠର ବଳି ଯେ କୌଣସି ରବିବାରର ଯେ କୌଣସି ବଜାରର ଛେଳି କୁକୁଡ଼ା ବଳିକୁ କେବେ ଟପି ପାରେ ନାହିଁ। ତଫାତ୍ ଏତିକି ଯେ ବଜାରରେ ବିଭିନ୍ନ ଜାଗାରେ ପଶୁହତ୍ୟା ହୁଏ, କିନ୍ତୁ ନିର୍ଦ୍ଦିଷ୍ଟ ତିଥିର ବଳି ଗୋଟାଏ ଜାଗାରେ ସୀମିତ ଥାଏ। ସହରୀ ଲୋକ ପ୍ରତି ରବିବାରରେ ଆମିଷ ଖାଉଥିବା ବେଳେ ଗ୍ରାମାଞ୍ଚଳର ଆଦିବାସୀ ଲୋକ ସେହି ପର୍ବକୁ ଲକ୍ଷ୍ୟ ରଖି ବଳି ଯୋଗାଡ଼ କରେ ଏବଂ ବର୍ଷରେ ଆମିଷ କେବଳ ପର୍ବମାନଙ୍କରେ ନତୁବା ବିଶିଷ୍ଟ ଅତିଥି ଚର୍ଚ୍ଚା ପାଇଁ ଆୟୋଜନ କରେ ।"(୩୦)

ପୁନଶ୍ଚ ମାୟାଧର ମାନସିଂହ ଏହାର ଉତ୍ତମଦିଗକୁ ଆଲୋକପାତ କରି କୁହନ୍ତି- "ବଣ ଜଙ୍ଗଲର ରୂଢ଼ତାରୁ ଏହି ପ୍ରାଣ-ପ୍ରକାଶ ବେଳେ ବେଳେ ଏପରି ସୂକ୍ଷ୍ମ ମାନବିକସ୍ତରକୁ ଉଠିଛି ଯାହା କେବଳ ଉଚ୍ଚତମ ସାହିତ୍ୟରେ ହିଁ ଦେଖିବାକୁ ମିଳେ । ଏମାନଙ୍କର ମେରିଆ ବଳି ପରି ଜଘନ୍ୟ କ୍ରିୟା-କାଣ୍ଡ ରେ ମଧ୍ୟ ଆମ୍ଭେ ଉପନିଷଦର ଉଦାର ପ୍ରତିଧ୍ୱନି ଶୁଣିବାକୁ ପାଉଁ- ଆବାରେ ମଣ୍ ବେ (ସମସ୍ତେ ସୁଖରେ ଥା'ନ୍ତୁ), ବାଲାରେ ମଣ୍ ବେ (ଶାନ୍ତିରେ ଥା'ନ୍ତୁ), ପୃର୍ତ୍ତି ସୂଷ୍ଟା ପଦି,ରାଜି ସୂଷ୍ଟା ପଦି (ପୃଥିବୀ ଓ ରାଜ୍ୟ ସୁଖରେ ଥାଉ) ।"(୩୧)

**ବିସ୍ଥାପନ** : ଆଦିବାସୀଙ୍କ ଦୃଷ୍ଟିରେ ବିକାଶର ଅର୍ଥ ବିନା ସମ୍ମତିରେ ବିସ୍ଥାପନା ଲାଭ ପାଇବେ ସମତଳ ଅଞ୍ଚଳର ଲୋକମାନେ ସେଥିପାଇଁ ସେମାନେ କାହିଁ ବଳି ପଡ଼ିବେ? "ଅଧିକାଂଶ ଆଦିବାସୀ ସାହିତ୍ୟ ଏବଂ ଇତିହାସ ଲିଖିତ ନୁହେଁ; ସେମାନେ ଅଶିକ୍ଷିତ କାରଣ ସେମାନେ ମୁଖ୍ୟଧାରାର ସମାଜରୁ ବିଚ୍ଛିନ୍ନଅଞ୍ଚଳରେ ବାସ କରନ୍ତି। ପ୍ରଥମତଃ ଭାରତୀୟ ଆଦିବାସୀ ସାହିତ୍ୟ ଅଣ-ଆଦିବାସୀ ଲେଖକମାନଙ୍କ ଦ୍ୱାରା ସେମାନଙ୍କର ନିଜସ୍ୱ ଦୃଷ୍ଟିକୋଣରୁ ରଚନା କରାଯାଇଛି । ଆଦିବାସୀମାନେ ସହରାଞ୍ଚଳରୁ ଅସ୍ପୃଶ୍ୟ, ତେଣୁ ଆଦିବାସୀ ସାହିତ୍ୟ ସେମାନଙ୍କୁ ଆନନ୍ଦ ଏବଂ ପୋଷକ ଯୋଗାଇ ପାରିବ ନାହିଁ । ଅନ୍ୟପକ୍ଷରେ ଆଦିବାସୀ ଗ୍ରାମଗୁଡ଼ିକ ଉଚ୍ଛେଦ ହେବା ଏବଂ ଜନଜାତିମାନଙ୍କୁ ସେମାନଙ୍କ ପରିବେଶରୁ ବିସ୍ଥାପିତ କରାଯିବା ସହିତ ଆଦିବାସୀ ଲୋକ ପରମ୍ପରା, ସଂସ୍କୃତି ଏବଂ ସାହିତ୍ୟ ଧୀରେ ଧୀରେ ଶୂନ୍ୟ ହୋଇଯାଉଛି। ଅଲିଖିତ ଲୋକକଥା ଏବଂ ଲୋକଗୀତ ମଧ୍ୟରେ ଆଦିବାସୀ ସାହିତ୍ୟ ସାଧାରଣତଃ ଶାନ୍ତିପୂର୍ଣ୍ଣ ସାମାଜିକ ପରିବେଶରେ ପ୍ରକୃତି ଏବଂ ମଣିଷ ମଧ୍ୟରେ ସମନ୍ୱୟକୁ ପ୍ରତିଫଳିତ କରେ । ସେମାନଙ୍କର ମୌଖିକ ପରମ୍ପରା, ପୌରାଣିକ କାହାଣୀ, ରୀତି ନୀତିଗୁଡ଼ିକୁ ଜନଜାତିଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ଦ୍ୱାରା ରେକର୍ଡ ଏବଂ ଡକ୍ୟୁମେଣ୍ଟ କରାଯାଇଛି ।"(୩୨) ଯାହାକି ସେମାନଙ୍କ କ୍ଷୟିଷ୍ଣୁ ସଂସ୍କୃତିକୁ କିଛି ମାତ୍ରାରେ ଧରିରଖିପାରିଛି। ସଂସ୍କୃତି ସମୟସ୍ରୋତରେ ବଦଳିବ ମାତ୍ର ମୌଳିକତା ନଷ୍ଟ ହେଇଗଲେ ସଂସ୍କୃତି ତାର ସ୍ୱତନ୍ତ୍ରତା ହରାଇ ଅନ୍ୟ ସଂସ୍କୃତିର ବଶ୍ୟତା ସ୍ୱୀକାର କରିବ। "ସଂସ୍କୃତି ପରିବର୍ତ୍ତନଶୀଳ; ଏହା ନିଶ୍ଚିତ, କିନ୍ତୁ ପରିବର୍ତ୍ତନ ନାମରେ ମୌଳିକତାକୁ ହେୟ ମନେକରି ଭୁଲିଯିବା କୌଣସି ଜାତିର ଶୁଭ ଲକ୍ଷଣ ନୁହେଁ ।"(୩୩) ସଂସ୍କୃତି ଲୋପରେ ଗୋଷ୍ଠୀର ଅତୀତର ମୂଲ୍ୟବୋଧ ସମାଧି ପାଏ । ତେଣୁ ଅନ୍ୟ ସଂସ୍କୃତିକୁ ଗ୍ରହଣ କରିଲେ ମଧ୍ୟ ନିଜ ସଂସ୍କୃତିକୁ କେବେ ହେୟ ମନେକରିବା ଉଚିତ ନୁହେଁ ।

**ନିଷ୍କର୍ଷ:** ନିମ୍ନବର୍ଗୀୟ ଦୃଷ୍ଟିରୁ ଅଣଆଦିବାସୀ ସମାଜିକ ବ୍ୟବସ୍ଥା କ୍ଷେତ୍ରରେ ଆଦିବାସୀ ସମ୍ପ୍ରଦାୟ ସୀମାନ୍ତୀକରଣ ହୋଇଛି । ସେମାନଙ୍କ ପ୍ରସଙ୍ଗକୁ ଲେଖନରେ ଗୌଣଦ୍ଧ, ଭୁଲ କିମ୍ବା ସମ୍ପୂର୍ଣ୍ଣ ଲିଭେଇ ଦିଆଯାଇଛ । କେବେ ନିଜ ସଂସ୍କୃତିକୁ ସେମାନଙ୍କ ଉପରେ ବଳପୂର୍ବକ ଲଦାଯାଇଛି, କେବେ ସେମାନଙ୍କ ପରମ୍ପରାକୁ ହୀନ ଦୃଷ୍ଟିରେ ଦେଖାଯାଇଛି । ଏହାର ଆଉ ଏକ କାରଣ ହୋଇପାରେ ସେମାନେ ଆମ ଠାରୁ ବେଶି କର୍ମଠ, ସ୍ୱାଧୀନ, କମରେ ଚଳିପାରନ୍ତି, ଆତ୍ମନିର୍ଭରଶୀଳ, ବର୍ତ୍ତମାନରେ ବଞ୍ଚନ୍ତି, କଷ୍ଟଜୀବନ ହେଲେ ହେଁ ସୁନ୍ଦର ପରମ୍ପରାସଙ୍ଗେ ହସି, ନାଚି ପାରନ୍ତି, ରାଗରୁଷା ଭୁଲି କୋଳାଗତ ହୋଇପାରନ୍ତି, ଯେ ଯେଉଁଠି ଥିଲେ ବି ଗୋଟିଏ ଦିନରେ ସମସ୍ତେ ଏକାଠି ହୁଅନ୍ତି (ନୂଆଖାଇ), ଅପର ପ୍ରତି ସମ୍ବେଦନଶୀଳ ହୋଇପାରନ୍ତି, ଅଥିତିଙ୍କୁ ନିଜ ସ୍ୱଳ୍ପ ସଞ୍ଚୟଖାଦ୍ୟ ଖୁସିରେ ଯାଚିପାରନ୍ତି, ପଇସା ଠାରୁ ସମ୍ପର୍କ ଓ ଭଲପାଇବାକୁ ବଡ଼ ଭାବନ୍ତି, ଦେଇଥିବା କଥା ରଖନ୍ତି ଆଦି ଅନେକ । ବୋଧେ ଏହି ତୁଳନାର ଡ଼ରରେ ଆମେ ସେମାନଙ୍କୁ ବଣମଣିଷର ମୋହର ପିଟି ନିଜ ସମାଜରୁ ଦୂରକୁ ଘଉଡ଼ାଇ ଦେଇଛନ୍ତି । ଆଦିବାସୀ ସମ୍ପ୍ରଦାୟଙ୍କ ଦୃଷ୍ଟିରେ ଦେଖିଲେ ଆଧୁନିକ

ସମାଜରେ ସେମାନଙ୍କ ରୂପରେଖ ଉପରୋକ୍ତ ଆଲୋଚନା ଭଳି ସୀମାନ୍ତୀକରଣ କରାଯାଇଛି ବୋଲି ସ୍ପଷ୍ଟ ସୂଚନା ମିଳୁଛି ।

**ସଂକେତ ସୂଚୀ:**


(୧) Chopra ,Sayar Singh, Representation of Subaltern Voice in Contemporary Indian Tribal Literature: A Study, The Seybold Report, V17.I06, P-1312

(୨) ବେଶ୍ରା, ଦମୟନ୍ତୀ, ଆଦିବାସୀ ସମାଜ ଓ ସଂସ୍କୃତି, କିତାବ ଭବନ, ନୟାପଲ୍ଲୀ, ଭୁବନେଶ୍ୱର,୨ୟ ସଂସ୍କରଣ, ୨୦୨୪, ପୃ – ୧୧

(୩) ହେମ୍ବ୍ରମ୍, ଲିପି, ଗୋପୀନାଥଙ୍କ ଉପନ୍ୟାସରେ ଆଦିବାସୀ ନାରୀର ଜୀବନଚର୍ଯ୍ୟା, ଓଡ଼ିଶା ବୁକ୍ ଷ୍ଟୋର,କଟକ,୧୯୯୩, ପୃ – ୧୧୫

(୪) Guha, Ranajit. On some Aspects of the Historiography of Colonial India.Subaltern Studies I Writing on South Asian History and Society. Oxford university press. Delhi.1882.P- 4

(୫) ସିଂ, ସ୍ୱପ୍ନାରାଣୀ, ଓଡ଼ିଆ ଗଳ୍ପରେ ନିମ୍ନବର୍ଗ ସିଦ୍ଧାନ୍ତ Subaltern Theory ର ପୂର୍ବା ପର ସ୍ଥିତି, ପୁନର୍ମୂଲ୍ୟାୟନ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ,ବ୍ଲାକ୍ ଈଗଲ ବୁକ୍ସ, ଭୁବନେଶ୍ୱର, ୨୦୨୫, ପୃ-୬୧

(୬) ମିଶ୍ର, ଚିତ୍ତରଞ୍ଜନ, ଅପସାରିତ ବ୍ୟକ୍ତି : ଅନୁଚ୍ଚାରିତ ସ୍ୱର, ସାମ୍ପ୍ରତିକ ସାହିତ୍ୟ ଓ ତତ୍ତ୍ୱ ବିଚାର, ଗ୍ରନ୍ଥ ମନ୍ଦିର, କଟକ ୨୦୧୯, ପୃ -୨୦

(୭) ହେମ୍ବ୍ରମ୍, ଲିପି, ଗୋପୀନାଥଙ୍କ ଉପନ୍ୟାସରେ ଆଦିବାସୀ ନାରୀର ଜୀବନଚର୍ଯ୍ୟା, ଓଡ଼ିଶା ବୁକ୍ ଷ୍ଟୋର,କଟକ,୧୯୯୩, ପୃ – ୬୩

(୮) ସିଂ, ସ୍ୱପ୍ନାରାଣୀ, ଓଡ଼ିଆ ଗଳ୍ପରେ ନିମ୍ନବର୍ଗ ସିଦ୍ଧାନ୍ତ Subaltern Theory ର ପୂର୍ବା ପର ସ୍ଥିତି, ପୁନର୍ମୂଲ୍ୟାୟନ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ,ବ୍ଲାକ୍ ଈଗଲ ବୁକ୍ସ, ଭୁବନେଶ୍ୱର, ୨୦୨୫, ପୃ-୫୮-୫୯

(୯) ହେମ୍ବ୍ରମ୍, ଲିପି, ଗୋପୀନାଥଙ୍କ ଉପନ୍ୟାସରେ ଆଦିବାସୀ ନାରୀର ଜୀବନଚର୍ଯ୍ୟା, ଓଡ଼ିଶା ବୁକ୍ ଷ୍ଟୋର,କଟକ,୧୯୯୩, ପୃ – ୬୫

(୧୦) ସେହିଠାରେ, ପୃ – ୬୬

(୧୧) Spivak Gayatri Chakrabarty, Can the Subaltern Speak,P-90

(୧୨) ସାହୁ, ଶୁଭଶ୍ରୀ ସୌମ୍ୟା, ସ୍ରଷ୍ଟାଙ୍କ ସୃଷ୍ଟିରେ ନାରୀ, ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର, ୨୦୧୫, ପୃ -୫୧

(୧୩) ସେହିଠାରେ, ପୃ -୫୨

(୧୪)https://greennetwork.asia/gna-knowledge-hub/chipko-movement-the-anti-deforestation-tree-hugging-protest-by-rural-women-in-india/#:~:text=The%20Chipko%20Movement%2C%20also%20known,shaping%20national%20forest%20conservation%20policies.

(୧୫) ହେମ୍ବ୍ରମ୍, ଲିପି, ଗୋପୀନାଥଙ୍କ ଉପନ୍ୟାସରେ ଆଦିବାସୀ ନାରୀର ଜୀବନଚର୍ଯ୍ୟା, ଓଡ଼ିଶା ବୁକ୍ ଷ୍ଟୋର,କଟକ,୧୯୯୩, ପୃ – ୧୧୬

(୧୬) ମିଶ୍ର, ଚିତ୍ତରଞ୍ଜନ, ଅପସାରିତ ବ୍ୟକ୍ତି : ଅନୁଚ୍ଚାରିତ ସ୍ୱର, ସାମ୍ପ୍ରତିକ ସାହିତ୍ୟ ଓ ତତ୍ତ୍ୱ ବିଚାର, ଗ୍ରନ୍ଥ ମନ୍ଦିର, କଟକ ୨୦୧୯, ପୃ -୧୯

(୧୭) Guha, Ranajit. On some Aspects of the Historiography of Colonial India.Subaltern Studies I Writing on South Asian History and Society. Oxford university press. Delhi.1882.P- 3

(୧୮) ସେହିଠାରେ.P- 2

(୧୯) ଦାଶ, ସୂର୍ଯ୍ୟନାରାୟଣ, ଇଂରେଜ ରାଜତ୍ୱରେ ଓଡ଼ିଶାରେ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ, ଗ୍ରନ୍ଥମନ୍ଦିର, କଟକ, ୨୦୨୦, ପୃ-୧୦୯

(୨୦) ସେହିଠାରେ, ପୃ-୧୧୧

(୨୧) ସେହିଠାରେ, ପୃ-୧୧୨

(୨୨) ସେହିଠାରେ, ପୃ-୩୩

(୨୩) ସେହିଠାରେ, ପୃ-୩୫

(୨୪) ସେହିଠାରେ, ପୃ-୩୭

(୨୫) ସେହିଠାରେ, ପୃ-୪୦

(୨୬) Guha, Ranajit. On some Aspects of the Historiography of Colonial India.Subaltern Studies I Writing on South Asian History and Society. Oxford university press. Delhi.1882.P-4

(୨୭) ହେମ୍ବ୍ରମ୍, ଲିପି, ଗୋପୀନାଥଙ୍କ ଉପନ୍ୟାସରେ ଆଦିବାସୀ ନାରୀର ଜୀବନଚର୍ଯ୍ୟା, ଓଡ଼ିଶା ବୁକ୍ ଷ୍ଟୋର,କଟକ,୧୯୯୩, ପୃ – ୬୮

(୨୮) ବେଶ୍ରା, ଦମୟନ୍ତୀ, ଆଦିବାସୀ ସମାଜ ଓ ସଂସ୍କୃତି, କିତାବ ଭବନ, ନୟାପଲ୍ଲୀ, ଭୁବନେଶ୍ୱର,୨ୟ ସଂସ୍କରଣ, ୨୦୨୪, ପୃ – ୨୨୩

(୨୯) ମାନସିଂହ, ମାୟାଧର, ଭୂମିକା, କନ୍ଧ ପରଜା ସ୍ତୋତ୍ର ଓ ସଙ୍ଗୀତ, ଗୋପୀନାଥ ମହାନ୍ତି, ସାମାଜିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର, ୧୯୫୭

(୩୦) ବେଶ୍ରା, ଦମୟନ୍ତୀ, ଆଦିବାସୀ ସମାଜ ଓ ସଂସ୍କୃତି, କିତାବ ଭବନ, ନୟାପଲ୍ଲୀ, ଭୁବନେଶ୍ୱର,୨ୟ ସଂସ୍କରଣ, ୨୦୨୪, ପୃ – ୧୨

(୩୧) ମାନସିଂହ, ମାୟାଧର, ଭୂମିକା, କନ୍ଧ ପରଜା ସ୍ତୋତ୍ର ଓ

ସଙ୍ଗୀତ, ଗୋପୀନାଥ ମହାନ୍ତି, ସାମାଜିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର, ୧୯୫୭

(୩୨) Chopra, Sayar Singh, Representation of Subaltern Voice in Contemporary Indian Tribal Literature: A Study, The Seybold Report, V17.I06, P-1313

(୩୩) ବେଶ୍ରା, ଦମୟନ୍ତୀ, ଆଦିବାସୀ ସମାଜ ଓ ସଂସ୍କୃତି, କିତାବ ଭବନ, ନୟାପଲ୍ଲୀ, ଭୁବନେଶ୍ୱର,୨ୟ ସଂସ୍କରଣ, ୨୦୨୪, ପୃ – ୨୨୪

**ସହାୟକ ଗ୍ରନ୍ଥସୂଚୀ :**

୧. ଦାଶ, ସୂର୍ଯ୍ୟନାରାୟଣ, ଇଂରେଜ ରାଜତ୍ୱରେ ଓଡ଼ିଶାରେ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ, ଗ୍ରନ୍ଥମନ୍ଦିର, କଟକ, ୨୦୨୦

୨. ଦାସ୍, ସୁଲୋଚନା,ଓଡ଼ିଆ ଉପନ୍ୟାସରେ ଆଦିବାସୀ ଜୀବନଚର୍ଯ୍ୟା, ବିଦ୍ୟାପୁରୀ, କଟକ, ୨୦୨୧

୩. ପଣ୍ଡା, ସୌମ୍ୟଜିତ, ଓଡ଼ିଆ କବିତାରେ ପ୍ରତିଫଳିତ ଆଦିବାସୀ ଜୀବନର ଉପାନ୍ତୀକରଣ:ଏକ ସାଂସ୍କୃତିକ ଅଧୟନ, ଅପ୍ରକାଶିତ ପିଏଚ.ଡ଼ି. ନିବନ୍ଧ, ବିଶ୍ୱଭାରତୀ, ୨୦୨୪[ http://hdl.handle.net/10603/582800 ]

୪. ବେଶ୍ରା, ଦମୟନ୍ତୀ, ଆଦିବାସୀ ସମାଜ ଓ ସଂସ୍କୃତି, କିତାବ ଭବନ, ନୟାପଲ୍ଲୀ, ଭୁବନେଶ୍ୱର,୨ୟ ସଂସ୍କରଣ, ୨୦୨୪

୫. ମାନସିଂହ, ମାୟାଧର, ଭୂମିକା, କନ୍ଧ ପରଜା ସ୍ତୋତ୍ର ଓ ସଙ୍ଗୀତ, ଗୋପୀନାଥ ମହାନ୍ତି, ସାମାଜିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର, ୧୯୫୭

୬. ମିଶ୍ର, ଚିତ୍ତରଞ୍ଜନ, ଅପସାରିତ ବ୍ୟକ୍ତି : ଅନୁଚ୍ଚାରିତ ସ୍ୱର, ସାମ୍ପ୍ରତିକ ସାହିତ୍ୟ ଓ ତତ୍ତ୍ୱ ବିଚାର, ଗ୍ରନ୍ଥ ମନ୍ଦିର, କଟକ ୨୦୧୯

୭. ସାହୁ ଶୁଭଶ୍ରୀ ସୌମ୍ୟା, ସ୍ରଷ୍ଟାଙ୍କ ସୃଷ୍ଟିରେ ନାରୀ, ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର, ୨୦୧୫

୮. ସିଂ, ସ୍ୱପ୍ନାରାଣୀ, ଓଡ଼ିଆ ଗଳ୍ପରେ ନିମ୍ନବର୍ଗ ସିଦ୍ଧାନ୍ତ Subaltern Theory ର ପୂର୍ବା ପର ସ୍ଥିତି, ପୁନର୍ମୂଲ୍ୟାୟନ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ,ବ୍ଲାକ୍ ଈଗଲ ବୁକ୍ସ, ଭୁବନେଶ୍ୱର, ୨୦୨୫, ପୃ-୬୧

୯. ହେମ୍ବ୍ରମ୍, ଲିପି, ଗୋପୀନାଥଙ୍କ ଉପନ୍ୟାସରେ ଆଦିବାସୀ ନାରୀର ଜୀବନଚର୍ଯ୍ୟା, ଓଡ଼ିଶା ବୁକ୍ ଷ୍ଟୋର,କଟକ,୧୯୯୩

ପ୍ରବନ୍ଧ

୧୦. Chopra, Sayar Singh, Representation of Subaltern Voice in Contemporary Indian Tribal Literature: A Study, The Seybold Report, V17.I06 [ DOI 10.5281/zenodo.6731556 ]

୧୧.Guha, Ranajit. On some Aspects of the Historiography of Colonial India. Subaltern Studies I Writing on South Asian History and Society. Oxford university press. Delhi.1882

୧୨.Spivak, Gayatri Chakrabarty, Can the Subaltern Speak, [https://voidnetwork.gr/wp-content/uploads/2016/09/Can-the-subaltern-speak-by-Gayatri-Spivak.pdf ]

■ ■ ■

ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ବିବର୍ତ୍ତିତ ସଭ୍ୟତା ପରିପ୍ରେକ୍ଷୀରେ ନାରୀ ଓ ଓଡ଼ିଆ କାନ୍ଦଣା ଗୀତ

ସୋନାଲି ନାୟକ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସ ବିହାର, ବାଲେଶ୍ୱର

DOI - https://doi.org/10.5281/zenodo.19417260

## ସାରାଂଶ

କାନ୍ଦଣା ଗୀତରେ ନାରୀର ସାମାଜିକ ମନସ୍ତତ୍ତ୍ୱ ଓ ତା'ର ଚିନ୍ତାଚେତନା ଆଦିର ସ୍ଫୁରଣ ଦେଖାଯାଏ । ମନୋବିଜ୍ଞାନ, ଅଳଙ୍କାର ଶାସ୍ତ୍ର, ବ୍ୟାକରଣ ଶାସ୍ତ୍ରର ଜ୍ଞାନ ଅର୍ଜନ ନ କରି ଏ ସବୁର ସଠିକ୍ ପ୍ରୟୋଗ କାନ୍ଦଣା ଗୀତରେ ନାରୀଟିଏ ପ୍ରୟୋଗ କରିଛି । ଏହା ସହ ନାରୀର ଅବଚେତନ ମନର ବ୍ୟଥା, ବେଦନା, ଦୁଃଖ କଷ୍ଟ ଆଦିକୁ କାନ୍ଦଣା ଗୀତରେ ବ୍ୟକ୍ତ କରିଛି । ସମାଜର ଚଳଣି, ରୀତିନୀତି, ଆଚାର ବ୍ୟବହାର, ପାରିବାରିକ ସମ୍ପର୍କର ବାସ୍ତବ ଚିତ୍ର କାନ୍ଦଣା ଗୀତରେ ଦେଖିବାକୁ ମିଳେ । ବିବର୍ତ୍ତିତ ସଭ୍ୟତା ପରିପ୍ରେକ୍ଷୀରେ ଦେଖାଦେଇଥିବା ପରିବର୍ତ୍ତନ ହେତୁ କାନ୍ଦଣା ଗୀତ ବ୍ୟକ୍ତିକୈନ୍ଦ୍ରିକ ହୋଇଛି । ଯୌଥ ପରିବାରର ଚିତ୍ର ବହନ କରୁଥିବା କାନ୍ଦଣା ଏକକ ପରିବାରର କଥା କହୁଛି । ସାଂପ୍ରତିକ ଲୋକ ସାହିତ୍ୟରେ ଝିଅର କାନ୍ଦଣା ଗୀତ କେବଳ ଭାବୁକତା ନୁହେଁ; ଏହା ସଚେତନତା, ପ୍ରତିବାଦ ଓ ଆତ୍ମସ୍ୱୀକାରର ପରିପ୍ରକାଶ । ଝିଅ ଏବେ ଦୁଃଖର ପ୍ରତୀକ ନୁହେଁ, ସେ ସମାଜ ପରିବର୍ତ୍ତନର ଶକ୍ତି । କାନ୍ଦଣାରେ ପରିବର୍ତ୍ତନ ସ୍ୱର ଦେଖାଗଲେ ମଧ୍ୟ ଏହା ନାରୀର ହୃଦୟର ନିଷ୍କପଟ ଅଭିବ୍ୟକ୍ତି, ଯାହା ତା' ଜୀବନର କାହାଣୀରେ ରସାଣିତ ।

ମୂଳଶବ୍ଦ - କାନ୍ଦଣାଗୀତ, ଯୋଗାଯୋଗ, ବିବର୍ତ୍ତିତ ସଭ୍ୟତା, ଯୌଥ ପରିବାର, ବ୍ୟକ୍ତିକୈନ୍ଦ୍ରିକ, ଅଭିବ୍ୟକ୍ତି, ମନସ୍ତତ୍ତ୍ୱ

ଓଡ଼ିଆ ଲୋକସାହିତ୍ୟରେ କାନ୍ଦଣା ଗୀତ ନାରୀଜୀବନର ଭାବନାମୟ ଅଭିବ୍ୟକ୍ତିର ଏକ ସ୍ୱତନ୍ତ୍ର ଧାରା । ବିବାହ, ବିଦାୟ, ଦୁଃଖ, ବିରହ, ଅନ୍ୟାୟ ଓ ସାମାଜିକ ଚାପର ସମୟରେ ନାରୀମାନେ ଏହି ଗୀତ ଗାଇ ନିଜ ଅନୁଭୂତିକୁ ପ୍ରକାଶ କରୁଥିଲେ। ଏହା କେବଳ ଶୋକର ସ୍ୱର ନୁହେଁ; ଏହା ଏକ ସାମାଜିକ ଦଲିଲ। ବିବର୍ତ୍ତିତ ସଭ୍ୟତା ପରିପ୍ରେକ୍ଷୀରେ ଓଡ଼ିଆ କାନ୍ଦଣା ଗୀତ ନାରୀ ଜୀବନର ଯନ୍ତ୍ରଣାରୁ ଆରମ୍ଭ କରି ସଚେତନତା ଓ ସ୍ୱାଧୀନତା ପର୍ଯ୍ୟନ୍ତ ଏକ ଯାତ୍ରାର କଥା କହେ । ପୂର୍ବେ ଏହା ଅସହାୟତାର ସ୍ୱର ଥିଲା, ମାତ୍ର ଆଜି ଏହା ସ୍ମୃତି ଓ ସଂସ୍କୃତିର ପରିଚୟ ।

ଲୋକସାହିତ୍ୟର ମୂଳ ଉପାଦାନମାନଙ୍କ ମଧ୍ୟରେ ଲୋକଗୀତ ଅନ୍ୟତମ । କାରଣ ଲୋକନାଟକ, ପର୍ବପର୍ବାଣୀ, ଡଗ ଡମାଳି, ଓଷାବ୍ରତ ଓ ଲୋକକାହାଣୀରେ ଲୋକ ଗୀତର ସହଯୋଗ ଆବଶ୍ୟକ । ଲୋକଗୀତ ବିନା ଏ ସମସ୍ତ ବିଭାଗ ନିଶ୍ଚୟ ଅସମ୍ପୂର୍ଣ୍ଣ ରହିବ । ଶ୍ରୋତାର ମନକୁ ଆନନ୍ଦ ପ୍ରଦାନ କରିବା ସହ ଏହା ଅନ୍ୟାନ୍ୟ ବିଭାଗକୁ ମଧ୍ୟ ପରିପୁଷ୍ଟ କରିବାରେ ସାହାଯ୍ୟ କରେ । ଏହି ଲୋକଗୀତରେ ନାରୀ ଏକ ବରିଷ୍ଠ ଭୂମିକା ନିର୍ବାହ କରେ । ନାରୀ କବିର କବିତା ଲୋକଗୀତର ମୂଳ ଆଧାର କହିଲେ ଅତ୍ୟୁକ୍ତି ହେବନାହିଁ ।

ନାରୀ ସୃଷ୍ଟିର ଆରମ୍ଭ । ନାରୀକୁ ବାଦ୍ ଦେଇ ସମାଜର ପରିକଳ୍ପନା କରାଯାଇପାରେନା । ନାରୀ ସବୁ ରୂପରେ ପୂଜିତା। ନାରୀ ମାଆ, ଭଗିନୀ, ପ୍ରେମିକା, ସ୍ତ୍ରୀ ରୂପରେ ସମାଜରେ ସ୍ନେହ, ପ୍ରେମ, ଭଲପାଇବା ବାଣ୍ଟିଥାଏ । ସମ୍ପର୍କକୁ ସଜାଡ଼ି ଗଢ଼ି ତୋଳିଥାଏ। ମାତ୍ର ସମାଜରେ ସେ ହୋଇଥାଏ ଅବହେଳିତା ଓ ପାଇଥାଏ ନିର୍ଯ୍ୟାତନା। ସବୁ ନିନ୍ଦା ଅପମାନ, ନିର୍ଯ୍ୟାତନାକୁ ସେ ସହିନିଏ ମାତ୍ର ତାହା ତା' ଅଚେତନ ଓ ଅବଚେତନ ମନ ଉପରେ ପ୍ରଭାବ ପକାଇଥାଏ । ବିବାହ ନାରୀ ଜୀବନରେ ଆଣୁଥିବା ପରିବର୍ତ୍ତନକୁ ସଙ୍ଗେ ସଙ୍ଗେ ଝିଅଟିଏ ଗ୍ରହଣ କରିପାରେ ନାହିଁ। ଯାହାଫଳରେ ଶାଶୂ ଘରକୁ ଯିବା ସମୟରେ ସେ ପରିବାର ବିଚ୍ଛେଦ ବିରହରେ କାନ୍ଦିଥାଏ । ଏହି କାନ୍ଦିବା ସମୟରେ ବିଳାପ କରୁଥିବା ଗୀତ କାନ୍ଦଣା ଗୀତ, ଯେଉଁଥିରେ ତା' ଜୀବନର କାହାଣୀ ସହ ସମାଜର ବାସ୍ତବ ପ୍ରତିଛବି ପ୍ରତିଫଳିତ ହୋଇଥାଏ।

ନାରୀଟିଏ ଅଧିକ ସମ୍ବେଦନଶୀଳ ଓ ଭାବପ୍ରବଣ ହୋଇଥିବାରୁ ତା' ଚିନ୍ତା ଚେତନାରୁ ନିଶ୍ରୁତ କବିତାର ଭାବାତ୍ମକ ଦିଗ ଅତ୍ୟନ୍ତ ଗଭୀର ହୋଇଥାଏ । ତେଣୁ ଲୋକଗୀତର ନାରୀ ବିନା ଅସମ୍ପୂର୍ଣ୍ଣ । ପ୍ରାଚୀନ ସମୟର ନାରୀ ଓ ସାମ୍ପ୍ରତିକ ସମୟର ନାରୀର ଚିନ୍ତା ଚେତନାରେ ପାର୍ଥକ୍ୟ ଥିଲେ ମଧ୍ୟ ନାରୀ ମନସ୍ତତ୍ତ୍ୱର ଗଭୀର ବିଶ୍ଳେଷଣରୁ ତା'ର ଗୀତକୁ ସେ ସୃଷ୍ଟି କରିଥାଏ । ନାରୀର ଏହି ତୁଳନାତ୍ମକ ବିଶ୍ଳେଷଣରେ ଥିବା ମନସ୍ତତ୍ତ୍ୱ ହିଁ କାନ୍ଦଣା ଗୀତ ସୃଷ୍ଟିର ମୂଳ କାରଣ ।

ବିବାହ ନାରୀ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିବା ସହ ତା' ମନରେ ଆଶଙ୍କାର ବୀଜ ରୋପଣ କରିଥାଏ । କାରଣ ଶାଶୂ ଘରର ଚଳଣି, ସ୍ୱାମୀ ଯୋଗ୍ୟ ନା ଅଯୋଗ୍ୟ ତାକୁ ଜଣା ନ ଥାଏ । ଏପରିକି ତା' ସହ କଥା ହେବାର ସୁଯୋଗ ମଧ୍ୟ ସମାଜ ଦେଇ ନଥାଏ । ଯାହା ଫଳରେ ଭବିଷ୍ୟତର ଅଜଣା ଭୟରେ ତା' ଛାତି ଥରି ଉଠେ । ବାପ ଘରେ ଷଠିଘରରୁ ନାରୀର ଜୀବନ ଆରମ୍ଭ ହୋଇ ଶାଶୂ ଘରେ କୋକେଇରେ ଶେଷ ହୁଏ । ଗୋଟିଏ ଅଜଣା ଭବିଷ୍ୟତର ହାତ ଧରି ନାରୀଟିଏ ଜୀବନର ପାଦକୁ ଆଗକୁ ସିନା ବଢ଼ାଇଥାଏ ମାତ୍ର ପଛରେ ରହିଯାଏ ତା' ପିଲାଦିନ, ବୋହୂ ବୋହୂକା ଖେଳ, ଜହ୍ନ ରାତିର ଲୁଚକାଳି ଆଉ ସାଙ୍ଗସାଥି। କୁଙ୍କୁମ ଶୋଭା ପାଉଥିବା ମଥାରେ ସିନ୍ଦୁର ଭବିଷ୍ୟତର ସାଥୀ ହୋଇଯାଏ । ଗୋଲାପି ଅଳତାରୁ କେତେବେଳେ ଯେ ସେ ନାଲି ଅଳତାକୁ ଆପଣେଇ ନିଏ ତାହା ସେ ନିଜେ ମଧ୍ୟ ଜାଣେନା। ଯେଉଁ ମୁହୂର୍ତ୍ତରେ କାନ୍ଦଣା ଗୀତର ଉତ୍ପତ୍ତି ହୁଏ ନାରୀର କଣ୍ଠରୁ; ତାହା ତା' ଦୁଃଖ, ବେଦନା ଓ

ହୃଦୟର ଯନ୍ତ୍ରଣା କଥା କହେ । ତେଣୁ ନାରୀ ଜୀବନର ଅଶ୍ରୁଳ ଗୀତିକା ହେଉଛି କାନ୍ଦଣା ଗୀତ । କାନ୍ଦଣା ଗାଉଥିବା ନାରୀ ସମାଜ ସହ ଜଡ଼ିତଥିବାରୁ ଏଥିରେ ସମାଜର ରୀତିନୀତି, ଚଳଣି, ଆଚାର ବ୍ୟବହାର, ପ୍ରଥା ପରମ୍ପରା ସହ ପାରିବାରିକ ଜୀବନର ଚିତ୍ର ଦେଖିବାକୁ ମିଳେ । ଗାଁର ପ୍ରାକୃତିକ ସୁଷମା, ରଜ ଦୋଳିର ଲାଳିତ୍ୟ ନୃତ୍ୟ, ପିଠା ଓ ମିଠା ଆଉ କୁମାର ପୂର୍ଣ୍ଣିମାର ଜହ୍ନ ରାତି, ବୋହୂ ଚୋରି ଖେଳ, ସାଙ୍ଗସାଥି ଆଉ ଗାଁର ସ୍ତ୍ରୀଲୋକଙ୍କ ସହ ଥଟ୍ଟାମଜା କରି ବଢ଼ିଥିବା ଝିଅଟି ଯେତେବେଳେ ଏ ସବୁ ଛାଡ଼ି ନୂଆ ଜାଗା ନୂଆ ପରିବାରକୁ ଯିବାର ସମୟ ଆସେ କୋହ ଓ ବେଦନାରେ ତା' ମନ ଭରିଯାଏ। ଅତୀତର ମଧୁର ସ୍ମୃତି ଚାରଣ କରିବା ହେତୁ କାନ୍ଦଣା ଗୀତରେ ନାରୀର ଅବଚେତନ ମନର ବ୍ୟଥା ସହ ସମାଜର ଜନଜୀବନର ଚିତ୍ର ଦେଖିବାକୁ ମିଳେ ।

"ଦୋଳରୁ ଗଳିଲା କାଳିଆ ଛୁଆ
ମୋ ବବା ଛଡ଼େଇଲା ସକାଳ ଖିଆ
ସକାଳ ଖିଆରେ ବଉଳବେଣୀ
ଶୋଷ କଲେ ମା' ବାଢ଼େ ତୋରାଣି
ମା' ଜାଣେ ସିନା ଛୁଆଙ୍କ ଚିନ୍ତା
ବାଟ ବରଗଛ ପତର ଚେକା
ମୋ ବବା .....
ଥିଲି ମୁଁ ତୁମର ଧନରତନ
ପରଦେଶୀ ହାତେ ଦେଲ ମୋ ମନ
କିସ ଅରଦଳି ଆଉ କରିବି
ତୁମ ସ୍ନେହ ଆଉ କାହୁଁ ପାଇବି
ଆଖି ପାଉ ନାହିଁ ଯେଉଁ କୋଣକୁ
ମୋ ତଣ୍ଟି ମାଇଲ ସେଇ ଆଡ଼କୁ
ମୋ ବାବା ....... ।।"
(ପଶ୍ଚିମ ଓଡ଼ିଶାରୁ ସଂଗୃହୀତ)

### କାନ୍ଦଣା ଗୀତରେ ସାଂପ୍ରତିକ ସମୟର ନାରୀର ସ୍ୱର:

ପ୍ରାକ-ଐତିହାସିକ ଯୁଗର ନିରନ୍ଧ୍ର ଅନ୍ଧକାର, ଅନ୍ଧବିଶ୍ୱାସ, କୁସଂସ୍କାରର ଅବଗୁଣ୍ଠନ କରି ବିଜ୍ଞାନର ଅଗ୍ରଗତି ଫଳରେ ଆଧୁନିକ ଯୁଗର ସୃଷ୍ଟି ହୋଇଛି । ସଭ୍ୟତାର ଅଗ୍ରଗତି ପଥରେ ମନୁଷ୍ୟ ମନରେ ସୃଷ୍ଟି ହୋଇଛି ଅନେକ ଜିଜ୍ଞାସା ଓ ନୂତନ ଚେତନା । ଯାହା ପ୍ରଭାବିତ କରିଛି ନାରୀର ମନକୁ । ଆଧୁନିକ ତା'ର ସ୍ପର୍ଶରେ ନାରୀ ହୋଇଛି ଚିନ୍ତା ଚେତନାରେ ସ୍ୱାଧୀନ । ଦେହରେ ଓ ମନରେ ହୋଇ ଉଠିଛି ମୁକ୍ତ ଓ ସ୍ୱତନ୍ତ୍ର। ଗ୍ରାମ୍ୟ ପରିବେଶ ଓ ପ୍ରକୃତିର କୋଳରୁ ବାହାରି ଶିକ୍ଷ ଚେତନାରେ ରସାଣିତ ହୋଇଥିବା ନାରୀ ବର୍ତ୍ତମାନ ହୋଇଛି ବ୍ୟକ୍ତିକୈନ୍ଦ୍ରିକ । ଆତ୍ମ ସମ୍ମାନ, ସ୍ୱାଭିମାନ, ଶିକ୍ଷା ଆଦି ପାଇଁ ସେ ସଂଘର୍ଷ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସମାଜରେ ସୃଷ୍ଟି କରିଛି । ସ୍ନେହ, ଦୟା, ପ୍ରେମ, ତ୍ୟାଗ, ସହନଶୀଳ ଆଦି ଗୁଣର ଆଢୁଆଳ ଚାରିପଟେ ସୃଷ୍ଟି କରିଛି ଏକ କଠିନ କବଚ । ପୂର୍ବେ କାନ୍ଦଣା ଗୀତ ଥିଲା ଦୁଃଖର ଅଭିବ୍ୟକ୍ତି କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ନାରୀର ସ୍ୱର ହେଉଛି ସଚେତନତା, ପ୍ରତିବାଦ ଓ ସ୍ୱାଭିମାନର ସ୍ୱର ।

ନାରୀର ଏହି ପରିବର୍ତ୍ତିତ ରୂପର ଚିତ୍ର ସାଂପ୍ରତିକ ସମୟର କାନ୍ଦଣା ଗୀତରେ ଦେଖାଯାଏ । ଗାଁରେ ରହୁଥିବା ଝିଅଟି ଘରର ଯାବତୀୟ କାର୍ଯ୍ୟକୁ କରିବା ସହ ପରିବାରକୁ ସମ୍ଭାଳିଥାଏ। ମାତ୍ର ଆଧୁନିକ ନାରୀଟିଏ ସ୍ୱତନ୍ତ୍ର ହୋଇ ଏହି କାର୍ଯ୍ୟରୁ ନିଜକୁ ବିରାମ ଦେଇଥାଏ । ଯାହାର ଚିତ୍ର ଆମେ ସାଂପ୍ରତିକ ସମୟର କାନ୍ଦଣା ଗୀତରେ ଦେଖିପାରିବା ।

"ସୁନ୍ଦରୀ ଦେଖି କି ମାରିଲେ ତେଣ୍ଟ
ଧରିକି ନ ଜାଣେ ଛାଞ୍ଚୁଣି ବେଣ୍ଟ
ଦେଇକି ନ ଜାଣେ ଛେରାପହଁରା
ମୁଁ କିପରି କାଟିବି ଜୀବନର ସାରା
ମୋ ମାଆ ........ ।।"
(ପଶ୍ଚିମ ଓଡ଼ିଶାରୁ ସଂଗୃହୀତ)

ନାରୀ ସୌନ୍ଦର୍ଯ୍ୟର ଅପରୂପା ମାତୃତ୍ୱର ଭାବରେ ସେ ପରିବାର, ସ୍ନେହ ସଂପର୍କ ସମ୍ବନ୍ଧ ଆଦିକୁ ସମ୍ଭାଳିଥାଏ । କିନ୍ତୁ ଆଧୁନିକତାର ସ୍ପର୍ଶରେ ନାରୀର ପରିବର୍ତ୍ତନ ହୋଇଛି । ଯେଉଁ କାନ୍ଦଣା ଗୀତରେ ପୂର୍ବରୁ ନାରୀ ସ୍ନେହ ସଂପର୍କ, ସାଙ୍ଗସାଥୀ, ପରିବାର, ଆତ୍ମୀୟସ୍ୱଜନଙ୍କର କଥା କହୁଥିଲା ଏବେ ସେ କେବଳ ତା' ନିଜ କଥା କହୁଛି । ସେଥିପାଇଁ କାନ୍ଦଣା ଗୀତ ଏବେ ହୋଇଛି ବ୍ୟକ୍ତିକୈନ୍ଦ୍ରିକ ।

କାନ୍ଦଣା ଗୀତରେ ଧନୀ ଶ୍ରେଣୀର ଚିତ୍ର ନ ଥାଏ । ଧନୀ ଘରର ଝିଅଟିଏ ଧନୀ ଘରକୁ ଯାଏ ଅର୍ଥାତ୍ ସୁଖର କୋଳରୁ ସୁଖର କୋଳକୁ ଯାଏ । ଧନର ଲୋଭରେ ତା' ବାପା ବୁଢ଼ାବର ହାତରେ ଝିଅକୁ ଦିଏ ନାହିଁ । ଶାଶୁ ଘରେ ଖାଇବା, ପିନ୍ଧିବାରେ ତା'ର କୌଣସି ଅସୁବିଧା ହୁଏ ନାହିଁ । ପିଠା ଗଣି କରି ଦିଆଯାଏ ନାହିଁ କି ଭାତ ମାପି କରି ଦିଆଯାଏ ନାହିଁ । ତେଣୁ ଝିଅ ଶାଶୂଘରେ ଦୁଃଖ କଷ୍ଟରେ ରହିବ ଏ କଥା ଭାବେ ନାହିଁ । କେବଳ ବାପଘର ଛାଡ଼ିବାର ଦୁଃଖ । ଏତଦ୍ ବ୍ୟତୀତ ଯୋଗାଯୋଗରେ ବାଧା ନ ଥିବାରୁ ସାଂପ୍ରତିକ ସମୟରେ କାନ୍ଦଣା ଗୀତର ସେତେ ପ୍ରଚଳନ ନାହିଁ । ପୂର୍ବରୁ କାନ୍ଦଣା ଗୀତରେ ଯେଉଁ କାରୁଣ୍ୟଭରା ସଂଗୀତ ଥାଏ, ତାହା ସାଂପ୍ରତିକ ନାରୀର କାନ୍ଦରେ ନ ଥାଏ ।

### ସାଂପ୍ରତିକ ସମୟର ପରିବର୍ତ୍ତନର ସ୍ୱର:

ପ୍ରାଚୀନ ସମୟରେ କାନ୍ଦଣା ଗୀତରେ ଗ୍ରାମ୍ୟ ସମାଜର ବାସ୍ତବ ପ୍ରତିଛବି ଦେଖାଯାଏ । ଗ୍ରାମ୍ୟ ଲୋକଙ୍କର ନିଷ୍ପାପ ଚିନ୍ତାଧାରା, ସ୍ନେହ, ପ୍ରେମ, ଭଲପାଇବା, ଏକତା ଆଦିର ଚିତ୍ରକୁ ଝିଅଟିଏ କାନ୍ଦଣା ଗୀତରେ ସଜ୍ଜିତ କରିଥାଏ । ଗାଁର ପ୍ରାକୃତିକ ସୁଷମା ରଜଦୋଳି ଗୀତର ତାନ, ପିଲାଦିନର ବୋହୂ

ଚୋରି, ଲୁଚକାଳି ଖେଳ, ରାଗରୁଷା, ଅଭିମାନ, ବିଚ୍ଛେଦର ଦୁଃଖ, ମିଳନର ଆନନ୍ଦରେ କାନ୍ଦଣା ଗୀତ ନାରୀର କଣ୍ଠରୁ ବାହାରି ଗ୍ରାମ୍ୟ ପରିବେଶକୁ ମୁଖରିତ କରୁଥିଲା । ମାତ୍ର ଶିକ୍ଷା ବିପ୍ଳବ ସହ ଆଧୁନିକତାର ସ୍ପର୍ଶରେ ନାରୀର ଚେତନା ହୋଇଛି ପରିବର୍ତ୍ତନ । ଚାରି କାନ୍ଥରେ ଆବଦ୍ଧ ଥିବା ନାରୀ ହୋଇଛି ମୁକ୍ତ ଓ ଆଧୁନିକା । ଯାହା ଫଳରେ ସାଂପ୍ରତିକ ସମୟରେ କାନ୍ଦଣା ଗୀତ ସହ ଅନ୍ୟାନ୍ୟ ସାହିତ୍ୟିକ ବିଭାଗ ମଧ୍ୟ ହୋଇଛି ପରିବର୍ତ୍ତିତ । ପରିବାରକୁ ଅତି ସହଜରେ ସମ୍ଭାଳୁ ଥିବା ଝିଅ ବର୍ତ୍ତମାନ ସମୟରେ ପରିବାରଠାରୁ ମୁହଁ ମୋଡ଼ି ନେଉଛି । ଯୌଥ ପରିବାର ଭାଙ୍ଗି ଏକକ ପରିବାରରେ ପରିଣତ ହେବାରୁ ସମ୍ପର୍କର ପରିଭାଷା ପରିବର୍ତ୍ତିତ ହୋଇଛି । ଯାହା ନାରୀର ଚିନ୍ତାଚେତନାକୁ ପ୍ରଭାବିତ କରୁଛି । ସାଂପ୍ରତିକ ସମୟରେ କାନ୍ଦଣା ଆଉ ପ୍ରାଚୀନ ସମୟ ଭଳି ପ୍ରଚଳିତ ନୁହେଁ । ତଥାପି କିଛି ସ୍ଥାନରେ ଏହାର ଚିତ୍ର ଦେଖିବାକୁ ମିଳେ । ଯେଉଁଥିରେ ଏକକ ପରିବାରର ଛବି ଦୃଶ୍ୟମାନ ହୁଏ ।

"ଢେଙ୍କିକି ମାଇଲେ ମୋ ଗୋଡ଼ କାଟେ
ହାତ ଧରି ଭାଇ କହୁଚି ତୋତେ
ଭାଇ କି ପଠାଇ ଆଣିବୁ ମୋତେ
ପ୍ରଥମ ଡାକ ରେ କାନ ବଜିରା
ଦ୍ୱିତୀୟ ଡାକ ରେ ଭାଇ ପାଦ କଡ଼େ ହେବି ହାଜରା
ମୋ ମାଆ .......
ମୋ ଭାଇ ......... ।।"

(ପଶ୍ଚିମ ଓଡ଼ିଶାରୁ ସଂଗୃହୀତ)

ସୁଖର ପୁଷ୍ପଶଯ୍ୟାରେ ଶୋଇଥିବା ଝିଅ ଯେତେବେଳେ ବିବାହ କରେ ତା' ମୁଣ୍ଡ ଉପରକୁ ଆସିଥାଏ ପରିବାରର ବୋଝ । ନିଜ ପରିବାରଠାରୁ ବିଚ୍ଛେଦ ହେବା ପରେ ତାକୁ ପର ନ କରିବା ନିମିତ୍ତ ସାମ୍ପ୍ରତିକ ସମୟରେ କାନ୍ଦଣାରେ ଝିଅଟିଏ କହିଥାଏ । ଏହା ସହ ଏକକ ପରିବାରର ଚିତ୍ର ମଧ୍ୟ ଏଥିରେ ଦେଖାଯାଏ ।

## ସାମ୍ପ୍ରତିକ ସମାଜରେ ସମ୍ପର୍କର ଚିତ୍ର:

ସାମ୍ପ୍ରତିକ ସମାଜରେ ସଭ୍ୟତାର ଅଗ୍ରଗତିରେ ପ୍ରାଚୀନର ପରିବର୍ତ୍ତନ ହୋଇଛି । ନୂତନତା ଖେଳି ଯାଇଛି ସମାଜରେ । ସମାଜ ହୋଇଛି ଆଶା ଓ ସମ୍ଭାବନାମୟ । ପରିବର୍ତ୍ତନ ଦେଖାଦେଇଛି ବ୍ୟକ୍ତିର ଚିନ୍ତା ଚେତନାରେ, ଯାହା ଫଳରେ ସମାଜର ସ୍ଥିତି ମଧ୍ୟ ପରିବର୍ତ୍ତନ ହୋଇଛି । ବ୍ୟକ୍ତି ନିଜ ସ୍ୱାର୍ଥ ଦେଖିବା ହେତୁ ଯୌଥ ପରିବାରରେ ଦେଖା ଦେଇଛି ମନମାଳିନ୍ୟ । ସେଥିପାଇଁ ଯୌଥ ପରିବାର ଏକକ ପରିବାରରେ ପରିଣତ ହୋଇଛି । ଝିଅର ଓଡ଼ିଆ କାନ୍ଦଣା ଗୀତ ସାମାଜିକ ମନସ୍ତାତ୍ତ୍ୱିକ ଗୀତ ହୋଇଥିବାରୁ ଏଥିରେ ସମାଜର ବାସ୍ତବ ଚିତ୍ର ଦେଖାଯାଏ । ତେଣୁ ପରିବାରର ବିଭାଜନ ଚିତ୍ରଟି ଏଥିରୁ ବାଦ୍ ପଡ଼ି ନାହିଁ । ଏହାର ଉଦାହରଣ ନିମ୍ନରେ ବର୍ଣ୍ଣିତ ।

"କାଚ ଗିଲାସରେ ଖଜା ମିଠାଇ
କି ଦୋଷ କରିଛି ବବା ଜେଠାଇ
ଦୋଷ କରିଥିଲି ଅଜ୍ଞାନ ବେଳେ
ଧରୁଛି ଚରଣ ପଡ଼ୁଛି ତଳେ
ଦୋଷ କ୍ଷମା କର ଏତିକି ବେଳେ
ମୋ ବବା ......
ମୋ ଜେଠେଇ .....।।"

(ପଶ୍ଚିମ ଓଡ଼ିଶାରୁ ସଂଗୃହୀତ)

ଝିଅଟିଏ ନିଜର ସବୁ ଦୁଃଖ କଷ୍ଟକୁ ତା' ଭାଇକୁ କହିଥାଏ। ତା'ର ସବୁ ସୁଖ ଦୁଃଖ ବୁଝିବା ପାଇଁ ତାକୁ ନେହୁରା ହୋଇଥାଏ । ବ୍ୟସ୍ତ ବହୁଳ ଜୀବନରେ ମଣିଷ ତା'ର ସମସ୍ତ ସ୍ନେହ ସମ୍ପର୍କକୁ ଭୁଲିଯାଏ। ଝିଅଟିଏ ତା' ଭାଇର ବ୍ୟସ୍ତ ବହୁଳ ଜୀବନରୁ ସମୟ ଟିକେ ମାଗିବାର ଚିତ୍ର ସହ ତା' ଭଲ ମନ୍ଦ ବୁଝି ଦେଖି ଆସିବାକୁ ମଧ୍ୟ କହୁଛି ସାମ୍ପ୍ରତିକ କାନ୍ଦଣା ଗୀତରେ । ନାରୀର କଣ୍ଠରେ:-

"ନଈରେ ଭାସଇ କରଞ୍ଜ କାଠ
ମନ ଦେଇ ଧନ ପଢ଼ିବୁ ପାଠ
ପାଠ ତୁ ପଢ଼ିବୁ ବେଞ୍ଚ ବସି
ଯେଉଁ ରବିବାର ହୋଇବ ଛୁଟି
ତୋ ଦୁଃଖିଲା ନାନୀକୁ ଯିବୁରେ ଦେଖି
ମୋ ଭାଇ .......।।"

(ପଶ୍ଚିମ ଓଡ଼ିଶାରୁ ସଂଗୃହୀତ)

ସମାଜ ପରିବର୍ତ୍ତନ ହେବା ସହ ସମ୍ପର୍କ ଯେତେ ପରିବର୍ତ୍ତନ ହେଲେ ମଧ୍ୟ ସ୍ନେହ, ଭଲ ପାଇବା, ପ୍ରେମରେ ମନୁଷ୍ୟ ଏକତା ସୂତ୍ରରେ ବାନ୍ଧି ହୋଇଥାଏ । ସମାଜର ଏହି ପରିବର୍ତ୍ତିତ ରୂପ କାନ୍ଦଣାଗୀତ ବହନ କରିଥାଏ ।

## ଉପସଂହାର:

କାନ୍ଦଣା ଗୀତର ମୁଖ୍ୟ ଚରିତ୍ର ହେଉଛି ନାରୀ । କାରଣ ନାରୀ ଏହାର ସୃଷ୍ଟିକର୍ତ୍ତା ଏବଂ ନାରୀର ଅଶ୍ରୁଳ ଜୀବନର ବେଦନାକୁ ନେଇ ଏହାର ପଦବିନ୍ୟାସ । ଏହା ସହିତ ନାରୀ ହିଁ ଏହାର କଳେବର ସମୃଦ୍ଧ କରିବା ସହ ଏହାକୁ ଗାନ କରିଥାଏ। ପ୍ରାଚୀନ ସମାଜରେ ଝିଅମାନେ ଏକାଠି ହୋଇ କାନ୍ଦଣା ଘୋଷିବାର ଚିତ୍ର ରହିଛି । ଏହା ସହ ଗାଁର ସ୍ତ୍ରୀ ଲୋକମାନେ

କାନ୍ଦଣା ଦେଖିବାକୁ ମଧ୍ୟ ଆସନ୍ତି । କାନ୍ଦଣା ଗତାନୁଗତିକ ରୀତିରେ ଗତି କରିଥାଏ। ଏହି ଶିଖିବା ଓ ଗାଇବା ପରମ୍ପରାରେ ପ୍ରତ୍ୟେକ ଝିଅର କାନ୍ଦଣାରେ ପରିବେଶ, ସ୍ଥାନ, ଶାଶୂ ଘର, ପାରିବାରିକ ସ୍ଥିତି ଆଦି ପରିବର୍ତ୍ତିତ ହୋଇଥାଏ । ପ୍ରାଚୀନ ଓ ମଧ୍ୟଯୁଗୀୟ ପିତୃକେନ୍ଦ୍ରିକ ସମାଜରେ ନାରୀର ସ୍ୱାଧୀନତା ସୀମିତ ଥିଲା । କାନ୍ଦଣା ଗୀତ ମାଧ୍ୟମରେ ନାରୀ ନିଜର ଦୁଃଖ, କଷ୍ଟ ଓ ଅସହାୟତାକୁ ସମାଜ ଆଗରେ ବ୍ୟକ୍ତ କରୁଥିଲା । ସଂକ୍ଷେପରେ, ବିବର୍ତ୍ତିତ ସଭ୍ୟତା ପରିପ୍ରେକ୍ଷୀରେ ଓଡ଼ିଆ କାନ୍ଦଣା ଗୀତ ନାରୀର 'ଅସହାୟତାର ସ୍ୱର'ରୁ ପରିବର୍ତ୍ତିତ ହୋଇ ଏକ 'ସାଂସ୍କୃତିକ ସ୍ମୃତି'ରେ ପରିଣତ ହୋଇଛି ।

ବାପ ଘରୁ ଶାଶୂ ଘରକୁ ଯିବା ଯାତ୍ରାର ଯାତ୍ରୀ ଏକୁଟିଆ ନାରୀ। ତା' ଯାତ୍ରାର ସାଥୀ ସିଏ ନିଜେ । ସମାଜରେ ଅବହେଳିତ ପରିସ୍ଥିତିରେ ଜୀବନଯାପନ କରୁଥିଲେ ମଧ୍ୟ ତା' ହୃଦୟର ସ୍ନେହମୟୀ, କରୁଣାମୟୀ। ଝିଅଟିର ରାଗ ରୁଷା, ଅଭିମାନ ଭରା ବିଳାପ ହେଉଛି କାନ୍ଦଣା ଗୀତ । ନାରୀର ଏହି ଦୁଃଖକୁ ଆଉ ଜଣେ ନାରୀ ହିଁ ବୁଝିପାରେ ମାତ୍ର ସମୟ ହାତରେ ସମସ୍ତେ ବନ୍ଧା। ତେଣୁ ସମୟର ତାଳରେ ତାଳ ରଖି ନାରୀଟିଏ ତା' ଭାଗ୍ୟକୁ ଆଦରିନିଏ । ଭାଗ୍ୟବାଦରେ ବିଶ୍ବାସୀ ଓଡ଼ିଆ ନାରୀ ଭାଗ୍ୟକୁ ଆଦରି ପଡ଼ିରହିଥାଏ । ଅତୀତର କୋମଳ ସ୍ମୃତି ଶଯ୍ୟାରେ ସେ ଶୟନ କରେ ସିନା ମାତ୍ର ଫେରିପାଏନି ଆଉ ସେ ଅତୀତର ସୁଖ ସମୟକୁ । ଭବିଷ୍ୟତର ହାତକୁ ଅନ୍ଧ ଭାବେ ଧରି ସମସ୍ତ କଣ୍ଟା ଓ ପଥୁରିଆ ରାସ୍ତାକୁ ଅତିକ୍ରମ କରିଯାଏ ସିନା ମାତ୍ର ସେ ପାଇପାରେନି ସୁଖର ପୁଷ୍ପଶଯ୍ୟା। ସୁଖ ଓ ଦୁଃଖର ମଝିରେ ଛନ୍ଦି ହୋଇ ବିଳାପ କରୁଥିବା ସମୟରେ ନାରୀଦ୍ୱାରା ସୃଷ୍ଟ ଏହି କାନ୍ଦଣା ଗୀତ ସମସ୍ତ ନାରୀର ଅବଚେତନ ଓ ଅଚେତନ ମନର ଭାବକୁ ବହନ କରେ । ଯାହା ଫଳରେ କାନ୍ଦଣା ଗୀତ ହୋଇଛି ସମୃଦ୍ଧ ଓ ବୃଦ୍ଧି ପାଇଛି ତା'ର କଳେବର।

## ସହାୟକ ଗ୍ରନ୍ଥସୂଚୀ:


ଓଡ଼ିଆ:

୧. ଗାଁଣ, ଅନାଦି ଚରଣ : ଲୋକସହିତ୍ୟର ରୂପରେଖ: ପଞ୍ଚସଖା ଅଫସେଟ, କଟକ, ପ୍ରଥମ ପ୍ରକାଶ - ୨୦୦୪

୨. ଦାଶ, କୁଞ୍ଜବିହାରୀ : ଓଡ଼ିଆ ଲୋକଗୀତ ଓ କାହାଣୀ: ନବଭାରତ ପ୍ରେସ, କଟକ-୨

୩. ଦାଶ, କୁଞ୍ଜବିହାରୀ :ପଲ୍ଲୀ ଗୀତି ସଞ୍ଚୟନ: ଗୁରୁ ପ୍ରସନ୍ନ ପ୍ରେସ, କଟକ-୧, ଅଗଷ୍ଟ ୧୫, ୧୯୭୪

୪. ପ୍ରଧାନ, କୃଷ୍ଣଚନ୍ଦ୍ର : ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି: ବିଦ୍ୟାପୁରୀ, ବାଲୁବଜାର, କଟକ, ଜୁଲାଇ ୨୦୨୩ (ଦଶମ ମୁଦ୍ରଣ)

୫. ପ୍ରଧାନ, ଚୌଧୁରୀ ଅଜୟ; ସ୍ୱାଇଁ, ଦିଲ୍ଲୀପ : ଲୋକଜୀବନ ଓ ଲୋକସାହିତ୍ୟ: ଚିତ୍ରୋତ୍ପଳା ପ୍ରକାଶନ, ବଟେଶ୍ୱର, ସାଲେପୁର, କଟକ

୬. ମହାପାତ୍ର, ଚକ୍ରଧର : ଉତ୍କଳ ଗ୍ରାମ୍ୟ ଗୀତ ଓ କଥା: ସପ୍ତର୍ଷି ପ୍ରେସ, ମଧୁପାଟଣା, କଟକ-୧୦

୭. ମହାପାତ୍ର, ଚକ୍ରଧର : ଉତ୍କଳ ଗାଉଁଲି ଗୀତ: କଟକ ପବ୍ଲିଶିଂ ପ୍ରେସ, ବାଲୁବଜାର, କଟକ-୨

ଇଂରାଜୀ:

1. Kumari, Dr. Ranju : Psychology of working women


■ ■ ■

ପଞ୍ଚରା
ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତିରେ ପାରମ୍ପରିକ ବାଦ୍ୟଯନ୍ତ୍ରର ଭୂମିକା

ସୁନୟନା ଓଝା
ଗବେଷିକା, ଜାମସେଦପୁର ମହିଳା ବିଶ୍ୱବିଦ୍ୟାଳୟ, ଝାଡ଼ଖଣ୍ଡ
DOI - https://doi.org/10.5281/zenodo.19456238

## ସାରାଂଶ

ପଶ୍ଚିମ ଓଡ଼ିଶାର ଭିନ୍ନ ଭିନ୍ନ ପର୍ବ ପର୍ବାଣି, ଯାନି ଯାତ୍ରାରେ ନାନା ପ୍ରକାର ଦେବାଦେବୀଙ୍କୁ ଆବାହନ କରାଯାଏ। ଉତ୍ସବରେ ଉଲ୍ଲସିତ ମନକୁ ଆହୁରି ଉତ୍ସବମୁଖର କରିବା ପାଇଁ ସେମାନେ ମନୋରଞ୍ଜନକୁ ମୁଖ୍ୟ ଆଧାର ବୋଲି ଭାବି, ନୃତ୍ୟ, ଗୀତର ଆସରରେ ଉଲ୍ଲସିତ ହୋଇଥାନ୍ତି। ଏଥିପାଇଁ ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ରର ବ୍ୟବହାର ହୋଇଥାଏ। ଯାହା ଧୀରେ ଧୀରେ ସମୟ ସହ ହଜି ଯିବାକୁ ବସିଲାଣି। କିଛି ହାତଗଣତି ସମ୍ପ୍ରଦାୟଦ୍ୱାରା ବଞ୍ଚିତ ବାଦ୍ୟଯନ୍ତ୍ର ଏବେ ବି ଲୋକ ପର୍ବରେ ବ୍ୟବହାର ହେଉଛି। ଯେହେତୁ ଏହା ପଶ୍ଚିମ ଓଡିଶାର କଳାତ୍ମକତାକୁ ସମୃଦ୍ଧ କରିଆସିଛି ତେଣୁ ଏଥି ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଏହି ଆଲୋଚନାର ଲକ୍ଷ୍ୟ ।

**ମୂଳଶବ୍ଦ** -ରିଡ଼ି, ଟିପି, ବାଦୀ, ରଣଦାମାମା, ଘୁବୁକୁଡ୍ଡୁ, ଢ଼ାକା, ଘୁଡକା, ଧୁନକେଲ, ଝାଞ୍ଜ, ଢ଼ାପ, କସ୍ତାଳ, ତାସା ।

ମନୁଷ୍ୟ ନିଜର ବୋଧ ଶକ୍ତିଦ୍ୱାରା ସୃଷ୍ଟି ରହସ୍ୟର ଅନ୍ୱେଷା କରେ । ସେଇ ପ୍ରକୃତିରୁ ହିଁ ସୃଷ୍ଟି ସଂସ୍କୃତି । ପ୍ରକୃତି ଏବଂ ପ୍ରବୃତ୍ତି ଉଭୟ ପରସ୍ପର ସହ ଘନିଷ୍ଠ ତେଣୁ ସଂସ୍କୃତି କେବଳ କଳା , ସ୍ଥାପତ୍ୟ, ପରମ୍ପରା, ଲୋକବିଶ୍ୱାସ ଏବଂ ବିଧିବିଧାନର ବାହକ ନୁହେଁ, ଏହା ଅଞ୍ଚଳ ଭେଦରେ ପ୍ରବାହିତ ଜାତି ବା ସମାଜର ଜୀବନ ପଦ୍ଧତିକୁ ନିଜ ଭିତରେ ଧରିରଖେ । ସମାଜର ଏହି ଧର୍ମଧାରା, ପରମ୍ପରା, ପୂଜାପାଠ, ନୃତ୍ୟ, ଗୀତ, ପ୍ରବାଦ, ପ୍ରବଚନ ଆଦି ଲୋକସାହିତ୍ୟର ବିଭବ, ଆଉ ଏ ସମସ୍ତ ଲୋକସଂସ୍କୃତିର ଅନ୍ତର୍ଗତ ଅଟେ ।

ପଶ୍ଚିମ ଓଡ଼ିଶା ଏହାର ଆଦିବାସୀ ଲୋକସଂସ୍କୃତି ଏବଂ ପାରମ୍ପରିକ ପରମ୍ପରା ପାଇଁ ଜଣାଶୁଣା। ସୁଦୂର ଇତିହାସର ପୃଷ୍ଠା ଲେଉଟାଇଲେ ଜଣାଯାଏ ଏଠିକାର ଆଦିବାସୀ ଏବଂ ଗ୍ରାମୀଣ ଲୋକଙ୍କଦ୍ୱାରା ପ୍ରଦର୍ଶିତ ବିବିଧ କଳା ଏବଂ ସାଂସ୍କୃତିକ ରୂପଗୁଡ଼ିକ ସେମାନଙ୍କ କଳାତ୍ମକ ପ୍ରତିଭାର ପ୍ରମାଣ ଦେଇ ଆସିଛନ୍ତି । ଏ ଅଞ୍ଚଳରେ ଅନେକ ପର୍ବ ପର୍ବାଣି, ଯାନିଯାତ୍ରା ପାଳିତ ହୁଏ, ଯାହା ସେ ଅଞ୍ଚଳର ଲୋକଗୀତ, ଲୋକନୃତ୍ୟ, ଲୋକନାଟକ, କଥା, ପ୍ରବାଦ, ପ୍ରବଚନ ଆଦି ଅନେକ ମନୋରଞ୍ଜନ କଳାଦ୍ୱାରା ଓଡ଼ିଶାର ଅନ୍ୟ ଅଞ୍ଚଳଠାରୁ ସ୍ୱତନ୍ତ୍ର ବୋଲି ଦାବିକରେ ।

ବଣ ଜଙ୍ଗଲ ଘେରା ଅଞ୍ଚଳରେ ଭିନ୍ନଭିନ୍ନ ଜନଜାତିର ଲୋକ ବାସ କରନ୍ତି ଏବଂ ସେମାନେ ପ୍ରକୃତି ସହ ଜଡ଼ିତ ଥାନ୍ତି ଓ ପ୍ରକୃତିର ପୂଜା କରିଥାନ୍ତି । ତେଣୁ ପଶ୍ଚିମ ଓଡ଼ିଶାର ଜନଜୀବନରେ ସର୍ବଦା ନୃତ୍ୟ ଗୀତର ଆଦର ଥାଏ । ଏହାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ବାଦ୍ୟଯନ୍ତ୍ରର ବ୍ୟବହାର ହୋଇଥାଏ । ଯାହାର ସୃଷ୍ଟି ସମ୍ପୂର୍ଣ୍ଣ ରୂପେ ସେମାନଙ୍କ ନିଜସ୍ୱ ଓ ନିଜର କଳାତ୍ମକ ସାମର୍ଥ୍ୟତା ପାଇଁ ସେମାନେ ସର୍ବଦା ଚର୍ଚ୍ଚିତ । ଦେଖିବାକୁ ଗଲେ ପଶ୍ଚିମ ଓଡ଼ିଶା କଳାର ଗନ୍ତାଘର ମାତ୍ର ଆମର ଆଲୋଚିତ ପ୍ରସଙ୍ଗ ହେଉଛି ସେଠାରେ ପ୍ରଚଳିତ ବାଦ୍ୟଯନ୍ତ୍ର ଯାହା ତଥ୍ୟ ଭିତ୍ତିକ । ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତିରେ ବାଦ୍ୟଯନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଲୋକଗୀତ, ଲୋକନୃତ୍ୟ ସହ ଅଙ୍ଗା ଅଙ୍ଗୀ ଭାବେ ଜଡ଼ିତ । ବିଭିନ୍ନ ପାରମ୍ପରିକ ଉତ୍ସବ ବିବାହ, ବ୍ରତ, ଜନ୍ମ, ମୃତ୍ୟୁ ଆଦି ସାମାଜିକ ଜୀବନଧାରା ସହ ଲୋକବାଦ୍ୟର ଭୂମିକା ଅବିଚ୍ଛେଦ୍ୟ ।

ଅଞ୍ଚଳ ଭେଦରେ ଗୀତ ଏବଂ ନୃତ୍ୟର ଆବଶ୍ୟକତା ଅନୁଯାଇ ଭିନ୍ନ ଭିନ୍ନ ବାଦ୍ୟଯନ୍ତ୍ରର ପ୍ରଚଳନ ହୋଇଥାଏ । ଏହାକୁ ପରିବେଷଣ କରୁଥିବା ଲୋକ ମଧ ଭିନ୍ନ ଭିନ୍ନ ସମ୍ପ୍ରଦାୟର ହୋଇଥାନ୍ତି । ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ଦେଖା ଯାଉଥିବା ବାଦ୍ୟଯନ୍ତ୍ର ଅପେକ୍ଷା ପଶ୍ଚିମ ଓଡ଼ିଶାର ବାଦ୍ୟଯନ୍ତ୍ରରେ ଅନେକ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ । ଯାହାକୁ ଆମେ ବାଦ୍ୟଯନ୍ତ୍ରର ଗଠନରୀତି ମାଧ୍ୟମରେ ଦର୍ଶାଇ ପାରିବା । ଏହା ଛଡା ଏଠାରେ କିଛି ବାଦ୍ୟର ସମୂହ ସ୍ୱରକୁ ପଞ୍ଚବାଦ୍ୟ ଓ ଗଣ୍ଡବାଜା ବୋଲି କୁହାଯାଏ । ଯାହାକୁ ସେଠିକାର ଗଣ୍ଡା ବା ଡମ ଜାତିର ଲୋକେ ହିଁ ବଜାଇଥାନ୍ତି । ଢୋଲ, ନିଶାଣ, ତାସା, ମହୁରୀ ଏବଂ ଝାଞ୍ଜର ସମୂହ ସ୍ୱରକୁ ପଞ୍ଚବାଦ୍ୟ ବୋଲି କୁହାଯାଏ । ଏହା ସମ୍ବଲପୁରୀ ଲୋକସଂସ୍କୃତିର ପରିଚୟ ବହନ କରେ । ସେହିଭଳି ଅନ୍ୟାନ୍ୟ ପର୍ବପର୍ବାଣିରେ ଧୁନକେଲ, ଟାଙ୍ଗୁ, ଘାଣ୍ଟୁ, ଘୁଡକା, କସ୍ତାଳ, ଢାପ, ଘୁମୁରା ଆଦି ବିଭିନ୍ନ ବାଦ୍ୟଯନ୍ତ୍ରର ବ୍ୟବହାର ହେଉଥିବାର ଦେଖାଯାଏ ।

ବାଦ୍ୟଯନ୍ତ୍ରର ଗଠନରୀତି :

ଢୋଲ -କାଠ କିମ୍ବା ପୋଡ଼ା ମାଟିରେ ନିର୍ମିତ ପ୍ରାୟ ୨ ଫୁଟ ଲମ୍ବ ଓ ୧୫ ଇଞ୍ଚ ବ୍ୟାସ ବିଶିଷ୍ଟ ଗୋଲାକାର ଫ୍ରେମ




ଉପରେ ଦୁଇ ପାର୍ଶ୍ୱରେ ଗୋ ଚର୍ମ ଛାଉଣି କରାଯାଇଥାଏ । ବାମ ପଟରେ ଜଡା ମଞ୍ଜିରୁ ପ୍ରସ୍ତୁତ ତେଲରେ କିରଣ ଦିଆଯାଇଥାଏ । ଆଠ ଆଙ୍ଗୁଠି ବିଶିଷ୍ଟ ଏକ ଚେପଟା ବାଡି ସାହାଯ୍ୟରେ ଏହାକୁ ବଜାଯାଏ। ଡାହାଣ ପଟକୁ ହାତରେ ବଜାନ୍ତି।

ନିଶାଣ - ଏହା ବାର ଆଙ୍ଗୁଳି ବ୍ୟାସ ବିଶିଷ୍ଟ ଏକ କୁଲା ନିର୍ମିତ ଡୁଗି ପରି ହୋଇଥାଏ, ଯାହା ଉପରେ ଗାଇ

ଚମଡା ଛାଉଣୀ କରାଯାଇ ବାଦୀ ରେ ଟାଣି ବନ୍ଧାଯାଇଥାଏ। ଜଡ଼ା ମଞ୍ଜିର କଳାରେ ଜଡ଼ାତେଲ ମିଶାଇ ଏହା ଉପରେ କିରଣ ଦିଆଯାଇଥାଏ। ନିଶାଣର ତଳେ ଏକ ରନ୍ଧ୍ରଥାଏ ଯାହା ଭିତରେ ଜଡ଼ା ତେଲ ପକାଇ ବାଦ୍ୟକୁ ଆବଶ୍ୟକମତେ ନରମ କରାଯାଇଥାଏ। ଦୁଇଟି ଚିମଟାରେ ଏହାକୁ ଦୁଇ ହାତରେ



ବଜାନ୍ତି । ଏହାକୁ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଅଧିକ ମାତ୍ରାରେ ବ୍ୟବହାର କରନ୍ତି । ଏହାକୁ 'ରଣଦ୍ଧାମାମା ' ମଧ୍ୟ କୁହାଯାଏ। ନିଶାଣର ଦୁଇ ପାଖରେ ଶିଂଘ ଦୁଇଟି ଲଗାଇ ଏହାକୁ



ଶିଂଘବାଜାରେ ମଧ୍ୟ ପରିଣତ କରାଯାଇଥାଏ।

ମହୁରୀ - ମହୁରୀ ବା ସାନାଇକୁ ମୁଖ ଦ୍ୱାରା ବଜାଯାଇଥାଏ। ଏହା ୩ଟି ଅଙ୍ଗରେ ଭାଗ ହୋଇଥାଏ। ପ୍ରଥମ ଅଙ୍ଗ 'ଟିପି' ଏହା ତାଳପତ୍ରରେ ତିଆରି, 'ରିଡ଼ି' ମହୁରୀଆମାନେ ହାତରେ ତିଆରି କରି ସ୍ୱର ବାହାର କରିଥାନ୍ତି । ରିଡିଟି ଗୋଟିଏ ପିତ୍ତଳ ନଳୀରେ ଲାଗିଥାଏ। ଦ୍ୱିତୀୟରେ ଏକ ଚାଖଣ୍ଡ ଲମ୍ବର ୫ ସେମି ବ୍ୟାସର ପୋଲ ବାଉଁଶ। ପିତ୍ତଳ ନଳାର ଅପର ପାର୍ଶ୍ୱ ଏହି ବାଉଁଶ ନଳୀର ଅଗ୍ରଭାଗରେ ସଂଯୁକ୍ତ ହୋଇଥାଏ। ବାଉଁଶ ନଳୀରେ ବଂଶୀପରି ୭ଟି ଛିଦ୍ର ଥାଏ । ସ୍ୱର ଜ୍ଞାନ ଅଭିଜ୍ଞ ମହୁରୀଆମାନେ ମାପ କରି ଛିଦ୍ର ତିଆରି କରନ୍ତି। ଏହାର ତୃତୀୟ ଅଙ୍ଗରେ ପିତ୍ତଳରେ ନିର୍ମିତ ଏକ ମୁହଁ ସଂଯୁକ୍ତ ହୋଇଥାଏ।

ତାସା - ଏହାକୁ ତ୍ରିବିଡି ମଧ୍ୟ କୁହାଯାଏ। ୧ ଫୁଟ



ବ୍ୟାସ ବିଶିଷ୍ଟ କରେଇ ଆକୃତିର ଏକ ପାତ୍ର ଉପରେ ଚିକ୍କଣ ପତଳା ଗାଈ ଚର୍ମ ଛାଉଣି କରାଯାଇ ଏହି ଚମଡାକୁ ଦୃଢ଼ ଭାବରେ ରଖିବାପାଇଁ ଦଉଡ଼ି ବନ୍ଧା ଯାଇଥାଏ। ଦୁଇଟି ବାଉଁଶ କାଠି ସାହାଯ୍ୟରେ ଏହା ଦୁଇ ହାତରେ ବଜାଯାଏ।

କଂସାତାଳ - ଏହା କଂସା ବା ପିତ୍ତଳରେ ତିଆରି ହେଉଥିବାରୁ ଏହାକୁ କଂସାତାଳ କୁହାଯାଏ । ଏହା ୬ ଇଞ୍ଚ



ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ଅର୍ଦ୍ଧଗୋଲାକାର ଆକୃତିର ହୋଇଥାଏ। ଗୋଲାକାର ମଝିରେ ସୂତା ବା ଦଉଡ଼ି ବନ୍ଧା ହୋଇଥାଏ, ଯାହାକୁ ବାଦକ ନିଜ ହାତରେ ଛନ୍ଦି ମଜବୁତ କରି ଧରେ ଏବଂ ଦୁଇ ପାଖକୁ ପରସ୍ପର ସହ ପିଟିଲେ ଏକ ଉଚ୍ଚ ସ୍ୱର ଶୁଣାଯାଏ।

ଧୁନକେଲ - ଏହି ବାଦ୍ୟର ମୁଖ୍ୟ ଆଧାର ହେଉଛି ଏକ ମାଟି ହାଣ୍ଡି। ଏହା ଶବ୍ଦକୁ ଗୁଞ୍ଜରଣ କରିବାରେ ସାହାଯ୍ୟ କରିଥାଏ। ମାଟି ହାଣ୍ଡିର ମୁହଁକୁ ଏକ କୁଲାଦ୍ୱାରା ଢଙ୍କାଯାଏ।



କୁଲା ଉପରେ ଏକ ବାଉଁଶ ତିଆରି ଧନୁ ରଖାଯାଏ ଏହି ଧନୁକୁ ଏକ ବାଡ଼ି ସାହାଯ୍ୟରେ ଘଷିବା ବା ପିଟିବା ଦ୍ୱାରା ଏଥିରୁ ସୁମଧୁର ଶବ୍ଦ ବାହାରେ । ସେଥିରେ ବ୍ୟବହୃତ ହେଉଥିବା ବାଡ଼ିରେ ଛୋଟ ଛୋଟ ଘୁଙ୍ଗୁର ବନ୍ଧା ହୋଇଥାଏ।

ଧାପ - ଏହା ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର କନ୍ଧ ସମ୍ପ୍ରଦାୟର ଏକ ଲୋକପ୍ରିୟ ବାଦ୍ୟ। ଏହା ଏକ ପ୍ରକାର ଖଞ୍ଜଣି



ଶୈଳୀର ବାଦ୍ୟଯନ୍ତ୍ର, ଯାହା ଚାରି ପାଞ୍ଚ ଆଙ୍ଗୁଳି ଓସାରର ଏକ କାଠ ପାଡିଆରେ ତିଆରି ଚକ୍ରାକାର ଫ୍ରେମ୍ ର ଏକ ପାର୍ଶ୍ୱ ଚମଡାରେ ଛାଉଣି ହୋଇଥାଏ ଏବଂ ଅନ୍ୟ ପାର୍ଶ୍ୱକୁ ଖୋଲା ରଖାଯାଇଥାଏ।

ଘୁମୁରା - ଏହା ବିଶେଷତଃ କଳାହାଣ୍ଡି, ବଲାଙ୍ଗୀର, ନୂଆପଡା ଅଞ୍ଚଳରେ ଦେଖାଯାଏ। ଏହାକୁ ବୀର ବାଦ୍ୟ ମଧ୍ୟ କୁହାଯାଏ। ଏହା ଏକ ଦୀର୍ଘାକାୟ ମାଟିପାତ୍ର ଯାହାକୁ ଗାଁ ଗହଳିରେ ପାଣି ଆଣିବା ପାଇଁ ବ୍ୟବହାର କରାଯାଏ। ଏହାର ଉଚ୍ଚତା ପ୍ରାୟ ୧୮ ରୁ ୨୪ ଇଞ୍ଚ ପର୍ଯ୍ୟନ୍ତ ହୋଇଥାଏ। ଏହାର ତଳ ଅଂଶ ଗୋଲାକାର, ମଝି ଅଂଶ ସ୍ଫୀତ ଏବଂ ଉପର ଅଂଶ



ବେକ ପରି ଥାଏ। ତାର ମୁହଁକୁ ଗୋଧି ଚମଡାରେ ଛାଉଣି କରାଯାଇଥାଏ। ନର୍ତ୍ତକମାନେ ଏହାକୁ ଛାତିରେ ବାନ୍ଧି କିମ୍ବା ବେକ ଓ ଅଣ୍ଟାରେ ଦଉଡି ସାହାଯ୍ୟରେ ଝୁଲାଇ ବଜାଇଥାନ୍ତି।

ଘୁଡକା - ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଲୋକବାଦ୍ୟ ହେଉଛି ଘୁଡକା ଯାହାକୁ କେତେକ ସ୍ଥାନରେ 'ଘୁବୁକୁଡୁ' ବୋଲି ମଧ୍ୟ କୁହାଯାଏ । ଏହା ମୁଖ୍ୟତଃ ସାପୁଆ କେଳା ସମ୍ପ୍ରଦାୟଦ୍ୱାରା ବ୍ୟବହୃତ ଏକ ତାରବାଦ୍ୟ ଅଟେ ଏକ ଗୋଲାକାର କାଠ ଖୋଳ ବା ପାତ୍ରରୁ ତିଆରି ହୋଇଥାଏ। ଖୋଳର ଉପର ପଟେ

ସରୀସୃପ ବା ପ୍ରାଣୀଙ୍କ ଚମଡା ଢାଙ୍କି ଦିଆଯାଇଥାଏ। ଚମଡାର



ମଝିରେ ଏକ ସ୍ୱତନ୍ତ୍ର ତାର ଲାଗିଥାଏ ଯାହାକୁ କମ୍ପନ କରାଇ ଶବ୍ଦ ସୃଷ୍ଟି କରାଯାଇଥାଏ। ବାଦକ ନିଜ ଆଙ୍ଗୁଠିରେ ତାକୁ ଆଘାତ କରି କମ୍ପନ ସୃଷ୍ଟି କରିଥାଏ।

ଘଣ୍ଟ - ଏକ ପ୍ରକାର ପିତ୍ତଳ କିମ୍ବା କଂସା ଧାତୁରେ ତିଆରି। ଏହା ସାଧାରଣତଃ ଗୋଲାକାର ବା ଥାଳିଆ ଆକୃତିର ହୋଇଥାଏ, ଯାହାର କଡ଼ ଗୁଡ଼ିକ ଭିତରକୁ ବଙ୍କା ହୋଇ ରହିଥାଏ। ଏହାକୁ ହାତରେ ଧରି ଏକ କାଠ ବାଡ଼ିଦ୍ୱାରା ବାଡ଼େଇଲେ ଏକ ଆକର୍ଷଣୀୟ ଧ୍ୱନି ସୃଷ୍ଟି ହୋଇଥାଏ। ପଶ୍ଚିମ ଓଡିଶାର ଲୋକନୃତ୍ୟ ଓ ଗଣ୍ଡା ବାଜାର ଏହା ଏକ ଅପରିହାଯ୍ୟ ବାଦ୍ୟ ଅଟେ।

ଢାକା - ଏହାର ମୁଖ୍ୟ ଖୋଳ କାଠରେ ତିଆରି ହୋଇଥାଏ। ଏହା ସାଧାରଣତଃ ନିମ୍ବ ବା ଆମ୍ବ କାଠରେ ନିର୍ମିତ ହୋଇଥାଏ। ଯାହାକୁ ଭିତରୁ ଖାଲି କରାଯାଇଥାଏ। ଏହି ଖୋଳର ଦୁଇ ପାର୍ଶ୍ୱରେ ପଶୁ ଚର୍ମ ଦ୍ୱାରା ଆବୃତ୍ତ କରାଯାଇଥାଏ। ଏହି ଚର୍ମକୁ ଡୋରି କିମ୍ବା ଚମଡା ପଟି ସାହାଯ୍ୟରେ ଟାଣ କରି ବନ୍ଧା ହୋଇଥାଏ। ଦୁଇଟି ଲମ୍ବା କାଠ ବାଡ଼ି ଦ୍ୱାରା ଏହାକୁ ବାଜାଯାଇଥାଏ। ଯାହାଦ୍ୱାରା ଏଥିରୁ ଏକ ଗମ୍ଭୀର ଶବ୍ଦ ବାହାରିଥାଏ।

ମଙ୍ଗନ- ପଶ୍ଚିମ ଓଡ଼ିଶାରେ ପ୍ରଚଳିତ ଏକ ଲୋକବାଦ୍ୟ ହେଉଛି ମଙ୍ଗନ । ଏହା ଦେଖିବାକୁ ଠିକ ଡମ୍ବରୁ ଭଳି । କେବଳ ମୃତ କର୍ମରେ ଏହାକୁ ବଜା ଯାଏ ଏବଂ ଅନ୍ୟ ସମୟରେ ଏହାକୁ ନାଲି କନାରେ ଗୁଡ଼େଇ ରଖାଯାଇଥାଏ । ଗରଡିଆ ସମ୍ପ୍ରଦାୟର ଲୋକମାନେ ଏହାକୁ ବାଦନ କରିଥାନ୍ତି । ଅବିଭକ୍ତ ସମ୍ବଲପୁର, ସୁନ୍ଦରଗଡ ଏବଂ ବଲାଙ୍ଗୀରର କେତେକ ଅଞ୍ଚଳରେ ଏହି ବାଦ୍ୟର ବ୍ୟବହାର ହୋଇଥାଏ । ଏହାକୁ ତିଆରି କରିବା ପାଇଁ ଚମ୍ପା ଗଛର କଥା ଏବଂ ପଇତା ସୂତା ଓ ଚମଡା ଦରକାର ହୋଇଥାଏ।



ଏକ ଫୁଟ ଲମ୍ବ ଚମ୍ପା କାଠକୁ ବଢେଇ ଦ୍ୱାରା ଡମ୍ବରୁ ଆକାରର ଖୋଳା ଯାଏ । ତା' ପରେ କଳା ମେଣ୍ଢାର ପେଟ ଭିତର ପୁଟାର ଚମଡ଼ାରେ ଏହାକୁ ଛାଉଣି କରାଯାଏ ।

ଟାଙ୍ଗୁ - ଟାଙ୍ଗୁ ବାଦ୍ୟ ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ନାମରେ ପରିଚିତ ଯଥା ଟାଙ୍ଗୁ, ଢାମ୍ପ, ଡାଙ୍ଗରା, ତାଣ୍ଡକା, ଡ଼ାଡ଼ାମ ଇତ୍ୟାଦି । ଟାଙ୍ଗୁ ବାଦ୍ୟ ତିଆରି ପାଇଁ ଡ଼ିଜା, ପଣସ, ଆମ୍ବ, ସର୍ଗି ବା ଗମ୍ଭାରୀ ଆଦି କାଠକୁ ୨.୫ /୩ ଇଞ୍ଚ ଚୋଉଡ଼ାରେ ୧୪ /୧୫ ଇଞ୍ଚ ମୁହଁର ବ୍ୟାସ ଓ କାଠର ମୋଟେଇ ଦୁଇ ଇଞ୍ଚ ରଖି ଗୋଲ କରାଯାଏ ତା ପରେ ତେନ୍ତୁଳୀ ଅଠା ଦେଇ ଛେଳି ଚମଡା ବା ମାଙ୍କଡ ଚମଡା ଦ୍ୱାରା ଛାଉଣି କରାଯାଏ । ଏହାକୁ ବଜେଇବା ପାଇଁ କାଠ ବା ବାଉଁଶରେ ତିଆରି ଏକ ସରୁ ପାତ ଓ ଗୋଲେଇ କାଠି ଦରକାର ହୋଇଥାଏ । ଓଡ଼ିଶାର କଳାହାଣ୍ଡି,ଫୁଲବାଣୀ ଏବଂ ବଲାଙ୍ଗୀରି ଅଞ୍ଚଳରେ ଏହାର ପ୍ରଚଳନ ହୋଇଥାଏ ।

**ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ବାଦ୍ୟର ବ୍ୟବହାର :**

ସାଧାରଣତଃ ପଶ୍ଚିମ ଓଡ଼ିଶାର ପର୍ବପର୍ବାଣୀ ଗୁଡ଼ିକ ପ୍ରକୃତି ସମ୍ପର୍କୀୟ ଅଟେ । ଦେବ-ଦେବୀ, ପୂଜା-ବଳି, ଗୀତ-ନୃତ୍ୟ ଆଦି ପ୍ରଭୃତି ଏହାର ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ବାଦ୍ୟର ତାଳେ ତାଳେ ଧାଙ୍ଗଡ଼ା ଧାଙ୍ଗଡିଙ୍କର ପାଦ ଝୁମି ଝୁମି ପଡ଼େ । ସେମାନଙ୍କର ଉତ୍ସବ ଗୁଡ଼ିକ ମନୋରଞ୍ଜନଧର୍ମୀ ହୋଇଥାଏ। ତେଣୁ ପର୍ବପର୍ବାଣିକୁ ଉତ୍ସବ ମୁଖର କରିବା ପାଇଁ ସେମାନେ ନାନା ବାଦ୍ୟ ଯନ୍ତ୍ରର ବ୍ୟବହାର କରିଥାନ୍ତି । ମନୋରଞ୍ଜନ ପାଇଁ ସେମାନେ ଭିନ୍ନ ଭିନ୍ନ ପନ୍ଥା ଯଥା ନୃତ୍ୟ, ଗୀତ, କ୍ରୀଡ଼ା, କଥାନି, ପ୍ରବାଦ, ପ୍ରବଚନ, ଖୋଲମଞ୍ଚରେ ନାଟକ ପରିବେଷଣ ଆଦିକୁ ବାଛିଥାନ୍ତି । ମାତ୍ର କିଛିଟା କ୍ଷେତ୍ରରେ ବାଦ୍ୟଯନ୍ତ୍ର ବ୍ୟବହାର ଅପରିହାର୍ଯ୍ୟ ହୋଇଥାଏ । ସେଥିମଧ୍ୟରୁ ଲୋକଗୀତ, ନୃତ୍ୟ ଏବଂ ନାଟକ ଗୁରୁତ୍ୱପୂର୍ଣ୍ଣ ଅଟେ । ତନ୍ମଧ୍ୟରୁ ଆମେ କିଛି ଲୋକଗୀତ, ଲୋକନୃତ୍ୟ ଏବଂ ଲୋକନାଟକକୁ ଆଲୋଚନା ପରିସରକୁ ନେବା ଯଥା:-

ଡାଲଖାଇ - ଏହାକୁ ମହାଷ୍ଟମୀ ତିଥିରେ ସମଗ୍ର ପଶ୍ଚିମ ଓଡ଼ିଶାରେ ଭାଇଜିଉଁନ୍ତିଆ ଉତ୍ସବ ଭାବରେ ପାଳନ କରାଯାଏ । ଭାଇର ମଙ୍ଗଳ ପାଇଁ ଯୁବତୀମାନେ ଦିବସରେ ଏହି ବ୍ରତ ପାଳନ କରିଥାନ୍ତି । ଡାଲଖାଇ ହେଉଛନ୍ତି ସେଠାକାର ଲୋକଦେବୀ ଓ ତାଙ୍କ କୁଠିକୁ ଡାଲଖାଇ କୁଠି କୁହାଯାଏ । ଏହି ଅବସରରେ ନୃତ୍ୟ ପରିବେଷଣ କରାଯାଇଥାଏ । ଏହି ପୂଜାରେ ଧୁନକେଲ୍ ନାମକ ବାଦ୍ୟ ବଜାଇ ଦେବୀଙ୍କୁ କୁଠିକୁ ନିଆଯାଏ । ପରେ ଝିଅମାନେ ଅର୍ଦ୍ଧ ବୃତ୍ତାକାରରେ ଠିଆ ହୋଇ ଢୋଲର ତାଳେ ତାଳେ ଗୀତ ଗାଆନ୍ତି । ଭୋଲିଆର ବୋଲ ଅନୁସାରେ 'ଆଡ଼ି' ଛନ୍ଦରେ ଗୀତ ବୋଲିଥାଏ । ଗୀତ ସରିଲା କ୍ଷଣି ଢୋଲ, ନିଶାନ, ଟିମକି ଓ ମହୁରୀ ଆଦି ବାଦ୍ୟଯନ୍ତ୍ର ବଜାଯାଇଥାଏ।

କରମା - ଓଡ଼ିଶାରେ ବାସ କରୁଥିବା ବିଂଝୁଲା, କୋହ୍ଲ, ଖଡ଼ିଆ, ଓରାମ, ସାନ୍ତାଳ, କିସାନ, ଭୂୟାଁ, ଗଣ୍ଡ, ସଉରା ଜନଜାତି ସମାଜରେ କରମା ପର୍ବ ପାଳନ ହୁଏ । କରମସାନୀ ହେଉଛନ୍ତି ଏହି ପର୍ବର ମୁଖ୍ୟ ଉପାସ୍ୟ । ଭାଦ୍ରବ ଶୁକ୍ଳ ଏକାଦଶୀ ତିଥିରେ ଏହି ପର୍ବ ପାଳିତ ହୋଇଥାଏ । କରମା ଡାଳ ଠାବ କରିବାକୁ ଯିବା ବେଳେ ମାଦଳ, ଗିନି, କସ୍ତାଳ ଆଦି ବାଦ୍ୟଯନ୍ତ୍ରର ସମବେତ ଧ୍ୱନି ସହ ଗ୍ରାମକୁ ଅଣାଯାଇଥାଏ । ଏହାପରେ କରମା କାହାଣୀ ଶୁଣାଯାଏ । ଏହି କାହାଣୀ ଶେଷ ହେବାପରେ ମାଦଳ, ମଞ୍ଜିରା, କସ୍ତାଳ ସହ ଗୋଡର ଘୁଙ୍ଗୁର ମୂର୍ଚ୍ଛନାରେ କରମା ଗୀତରେ ସାରାରାତି ଉଛୁଳି ଉଠେ ।

ଡାପ - ଡାପ ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର କନ୍ଧ ସମ୍ପ୍ରଦାୟର ଏକ ଲୋକପ୍ରିୟ ବାଦ୍ୟ । ଏହି ବାଦ୍ୟ ସହ ଗାନ କରାଯାଉଥିବା ଲୋକଗୀତକୁ ଡାପଗୀତ ଏବଂ ନୃତ୍ୟକୁ ଡାପ ନୃତ୍ୟ କୁହାଯାଏ । ଏହାକୁ ବିବାହ ଉତ୍ସବ ଅବସର ବିନୋଦନ ଏବଂ ପର୍ବ ପର୍ବାଣୀ ସମୟର ଗାନ କରାଯାଇଥାଏ।

ଗଉଡ଼ବାଡ଼ି- ଗୌଡ଼ ଜାତିର ଲୋକେ ସାଧାରଣତଃ ବିବାହ ଏବଂ ଦୋଳ ପୂର୍ଣ୍ଣିମା ଅବସରରେ ଗୌଡ଼ବାଡ଼ି ନୃତ୍ୟ ପରିବେଷଣ କରନ୍ତି । ଦେଢ଼ ଫୁଟ ବା ଦୁଇ ଫୁଟର ବାଡ଼ି ହାତରେ

ଧରି ନର୍ତ୍ତକମାନେ ବୃତ୍ତାକାରରେ ଠିଆ ହୁଅନ୍ତି । ପରସ୍ପର ବାଡ଼ି ବଜାଇ ନୃତ୍ୟ କରନ୍ତି। ଏମାନେ ପୌଷ ଅମାବାସ୍ୟା ପରେ ଗାଁ ଗାଁ ବୁଲି ନୃତ୍ୟ ଗୀତ ପ୍ରଦର୍ଶନ କରି ଧାନ, ଚାଉଳ, ଟଙ୍କା, ପଇସା ସଂଗ୍ରହ କରନ୍ତି । ମାଦଳ ହେଉଛି ଏହାର ମୁଖ୍ୟ ବାଦ୍ୟଯନ୍ତ, ତତ୍‌ସହିତ ଢୋଲ ଓ ମହୁରୀ ମଧ୍ୟ ବାଜେ ।

ବଜନିଆ ଓ ନଚନିଆ ଗୀତ - ଏ ଗୀତଗୁଡ଼ିକ ସାଧାରଣତଃ ଗ୍ରାମାଞ୍ଚଳରେ ବିବାହ ଉତ୍ସବରେ ଗାନ କରାଯାଏ । ବଜନିଆ ଗୀତ କେବଳ ବାଦ୍ୟକାର ଦଳର ସଦସ୍ୟ ମାନେ ଗାନ କରନ୍ତି। ନଚନିଆ ରଙ୍ଗବେରଙ୍ଗର ପୋଷାକ ପିନ୍ଧି ପଦରେ ଘୁଙ୍ଗୁର ବାନ୍ଧି ହାତରେ ଚାମର ଧରି ବାଦ୍ୟକାରଙ୍କ ସହଯୋଗିତାରେନୃତ୍ୟ କରନ୍ତି।

ଘୁଡକା ଗୀତ – ଘୁଡକା ବା 'ଘୁବୁକୁଡୁ ' ଏକ ପ୍ରକାର ବାଦ୍ୟଯନ୍ତ୍ର । ସମ୍ବଲପୁର, କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାର ଶବର ଜାତିର ଲୋକେ ଜୀବିକାର୍ଜନ ପାଇଁ ଗାଁ ଗାଁ ବୁଲି ଏହି ନୃତ୍ୟଗୀତ ପରିବେଷଣ କରିଥାନ୍ତି ।

ରସରକେଲୀ - ଏହା ଏକ ସମ୍ବୋଧଗୀତି ଅଟେ । ଗୀତାର ତାଳେ ତାଳେ ନୃତ୍ୟ କରୁଥିବା ଯୁବକକୁ 'ରସରକେଲିବୋ' ଏବଂ ଯୁବତୀ ମାନଙ୍କୁ 'ରସରକେଲିରେ' ବୋଲି ସମୋଧନ କରାଯାଇଥାଏ । ଏହା ସାଧାରଣତଃ ପଶ୍ଚିମ ଓଡ଼ିଶାର ସାମାଜିକ ପର୍ବ ଏବଂ ଧର୍ମୀୟ ଉତ୍ସବମାନଙ୍କରେ ଦେଖାଯାଏ । ଏଥିରେ ଢୋଲ, ନିଶାଣ, ତାସା, ମହୁରୀ ଆଦି ବାଦ୍ୟର ତାଳେ ତାଳେ ଯୁବକ ଯୁବତୀ ପରସ୍ପରକୁ ସମ୍ବୋଧ କରି ସମ୍ବଲପୁରୀ ବା କୋଶଳୀ ଭାଷାରେ ଗୀତ ଗାଇଥାନ୍ତି। ଯେଉଁଥିରେ ପ୍ରେମ, ସମ୍ପର୍କ ଏବଂ ଦୈନନ୍ଦିନ ଜୀବନର ଝଲକ ଦେଖିବାକୁ ମିଳିଥାଏ ।

ମାଏଲା ଜଡ ଓ ଜାଇଫୁଲ - ଏ ଦୁଇଟି ପଶ୍ଚିମ ଓଡ଼ିଶାର ଏକ ଅତି ଲୋକପ୍ରିୟ ସମ୍ବୋଧଗୀତି । ଏଥିରେ ଢୋଲ, ମହୁରୀ, ନିଶାନ, ତାସା, ମାଦଳ, ଝାଞ୍ଜ ଆଦି ବାଦ୍ୟର ବ୍ୟବହାର କରାଯାଇଥାଏ । ଯାହା ସଙ୍ଗୀତକୁ ଆହୁରି ମଧୁର କରାଏ ।

ଶୀତଳଷଷ୍ଠୀ ଯାତ୍ରା - ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ ତିଥିରେ ସମ୍ବଲପୁର ଏବଂ ବରପାଲିରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ। ଯାହା ଶୀତଳ ଷଷ୍ଠୀ ଯାତ୍ରା ଭାବରେ ପ୍ରସିଦ୍ଧ ଅଟେ । ଏଥିରେ ଅଂଶ ଗ୍ରହଣ କରୁଥିବା କଳାକାର ହେଉଛନ୍ତି ସାଧାରଣ ଲୋକେ । ଯଥା ବିଧି ବିଧାନରେ ଅବିକଳ ବିବାହ ଉତ୍ସବ ପରି ମହା ଆଡ଼ମ୍ବରରେ ଶିବ ପାର୍ବତୀଙ୍କ ବିବାହ କରାଯାଏ । ଏହି ବିବାହ ପାଞ୍ଚଟି ପର୍ଯ୍ୟାୟରେ ସମ୍ପନ୍ନ ହୁଏ । ଥାଳିଆ ଉଠାଠାରୁ ଆରମ୍ଭ ହୋଇ ଗଣ୍ଡଲିହିଟା, ପତ୍ରପେଣ୍ଡି, ଗୁଆଗୁଣ୍ଡା ପରେ ବିବାହ ଏବଂ ସହର ପ୍ରଦକ୍ଷୀଣ ଶୋଭାଯାତ୍ରାରେ ଶେଷ ହୁଏ । ଏହି ଶୋଭା ଯାତ୍ରାରେ ଦେଶର ବିଭିନ୍ନ ଲୋକନୃତ୍ୟ ଦଳ ଯଥା ହଣ୍ଡପା ନୃତ୍ୟ, ଶବର ଶବରୁଣୀ ନୃତ୍ୟ, ଦଣ୍ଡନୃତ୍ୟ, ଗେଡି ନୃତ୍ୟ, ଆଧୁନିକ ଆର୍କେଷ୍ଟ୍ରା, ରେକର୍ଡ ନୃତ୍ୟ ଆଦି ସାମିଲ ହୋଇଥାନ୍ତି । ବିଭିନ୍ନ ପ୍ରକାର ବାଦ୍ୟ ଧ୍ୱନି ଭିତରେ ଶଙ୍ଖ ହୁଳହୁଳି, ଘଣ୍ଟ, ମୃଦଙ୍ଗର ନାଦରେ ଚାରିଆଡ଼େ କମ୍ପୁଥାଏ । ସେହିପରି ବରଗଡ଼ରେ ଅନୁଷ୍ଠିତ ଧନୁଯାତ୍ରାରେ ମଧ୍ୟ ଢୋଲ, ମୃଦଙ୍ଗ, ଘୁବୁକୁଡ, ମାଦଳ ଆଦି ବାଦ୍ୟର ବହୁଳ ମାତ୍ରାରେ ବ୍ୟବହାର ହୋଇଥାଏ । ଏଥି ସହିତ ରାମଲୀଳା, କୃଷ୍ଣ ଲୀଳା, ଛତର ଯାତ୍ରା, ଚଇତି ଯାତ୍ରା ଆଦିରେ ବିଭିନ୍ନ ପ୍ରକାର ଲୋକବଦ୍ୟ ବ୍ୟବହାର କରାଯାଇଥାଏ । ଏହା ସହିତ ସାମ୍ପ୍ରତିକ ସମୟରେ ଗଢି ଉଠିଥିବା ବିଭିନ୍ନ ଆଧୁନିକ ଦଳରେ ମଧ୍ୟ ଲୋକବାଦ୍ୟ ବ୍ୟବହାର ହୋଇଥାଏ।

**ଉପସଂହାର:** ଓଡ଼ିଶାର ଅନ୍ୟ ଅଞ୍ଚଳ ଠାରୁ ପଶ୍ଚିମ ଓଡ଼ିଶା ଭିନ୍ନ ସ୍ଥାନ ଅଧିକାର କରିଅଛି । ସେ ତା'ର ସ୍ୱତନ୍ତ୍ରତା ପାଇଁ ସବୁଠାରେ ଚର୍ଚ୍ଚିତ । ସେଥିମଧ୍ୟରୁ ଆମର ଆଲୋଚନାର ବିଷୟ ଥିଲା ସେଠାକାର ଲୋକବାଦ୍ୟ । ଏହା ଏକ ଅନାଲୋଚିତ ବିଷୟ ଯାହା ଏକ ସ୍ୱତନ୍ତ୍ର ସମାଲୋଚନାର ଅପେକ୍ଷା ରଖେ । ଏଠାରେ ଆଲୋଚ୍ୟ ଲୋକବାଦ୍ୟ ସମ୍ପୂର୍ଣ୍ଣ ନୁହେଁ, ମାତ୍ର ଏହା ଆଗାମୀ ଆଲୋଚନା ପାଇଁ ଉପଯୁକ୍ତ ତଥ୍ୟ ଦେଇପାରିବ ବୋଲି ମୋର ଆଶା ।

**ସହାୟକ ଗ୍ରନ୍ଥ ସୂଚୀ :**


୧- ନାୟକ, ଡ଼ ଦ୍ୱାରିକା ନାଥ, ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ, ଓଡିଶା ବୁକ ଷ୍ଟୋର, କଟକ, ୨୦୦୪ ।

୨-ନାୟକ, ଡ଼ ଦ୍ୱାରିକା ନାଥ, ସମ୍ବଲପୁରୀ ଲୋକଗୀତରେ ସମାଜ ଜୀବନର ସ୍ୱରୂପ, ଓଡିଶା ବୁକ ଷ୍ଟୋର, କଟକ, ୧୯୯୮।

୩-ନେପାକ, ଭାଗିରଥି, ଓଡିଶାର ଲୋକାନୃତ୍ୟ ଡାଲଖାଇ, ନଟରାଜ ପ୍ରେସ ,ଭୁବନେଶ୍ୱର, ୧୯୮୬।

୪-ପ୍ରଧାନ, କୃଷ୍ଣଚନ୍ଦ୍ର, ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି, ବିଦ୍ୟାପୁରୀ, କଟକ, ୨୦୧୭,।

୫-ପଶାୟତ, ଡ଼ ଚିତ୍ରସେନ, ପଶ୍ଚିମ ଓଡ଼ିଶାର ଲୋକଗୀତ, ଫୋକଲୋର ଫାଉଣ୍ଡେସନ, ଭୁବନେଶ୍ୱର, ୨୦୦୮।

୬-ପଣ୍ଡା, ଡ଼ ନିମାଇଁ ଚରଣ, ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟର ସ୍ୱରୂପ, ମେନକା ପ୍ରକାଶନୀ ସମ୍ବଲପୁର, ୧୯୯୭।

୭-ପାଣିଗ୍ରାହୀ, କୁମୁଦ ରଞ୍ଜନ, ଲୋକାଧାରା, ଲୋକ ସଂସ୍କୃତି ଓ ଲୋକସାହିତ୍ୟ, ସୁଖଦୁଃଖ ପବ୍ଲିକେଶନ, ସମ୍ବଲପୁର, ୨୦୧୨।

୮-ବାଗ, ସଞ୍ଜୟ କୁମାର, ଲୋକାଧାରା, ଏଥେନା ପବ୍ଲିକେଶନ, ଭୁବନେଶ୍ୱର, ୨୦୧୨।

୯-ମିଶ୍ର, ମହେନ୍ଦ୍ର କୁମାର, କଳାହାଣ୍ଡି ଲୋକସଂସ୍କୃତି, ଫ୍ରେଣ୍ଡସ ପବ୍ଲିକେଶନ, କଟକ, ୧୯୯୬।

୧୦-ଧର, ଡ଼ ଶ୍ୟାମସୁନ୍ଦର, ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଯାତ୍ରା ଓ ପର୍ବ ପର୍ବାଣୀ, ସାରସ୍ୱତ ପୁସ୍ତକ ଭଣ୍ଡାର, ସମ୍ବଲପୁର, ୨୦୦୨।

୧୨- ପାଢୀ, ସ୍ୱୟମପ୍ରଭା, ସମଧ୍ୱନି ପତ୍ରିକା, ଭୁବନେଶ୍ୱର, ଓଡ଼ିଶା, ୨୦୦୫ ।

୧୩ -ଲେଙ୍କା, ସନ୍ତୋଷ , ଓଡ଼ିଶାର ଲୋକବାଦ୍ୟ, ନିର୍ଦ୍ଦେଶକ ନାଟ୍ୟ ଚେତନା, ଅଶୋକ ନଗର, ଭୁବନେଶ୍ୱର , ୨୦୦୨ ।

ପଞ୍ଚରା
ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ଓଡ଼ିଆ ଭାଷା ବନାମ ଆଦିବାସୀ ଭାଷା

ଡକ୍ଟର ତରୁଣ ସା iD
ଅଧ୍ୟାପକ , ଶ୍ରୀ ଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟ, ଗୁରୁଡିଝାଟିଆ, କଟକ

DOI - https://doi.org/10.5281/zenodo.19417785

## ସାରାଂଶ

ଓଡ଼ିଆ ଭାଷା ଏବଂ ଆଦିବାସୀ ଭାଷା ମଧ୍ୟରେ ସମ୍ପର୍କ ଅତି ନିବିଡ଼ ଓ ପ୍ରାଚୀନ। ଓଡ଼ିଶା ଏକ ବହୁଭାଷୀ ରାଜ୍ୟ ହୋଇଥିବାରୁ ଏଠାରେ ଆର୍ଯ୍ୟ, ଦ୍ରାବିଡ଼ ଓ ଅଷ୍ଟ୍ରିକ୍ ଭାଷାଗୋଷ୍ଠୀର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଓଡ଼ିଆ ଭାଷାର ବିକାଶ କ୍ରମରେ ଆଦିବାସୀ ଭାଷାର ପ୍ରଭାବ ଅପରିସୀମ। ଓଡ଼ିଆ ଭାଷା ଏବଂ ଓଡ଼ିଶାର ବିଭିନ୍ନ ଆଦିବାସୀ ଭାଷା ମଧ୍ୟରେ ଥିବା ସମ୍ପର୍କ କେବଳ ଭାଷାଗତ ନୁହେଁ, ବରଂ ଏହା ଏକ ଗଭୀର ସାଂସ୍କୃତିକ ସମନ୍ୱୟର ପ୍ରତିଫଳନ। ଓଡ଼ିଆ ଭାଷାର ବିକାଶ ଧାରାରେ ଆଦିବାସୀ (ମୁଣ୍ଡାରୀ, ଅଷ୍ଟ୍ରିକ୍ ଓ ଦ୍ରାବିଡ଼) ଭାଷାଗୋଷ୍ଠୀର ପ୍ରଭାବ ଅତି ସୁସ୍ପଷ୍ଟ। ଓଡ଼ିଆ ଭାଷାର ଶବ୍ଦକୋଷରେ ଥିବା ପ୍ରଚୁର 'ଦେଶଜ' ଶବ୍ଦ ଆଦିବାସୀ ଭାଷାରୁ ଆସିଛି। ବିଶେଷ କରି ଚାଷବାସ, ଜଙ୍ଗଲଜାତ ଦ୍ରବ୍ୟ ଓ ସାମାଜିକ ରୀତିନୀତି ସହ ଜଡ଼ିତ ଅନେକ ମୌଳିକ ଶବ୍ଦର ମୂଳ ଉତ୍ସ ହେଉଛି ଜନଜାତି ଭାଷା। ଓଡ଼ିଶାରେ ୬୨ ପ୍ରକାର ଜନଜାତି ବାସ କରନ୍ତି, ଯେଉଁମାନଙ୍କ ମଧ୍ୟରୁ ସାନ୍ତାଳୀ, କୁଇ, ହୋ, ମୁଣ୍ଡାରୀ ଓ ସୌରା ପରି ଭାଷାଗୁଡ଼ିକ ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଆଞ୍ଚଳିକ ପରିଚୟ ପ୍ରଦାନ କରିଛନ୍ତି। ଆଦିବାସୀମାନଙ୍କର ମୌଖିକ ଲୋକକଥା, ଗୀତ ଓ ପରମ୍ପରା ଓଡ଼ିଆ ସାହିତ୍ୟର ଆତ୍ମାକୁ ସମୃଦ୍ଧ କରିଛି। ସମୟକ୍ରମେ ଓଡ଼ିଆ ଭାଷା ଏହି ବିଭିନ୍ନ ଜନଜାତିଙ୍କ ମଧ୍ୟରେ ଏକ ସଂଯୋଗକାରୀ ଭାଷା ଭାବେ କାର୍ଯ୍ୟ କରିଆସୁଛି।

**ମୂଳଶବ୍ଦ -** ଓଡ଼ିଆ, ଆଦିବାସୀ, ଭାଷା, ବସବାସ, ଜନଜାତି, ସାନ୍ତାଳୀ, କୁଇ, ହୋ, ସଉରା, ଦ୍ରାବିଡ଼, ଅଷ୍ଟ୍ରିକ୍, ଗୋଷ୍ଠୀ ।

## ଉପକ୍ରମ -

ଭାଷା କେବଳ ଭାବ ବିନିମୟର ଏକ ମାଧ୍ୟମ ନୁହେଁ, ବରଂ ଏହା ଏକ ଜାତିର ସଂସ୍କୃତି, ଇତିହାସ ଏବଂ ପରିଚୟର ବାହକ। ମନୁଷ୍ୟ ସମାଜର ବିକାଶରେ ଭାଷାର ଭୂମିକା ଅତୁଳନୀୟ। ଓଡ଼ିଆ ଭାଷା ଭାରତର ଏକ ପ୍ରାଚୀନ ଓ ସମୃଦ୍ଧ ଭାଷା। ଏହାର ପ୍ରାଚୀନତା ସମ୍ପର୍କରେ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ(ଖ୍ରୀ. ପୂ. ୨ୟ ଶତାବ୍ଦୀ)ରୁ ଜଣାପଡ଼େ। ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ଥାନିତ ୨୨ଟି ପ୍ରମୁଖ ଭାଷା ମଧ୍ୟରୁ ଏହା ଅନ୍ୟତମ। ମୁଖ୍ୟତଃ ଓଡ଼ିଶା ରାଜ୍ୟରେ ବ୍ୟବହୃତ ହେଉଥିବା ଏହି ଭାଷା ୨୦୧୪ ମସିହା ଫେବୃୟାରୀ ୨୦ ତାରିଖ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଅଛି । ଏହି ଗୌରବ ପାଇବାରେ ଓଡ଼ିଆ ହେଉଛି ଭାରତର ଷଷ୍ଠ ଭାଷା ଏବଂ ପ୍ରଥମ ଇଣ୍ଡୋ - ଆର୍ଯ୍ୟ ଭାଷା । ସେହିପରି ଆଦିବାସୀ ଭାଷାଗୁଡ଼ିକ ଭାରତର ଭାଷା ବିବିଧତାର ଏକ ଅମୂଲ୍ୟ ଅଂଶ। ଏହି ଭାଷାଗୁଡ଼ିକ ଆଦିବାସୀ ସମୁଦାୟର ସଂସ୍କୃତି, ପରମ୍ପରା ଓ ଜୀବନ ଶୈଳୀର ପ୍ରତିଫଳନ।

"ଆଦିବାସୀ" ଶବ୍ଦଟିର ଆଭିଧାନିକ ଅର୍ଥ ହେଉଛି "ଆଦିମ ଅଧିବାସୀ ବା ସର୍ବପ୍ରଥମ ଅଧିବାସୀ" କିମ୍ବା ଆଦିକାଳରୁ ବସବାସ କରିଆସୁଥିବା ଲୋକ। ଏମାନେ ଲକ୍ଷ ଲକ୍ଷ ବର୍ଷ ଧରି ବଣ ଜଙ୍ଗଲ ଓ ପାହାଡ଼ ଅଞ୍ଚଳରେ ବସବାସ କରି ଜୀବନ ନିର୍ବାହ କରିଆସୁଛନ୍ତି । ପ୍ରକୃତି ସହିତ ଏମାନଙ୍କ ସମ୍ପର୍କ ଅତି ନିବିଡ଼। ବଣ ଜଙ୍ଗଲରୁ ଫଳ ମୂଳ ସଂଗ୍ରହ କରି ପେଟ ପୋଷୁଥିବା ଏହି ଆଦିବାସୀଙ୍କ ଜୀବନ ଶୈଳୀ ସରଳ ଓ ସ୍ୱାଭାବିକ। ଓଡ଼ିଶାରେ ବହୁ ସଂଖ୍ୟକ ଆଦିବାସୀ ଜାତି ବସବାସ କରୁଥିବାରୁ ଏଠାରେ ଆଦିବାସୀ ଭାଷାର ବିଶେଷ ମହତ୍ତ୍ୱ ରହିଛି। ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଆଦିବାସୀ ଭାଷାଗୁଡ଼ିକ ଏକ ସ୍ୱତନ୍ତ୍ର ଏବଂ ଉଜ୍ଜ୍ୱଳ ରଙ୍ଗ ଭଳି। ଓଡ଼ିଶାରେ ପ୍ରାୟ ୬୨ ପ୍ରକାର ଆଦିବାସୀ ଜନଜାତି ବାସ କରନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକଙ୍କର ନିଜସ୍ୱ ସମୃଦ୍ଧ ଭାଷା ରହିଛି।

## ବିଷୟବସ୍ତୁ ଆଲୋଚନା-

ଓଡ଼ିଶା ଭାରତର ଏକ ସାଂସ୍କୃତିକ ଓ ଭାଷାଗତ ଭାବେ ସମୃଦ୍ଧ ରାଜ୍ୟ। ଏଠାରେ ଅନେକ ଭାଷାର ସହାବସ୍ଥାନ ଦେଖାଯାଏ। ଏହାମଧ୍ୟରୁ ଓଡ଼ିଆ ଭାଷା ରାଜ୍ୟର ପ୍ରମୁଖ ଓ ସରକାରୀ ଭାଷା ହେଉଥିବାବେଳେ, ଆଦିବାସୀ ଭାଷାଗୁଡ଼ିକ ଓଡ଼ିଶାର ଜନଜାତିମାନଙ୍କର ମୌଳିକ ପରିଚୟର ଭାଗ। ଏହି ଦୁଇ ପ୍ରକାର ଭାଷା ମଧ୍ୟରେ ରହିଥିବା ପାର୍ଥକ୍ୟ, ସମ୍ପର୍କ, ଓ ପ୍ରଭାବକୁ ବୁଝିବା ଆବଶ୍ୟକ, କାରଣ ଏହା ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଗଠନକୁ ସ୍ପଷ୍ଟ କରେ।

ଭାଷାତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଓଡ଼ିଆ ଭାଷା ହେଉଛି ଭାରତୀୟ ଆର୍ଯ୍ୟ ଭାଷା ପରିବାରର ଏକ ପ୍ରାଚୀନ ଭାଷା; ଯାହା ପ୍ରାକୃତ ଓ ମାଗଧୀ ଅପଭ୍ରଂଶରୁ ବିକଶିତ ହୋଇଛି। ଏହା ବହୁଳ ଭାବେ ସଂସ୍କୃତଦ୍ୱାରା ପ୍ରଭାବିତ। କିନ୍ତୁ ଆଦିବାସୀ ଭାଷା ହେଉଛି ଭାରତର ଜନଜାତିମାନଙ୍କ ମାତୃଭାଷା। ଓଡ଼ିଶାରେ ମୁଖ୍ୟତଃ ଦୁଇଟି ଭାଷା ପରିବାରର ଆଦିବାସୀ ଭାଷା ଦେଖାଯାଏ । ପ୍ରଥମଟି ହେଉଛି ଅଷ୍ଟ୍ରୋ - ଏସିଆଟିକ ଭାଷା ପରିବାର; ଯେଉଁଥିରେ ସାନ୍ତାଳୀ, ମୁଣ୍ଡାରୀ, ହୋ, ସଉରା ଇତ୍ୟାଦି ଭାଷା ଅନ୍ତର୍ଭୁକ୍ତ । ଦ୍ୱିତୀୟଟି ହେଉଛି ଦ୍ରାବିଡ଼ ଭାଷା ପରିବାର; ଯେଉଁଥିରେ କୁଇ, ଓରାଓଁ, କୋୟା ଆଦି ଭାଷା ଅନ୍ତର୍ଭୁକ୍ତ ।

### ୧- ଲିପି ଓ ଲିଖନ ପ୍ରଣାଳୀ

ଓଡ଼ିଆର ନିଜସ୍ୱ ଲିପି ଅଛି ଓ ଏହାର ବିକଶିତ ସାହିତ୍ୟ ମଧ୍ୟ ରହିଛି । ବ୍ରାହ୍ମୀ ଲିପିରୁ ଏହା ବିକଶିତ ହୋଇଛି। ଏହାର ବର୍ଣ୍ଣଗୁଡ଼ିକ ଗୋଲାକାର, ଯାହାର ମୁଖ୍ୟ କାରଣ ହେଉଛି ପ୍ରାଚୀନ

କାଳରେ ତାଳପତ୍ରରେ ଲେଖିବା ଶୈଳୀ। ସିଧା ଗାର ଟାଣିଲେ ତାଳପତ୍ର ଚିରିଯାଉଥିବାରୁ ଅକ୍ଷରଗୁଡ଼ିକ ବୃତ୍ତାକାର ହୋଇଥାଏ। କିନ୍ତୁ ଆଦିବାସୀ ଭାଷାଗୁଡ଼ିକ ଅଧିକାଂଶ ମୌଖିକ ଅଟେ। ଅବଶ୍ୟ କେତେକ ଆଦିବାସୀ ଭାଷାର ଲିପି ସୃଷ୍ଟି ହେବା ସହ ବିକଶିତ ମଧ୍ୟ ହୋଇଛି । ସାନ୍ତାଳୀ ଭାଷା ପାଇଁ 'ଓଲ୍ ଚିକି' ଲିପି ବ୍ୟବହାର କରାଯାଉଛି । ଯାହାର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁ ଅଟନ୍ତି। ସେହିପରି ସଉରା ଭାଷା ପାଇଁ ମାଙ୍ଗେଇ ଗମାଙ୍ଗୋଙ୍କ ଦ୍ୱାରା ଉଦ୍ଭାବିତ 'ସୋରାଙ୍ଗ ସୋମ୍ପେଙ୍ଗ' ଲିପି ବ୍ୟବହୃତ ହେଉଛି । 'ହୋ' ଭାଷା ପାଇଁ 'ୱାରାଙ୍ଗ ଚିତି' ଲିପି ବ୍ୟବହୃତ। ଅନ୍ୟାନ୍ୟ ଆଦିବାସୀ ଭାଷାପାଇଁ ଓଡ଼ିଆ ଲିପିକୁ ମାଧ୍ୟମ ଭାବେ ବ୍ୟବହାର କରାଯାଉଛି।

### ୨- ଧ୍ୱନିତତ୍ତ୍ୱ

ଓଡ଼ିଆରେ ମୁଖ୍ୟତଃ ୬ଟି ଶୁଦ୍ଧ ସ୍ୱରଧ୍ୱନି ରହିଛି (ଅ, ଆ, ଇ, ଉ, ଏ, ଓ)। ଏଠାରେ ସ୍ୱରର ଦୈର୍ଘ୍ୟ (ହ୍ରସ୍ୱ ଓ ଦୀର୍ଘ) ଅର୍ଥ ପରିବର୍ତ୍ତନରେ ବିଶେଷ ସହାୟକ ହୁଏ ନାହିଁ। ଅନେକ ଆଦିବାସୀ ଭାଷାରେ (ବିଶେଷ କରି ମୁଣ୍ଡା ଗୋଷ୍ଠୀରେ) 'ଅନୁନାସିକ ସ୍ୱରଧ୍ୱନି'ର ବହୁଳ ବ୍ୟବହାର ଦେଖାଯାଏ। ଏଥିସହ ସ୍ୱରଧ୍ୱନିର ଦୈର୍ଘ୍ୟ କେତେକ କ୍ଷେତ୍ରରେ ଅର୍ଥ ପରିବର୍ତ୍ତନ କରିଥାଏ। ଓଡ଼ିଆରେ ଅଳ୍ପପ୍ରାଣ (କ, ଗ) ଏବଂ ମହାପ୍ରାଣ (ଖ, ଘ) ଧ୍ୱନି ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରହିଛି। କିନ୍ତୁ ଅନେକ ଆଦିବାସୀ ଭାଷାରେ (ଯଥା: ସାନ୍ତାଳୀ) ମହାପ୍ରାଣ ଧ୍ୱନିର ବ୍ୟବହାର ଖୁବ୍ କମ୍ । ଓଡ଼ିଆ ଏକ ସ୍ୱରାନ୍ତ ଭାଷା । ଏହାର ପ୍ରତି ଶବ୍ଦ ଶେଷରେ ପ୍ରାୟତଃ ଏକ ସ୍ୱରଧ୍ୱନି (ବିଶେଷ କରି 'ଅ') ରହିଥାଏ। କିନ୍ତୁ ଆଦିବାସୀ ଭାଷା ମୁଣ୍ଡା ଗୋଷ୍ଠୀର ଭାଷାଗୁଡ଼ିକରେ ଶବ୍ଦ ଶେଷରେ ବ୍ୟଞ୍ଜନ ଧ୍ୱନି ରହିବା ସାଧାରଣ କଥା। ଉଚ୍ଚାରଣ ସମୟରେ ଆଦିବାସୀ ଭାଷାରେ ଶବ୍ଦର ପ୍ରଥମ ଅକ୍ଷର ଉପରେ ଅଧିକ ବଳାଘାତ ଦିଆଯାଏ, ଯାହା ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ଓଡ଼ିଆ କହିବା ଶୈଳୀକୁ ପ୍ରଭାବିତ କରିଛି। ଓଡ଼ିଆର 'ସ' ଧ୍ୱନି ଅନେକ ସମୟରେ ଆଦିବାସୀ ଉଚ୍ଚାରଣରେ 'ହ' କିମ୍ବା 'ଛ' ରେ ପରିଣତ ହୁଏ।

ଆଦିବାସୀ ଭାଷାର ଉଚ୍ଚାରଣ ଶୈଳୀ ଓ ସ୍ୱରରେ ଏକ ପ୍ରକାର ମଧୁର ସାଙ୍ଗୀତିକତା ରହିଥାଏ।

### ୩- ରୂପତତ୍ତ୍ୱ

ଓଡ଼ିଆ ଭାଷା ଏବଂ ଆଦିବାସୀ ଭାଷାଗୁଡ଼ିକ (ବିଶେଷ କରି ମୁଣ୍ଡା ଏବଂ ଦ୍ରାବିଡ଼ ଗୋଷ୍ଠୀ) ମଧ୍ୟରେ ରୂପତତ୍ତ୍ୱ ବା ଶବ୍ଦ ଗଠନ ପ୍ରକ୍ରିୟାକୁ ନେଇ ଏକ ଗଭୀର ସମ୍ପର୍କ ଓ ପାର୍ଥକ୍ୟ ପରିଲକ୍ଷିତ ହୁଏ। ଓଡ଼ିଆ ଭାଷା ଏକ ଆର୍ଯ୍ୟ ଭାଷା ହୋଇଥିଲେ ମଧ୍ୟ ଏହାର ରୂପତାତ୍ତ୍ୱିକ ଗଠନରେ ଆଦିବାସୀ ଭାଷାର ପ୍ରଭାବ ସ୍ପଷ୍ଟ। ମୁଣ୍ଡା ପରିବାରର ଭାଷାଗୁଡ଼ିକ (ଯେପରିକି ସନ୍ତାଳୀ, ହୋ) ମୁଖ୍ୟତଃ ଶ୍ଳେଷାତ୍ମକ। ଏଥିରେ ଗୋଟିଏ ମୂଳ ଶବ୍ଦ ସହିତ ଅନେକ ପ୍ରତ୍ୟୟ ଯୋଡ଼ି ଏକ ନୂତନ ରୂପ ପ୍ରଦାନ କରାଯାଏ। ଉଦାହରଣସ୍ୱରୂପ, ସାନ୍ତାଳୀ ଭାଷାରେ ଗୋଟିଏ ଶବ୍ଦ ମଧ୍ୟରେ କର୍ତ୍ତା, କର୍ମ ଓ କ୍ରିୟାର ସୂଚନା ରହିଥାଏ। ଓଡ଼ିଆ ଏକ 'ବିଭକ୍ତିଯୁକ୍ତ' ଭାଷା। ଏଠାରେ ଶବ୍ଦ ସହିତ ବିଭକ୍ତି ପ୍ରତ୍ୟୟ ଯୋଗ କରାଯାଏ (ଯଥା: ଘର + ରେ = ଘରରେ)। କିନ୍ତୁ ଓଡ଼ିଆରେ କେତେକ ସ୍ଥଳରେ ଆଦିବାସୀ ଶୈଳୀର ପ୍ରୟୋଗ ଦେଖିବାକୁ ମିଳେ। ଆଦିବାସୀ ଭାଷାରେ (ବିଶେଷ କରି ମୁଣ୍ଡା ଗୋଷ୍ଠୀ) ଏକବଚନ ଓ ବହୁବଚନ ବ୍ୟତୀତ 'ଦ୍ୱିବଚନ'ର ବ୍ୟବହାର ରହିଛି। ଓଡ଼ିଆରେ ଦ୍ୱିବଚନ ନାହିଁ, କିନ୍ତୁ ବହୁବଚନ ପାଇଁ ବ୍ୟବହୃତ ପ୍ରତ୍ୟୟ 'ଗୁଡ଼ାଏ', 'ଗୁଡ଼ିକ' ବା 'ଯାକ' ଆଦିବାସୀ ଭାଷାର ଗଠନ ଶୈଳୀ ସହ ସାମଞ୍ଜସ୍ୟ ରଖେ। କେତେକ ସ୍ଥଳରେ ଶବ୍ଦର ଦ୍ୱିରୁକ୍ତି ମାଧ୍ୟମରେ ବହୁତ୍ୱ ବୁଝାଯାଏ, ଯାହା ଆଦିବାସୀ ଭାଷାର ଏକ ପ୍ରମୁଖ ଲକ୍ଷଣ। ଆଦିବାସୀ ଭାଷାର କ୍ରିୟା ରୂପ ଅତ୍ୟନ୍ତ ଜଟିଳ। ଏଥିରେ କ୍ରିୟା ସହ ପୁରୁଷ ଏବଂ ସମୟର ଚିହ୍ନ ଏକାଠି ମିଶି ରହିଥାଏ। ଓଡ଼ିଆର କ୍ରିୟା ପଦରେ ପୁରୁଷ ଓ ବଚନ ଅନୁସାରେ ରୂପ ପରିବର୍ତ୍ତନ ହୁଏ (ଯଥା: ମୁଁ ଖାଉଛି, ସେ ଖାଉଛି)। ଓଡ଼ିଶାର ଦକ୍ଷିଣାଞ୍ଚଳରେ ବ୍ୟବହୃତ 'ଦେଶିଆ' ଓଡ଼ିଆରେ ଆଦିବାସୀ ଭାଷାର କ୍ରିୟା ରୂପର ସ୍ପଷ୍ଟ ପ୍ରଭାବ ଦେଖାଯାଏ।

### ୪- ସାମାଜିକ ଓ ସାଂସ୍କୃତିକ ଭୂମିକା

ଓଡ଼ିଆ ଭାଷା ସାମାଜିକ ଏକତାର ମୂଳ ଭୂମିକା ନିଭାଏ। ଏହା ଶିକ୍ଷା, ପ୍ରଶାସନ, ମାଧ୍ୟମ ଓ ସାହିତ୍ୟରେ ବ୍ୟାପକ ବ୍ୟବହୃତ। ଏହା ଓଡ଼ିଶାର ସମସ୍ତ ଲୋକଙ୍କୁ ଏକ ସାଧାରଣ ମଞ୍ଚରେ ଆଣେ। ଅନ୍ୟପଟେ, ଆଦିବାସୀ ଭାଷାଗୁଡ଼ିକ ଲୋକଜୀବନ ସହ ଗଭୀର ଭାବରେ ଜଡ଼ିତ। ଏହି ଭାଷାଗୁଡ଼ିକ ଜନଜାତିମାନଙ୍କର ପରମ୍ପରା, ରୀତି-ନୀତି, ଲୋକଗୀତ, ନୃତ୍ୟ ଓ ଆସ୍ଥାକୁ ପ୍ରକାଶ କରେ। ଏହି ଭାଷାଗୁଡ଼ିକ ସଂସ୍କୃତିର ସଞ୍ଚୟକାରୀ।

### ୫- ସମ୍ପର୍କ ଓ ପ୍ରଭାବ

ଓଡ଼ିଆ ଭାଷାର ଶବ୍ଦକୋଷ ଏବଂ ଉଚ୍ଚାରଣ ପ୍ରକ୍ରିୟାରେ ଆଦିବାସୀ ଭାଷାର ଅବଦାନ ଅତୁଳନୀୟ। ଓଡ଼ିଆ ଅଭିଧାନରେ ଥିବା ଅନେକ 'ଦେଶଜ' ଶବ୍ଦ ପ୍ରକୃତରେ ଆଦିବାସୀ ଭାଷାରୁ ଆସିଛି। ଉଦାହରଣ ସ୍ୱରୂପ: ଅଣ୍ଡି, ଚାଉଳ, କାଠି, ଲାଉ, ବେଭାର, ଇତ୍ୟାଦି ଶବ୍ଦଗୁଡ଼ିକ ମୁଣ୍ଡା ବା ଅନ୍ୟ ଆଦିବାସୀ ଭାଷାର ପ୍ରଭାବ ବୋଲି ଭାଷାବିତ୍‌ମାନେ ମତ ଦିଅନ୍ତି। ଓଡ଼ିଆ ସାହିତ୍ୟର ଆଦିପର୍ବରୁ ହିଁ ଆଦିବାସୀ ସଂସ୍କୃତି ଓ ଭାଷାର ଝଲକ ଦେଖିବାକୁ ମିଳେ। ଶୂଦ୍ରମୁନି ସାରଳା ଦାସ ତାଙ୍କ 'ମହାଭାରତ' ଗ୍ରନ୍ଥରେ ଶବର ସଂସ୍କୃତି ଓ ସେମାନଙ୍କ ଜୀବନଶୈଳୀର ବର୍ଣ୍ଣନା କରିଛନ୍ତି । ଗୋପୀନାଥ ମହାନ୍ତିଙ୍କ 'ପରଜା' ଓ 'ଅମୃତର ସନ୍ତାନ' ପରି କାଳଜୟୀ ଉପନ୍ୟାସରେ ଆଦିବାସୀ ଭାଷାର ଶବ୍ଦକୁ ଏତେ ନିପୁଣ ଭାବେ ବ୍ୟବହାର କରାଯାଇଛି ଯେ, ତାହା ଓଡ଼ିଆ ସାହିତ୍ୟକୁ ଏକ ନୂତନ ପରିଚୟ ଦେଇଛି। ଓଡ଼ିଶାର ପଶ୍ଚିମ ଓ ଦକ୍ଷିଣାଞ୍ଚଳରେ ଓଡ଼ିଆ କହିବା ଶୈଳୀରେ ସ୍ଥାନୀୟ ଆଦିବାସୀ ଭାଷାର ସ୍ୱର ସ୍ପଷ୍ଟ ବାରି ହୋଇପଡ଼େ।

ଓଡ଼ିଆ ଭାଷା ଏବଂ ଓଡ଼ିଶାର ବିଭିନ୍ନ ଆଦିବାସୀ ଭାଷା ମଧ୍ୟରେ ଥିବା ସମ୍ପର୍କ ଅତ୍ୟନ୍ତ ଗଭୀର ଏବଂ ଐତିହାସିକ। ଓଡ଼ିଶାର ସାଂସ୍କୃତିକ ପରିଚୟ ଏହି ଦୁଇ ଭାଷା ଗୋଷ୍ଠୀର ସମନ୍ୱୟରେ ଗଠିତ। ଭାଷା ସମୟ ଅନୁସାରେ ପରିବର୍ତ୍ତନଶୀଳ। ଏହା ଏକ ପ୍ରବହମାନ ନଦୀ ସଦୃଶ, ଯାହା ନିଜ ଗତିପଥରେ ନୂଆ ନୂଆ ଶବ୍ଦ ଆହରଣ କରେ ଏବଂ ପୁରାତନ ଶବ୍ଦଗୁଡ଼ିକୁ ପରିମାର୍ଜିତ କରେ। ଓଡ଼ିଆ ଭାଷା ମଧ୍ୟ ଏହିପରି ଭାବେ ସଂସ୍କୃତ, ପ୍ରାକୃତ ଏବଂ ଆଞ୍ଚଳିକ ଆଦିବାସୀ ଶବ୍ଦାବଳୀକୁ ନେଇ ସମୃଦ୍ଧ ହୋଇଛି । ଓଡ଼ିଆ ଭାଷା ରାଜ୍ୟର ସରକାରୀ ଭାଷା ହୋଇଥିବାରୁ ଏହା ଶିକ୍ଷା ଓ ପ୍ରଶାସନରେ ବ୍ୟବହାର ହେଉଛି। କିନ୍ତୁ ଏହା ଫଳରେ କିଛି ସମସ୍ୟା ମଧ୍ୟ ଦେଖାଦେଇଛି । ଯେମିତି- ଶିକ୍ଷା କ୍ଷେତ୍ରରେ ଓଡ଼ିଆର ପ୍ରାଧାନ୍ୟ ଯୋଗୁଁ ଆଦିବାସୀ ପିଲାମାନେ ନିଜ ମାତୃଭାଷାଠାରୁ ଦୂରେଇ ଯାଉଛନ୍ତି। ଅଧିକାଂଶ ଆଦିବାସୀ ଭାଷାର ନିଜସ୍ୱ ଲିପି ନାହିଁ (ସାନ୍ତାଳୀର 'ଓଲ୍ ଚିକି' ଓ ସଉରାର 'ସୋରାଙ୍ଗ ସୋମ୍ପେଙ୍ଗ' ଭଳି କିଛି ବ୍ୟତିକ୍ରମକୁ ଛାଡ଼ିଲେ)। ଏଣୁ ସେମାନଙ୍କୁ ଓଡ଼ିଆ ଲିପି ଉପରେ ନିର୍ଭର କରିବାକୁ ପଡ଼େ। ଯାହା ଫଳରେ ସେମାନେ

ନିଜର ପ୍ରକୃତ ଭାବକୁ ବ୍ୟକ୍ତ କରିବାରେ ବେଳେ ବେଳେ ଅସମର୍ଥ ହେଉଛନ୍ତି। କିନ୍ତୁ ବର୍ତ୍ତମାନ ଓଡ଼ିଶା ସରକାର MLE (Multi-lingual Education) କାର୍ଯ୍ୟକ୍ରମ ଜରିଆରେ ଆଦିବାସୀ ପିଲାମାନଙ୍କୁ ପ୍ରାଥମିକ ସ୍ତରରେ ସେମାନଙ୍କ ମାତୃଭାଷାରେ ଶିକ୍ଷା ଦେବା ପାଇଁ ପ୍ରୟାସ କରୁଛନ୍ତି। ଏଥିପାଇଁ ବିଭିନ୍ନ ଆଦିବାସୀ ଭାଷାରେ ପାଠ୍ୟପୁସ୍ତକ ଓ ଶବ୍ଦକୋଷ ମଧ୍ୟ ପ୍ରସ୍ତୁତ କରାଯାଉଛି।

ଉପସଂହାର -

ଓଡ଼ିଆ ଏବଂ ଆଦିବାସୀ ଭାଷା ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ। ଦୁହେଁ ଓଡ଼ିଶାର ଅମୂଲ୍ୟ ସମ୍ପଦ। ଯେତେବେଳେ ଗୋଟିଏ ଆଧୁନିକ ଓ ପ୍ରଶାସନିକ ଭୂମିକା ନିଭାଏ, ସେତେବେଳେ ଅନ୍ୟଟି ପ୍ରାଚୀନ ସଂସ୍କୃତିର ରକ୍ଷକ ସାଜେ। ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ଆଦିବାସୀ ଭାଷାଗୁଡ଼ିକର ସଂରକ୍ଷଣ ଏବଂ ବିକାଶ ଅତ୍ୟନ୍ତ ଜରୁରୀ। ଏହି ସମନ୍ୱୟ ହିଁ ଓଡ଼ିଶାର ବହୁଭାଷୀ ସଂସ୍କୃତିକୁ ଜୀବନ୍ତ ରଖିଛି। ଓଡ଼ିଆ ଭାଷା ଏକ ବୃକ୍ଷ ହେଲେ, ଆଦିବାସୀ ଭାଷାଗୁଡ଼ିକ ତା'ର ଚେର ସଦୃଶ। ଏହି ଦୁଇ ଭାଷାର ମିଶ୍ରଣରେ ହିଁ ଓଡ଼ିଶାର ଭାଷାତାତ୍ତ୍ୱିକ ସୌନ୍ଦର୍ଯ୍ୟ ଓ ଗାରିମା ପ୍ରତିଷ୍ଠିତ ହେବ ।

**ସହାୟକ ଗ୍ରନ୍ଥସୂଚୀ-**

୧- ମହାନ୍ତି, ଡ. ବଂଶୀଧର। ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ। ଫ୍ରେଣ୍ଡ୍ସ ପବ୍ଲିଶର୍ସ, କଟକ, ୧୯୭୦ ।

୨- ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି। ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୧୯୮୧ ।


୩- ସାହୁ, ଡ. ବସୁଦେବ । ଓଡ଼ିଆଭାଷାର ଉନ୍ମେଷ ଓ ବିକାଶ । ୪ର୍ଥ ସଂସ୍କରଣ, ଫ୍ରେଣ୍ଡ୍ସ ପବ୍ଲିଶର୍ସ, କଟକ, ୧୯୯୪ ।

୪-ହେମ୍ବ୍ରମ, ଡ. ଲିପି(ସଂ)। ଆଦିବାସୀ ସାହିତ୍ୟ ଓ ସଂସ୍କୃତି: ଏକ ସମାଜତାତ୍ତ୍ୱିକ ବିଶ୍ଳେଷଣ । ବିଶ୍ୱବିଦ୍ୟାଳୟ ଆୟୋଗ ସ୍ୱତନ୍ତ୍ର ଅନୁଦାନ ପ୍ରକଳ୍ପ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର, ୨୦୦୫ ।

୫- ମହାପାତ୍ର, ଡ. ଖଗେଶ୍ୱର। ଓଡ଼ିଆ ଲିପି ଓ ଆଦିବାସୀ ଭାଷା। ନିର୍ଦ୍ଦେଶକ, ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ ଓ ସର୍ବଶିକ୍ଷା ଅଭିଯାନ, ଭୁବନେଶ୍ୱର, ୨୦୦୮ ।

୬- ସାହୁ, ପ୍ର. ନାରାୟଣ(ସଂ)। ଓଡ଼ିଶାର ଆଦିବାସୀ: ଭାଷା ସାହିତ୍ୟ ସଂସ୍କୃତି । ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ, ୨୦୨୨।

# ପଞ୍ଚରା ପର୍ଯ୍ୟବେକ୍ଷଣ




## ଓଡ଼ିଶାରେ ଲୋକଧର୍ମର ପରମ୍ପରା

ଲେଖକ - ଡକ୍ଟର ଅରବିନ୍ଦ ପଟ୍ଟନାୟକ
ପ୍ରକାଶକ - ଭାରତ ଭାରତୀ, ଗଜପତି ନଗର, କାଞ୍ଚନ, ସୂତାହାଟ, କଟକ
ପ୍ରକାଶନ ବର୍ଷ - ଶ୍ରୀ ପଞ୍ଚମୀ - ୨୦୧୨
ପୃଷ୍ଠା ସଂଖ୍ୟା - ୫୯୨
ମୂଲ୍ୟ - ୭୦୦/-
ସମୀକ୍ଷକ - ଅମ୍ରିତା ଶତପଥୀ
ଅଧ୍ୟାପିକା , ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁର

ଆଶ୍ୱାସନାର ବିଷୟ ଲୋକସାହିତ୍ୟ, ସଂସ୍କୃତି ତଥା ଲୋକପରମ୍ପରା ଉପରେ ଆଲୋଚନା ପର୍ଯ୍ୟାଲୋଚନା ଅଧିକ ମାତ୍ରାରେ ହେଉଛି । ଅବଶ୍ୟ ଶତାବ୍ଦୀ ବ୍ୟାପୀ ଏହି ବିଷୟରେ ଗବେଷଣା ଚାଲିଛି, ମାତ୍ର ତାହା ପର୍ଯ୍ୟାପ୍ତ ମନେ ହୁଏ ନାହିଁ । ଏହି ସମୟ ଖଣ୍ଡ ମଧ୍ୟରେ କେତେକ ଉନ୍ନତ ମାନର ତଥା ଉପାଦେୟ ସମାଲୋଚନା ଗ୍ରନ୍ଥ ଏବଂ ସନ୍ଦର୍ଭ ଦୃଷ୍ଟିଗୋଚର ହୁଏ, ସେଥିମଧ୍ୟରୁ " ଓଡ଼ିଶାରେ ଲୋକଧର୍ମର ପରମ୍ପରା " ଗ୍ରନ୍ଥଟି ଅନେକ ପରିମାଣରେ ପରିମାର୍ଜିତ । ପାଠକଙ୍କ ପାଇଁ ତଥ୍ୟ ଓ ତତ୍ତ୍ୱ ସମ୍ବଳିତ ମଧ୍ୟ।

ବାସ୍ତବରେ ଏହି ଗ୍ରନ୍ଥଟି ଡକ୍ଟର ଅରବିନ୍ଦ ପଟ୍ଟନାୟକଙ୍କ ଗବେଷଣା ସନ୍ଦର୍ଭ । ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ମାର୍ଗ ଦର୍ଶନରେ ଏହି କାର୍ଯ୍ୟଟି ସୁସମ୍ପାଦିତ ଓ ପରବର୍ତ୍ତୀ ସମୟରେ ଡକ୍ଟର ଭାବଗ୍ରାହୀ ମିଶ୍ର (ଆଚାର୍ଯ୍ୟ ଭାବାନନ୍ଦ)ଙ୍କ ତତ୍ତ୍ୱାବଧାନରେ ପରିବର୍ଦ୍ଧିତ କଳେବରରେ ପୁସ୍ତକ ରୂପେ ପ୍ରକାଶିତ । ପୁସ୍ତକର ଅବତରଣିକାରେ ଲେଖକ କୁହନ୍ତି – "......ଓଡ଼ିଆ ହିନ୍ଦୁ ସମାଜରେ ଆଚରିତ ୬୮ଟି ଓଷା ବ୍ରତ ଏବଂ ୩୮ଟି ପର୍ବ ପର୍ବାଣି ଏହି ଅଧ୍ୟୟନର ଅନ୍ତର୍ଗତ। ଏହାକୁ ଘେନି ଏହି ସନ୍ଦର୍ଭରେ ଓଡ଼ିଆ ସଂସ୍କୃତିର ଏକ ଚିତ୍ତାକର୍ଷକ ଦିଗ ଉପରେ ଆଲୋକପାତ କରାଯାଇଛି । କୁଞ୍ଜବିହାରୀ ଦାଶଙ୍କ ମାର୍ଗଦର୍ଶନରେ ଦୀର୍ଘ ଦିନ ଧରି ଏ ଦିଗରେ ଅନୁସନ୍ଧାନ ଓ ଅଧ୍ୟୟନ କରାଯାଇଥିଲା । "

ଲୋକ ସାହିତ୍ୟର ବ୍ୟାପକ ପରିସର ବେଳେବେଳେ ଗବେଷକଙ୍କୁ, ଗବେଷଣାର ପରିଧିକୁ ସଙ୍କୁଚିତ କରିବାକୁ ବାଧ୍ୟ କରେ ; ମାତ୍ର ଡକ୍ଟର ପଟ୍ଟନାୟକଙ୍କ କ୍ଷେତ୍ରରେ ତାହା ବ୍ୟତିକ୍ରମ। ତାଙ୍କର ଆଲୋଚନାର ପଦ୍ଧତି ବ୍ୟାପକ ଓ ବିଶ୍ଳେଷଣାତ୍ମକ । ବିଭିନ୍ନ ପର୍ବ ପର୍ବାଣି ଓଷା ବ୍ରତ ଓ ଲୋକ ଦେବାଦେବୀ ଆଦି ଲୌକିକ ଉପାଦାନର ସେ କେବଳ ସଂଗ୍ରହ କରିନାହାନ୍ତି, ସୂକ୍ଷ୍ମ ଦୃଷ୍ଟି ସମ୍ପନ୍ନ ଚକ୍ଷୁରେ ପର୍ଯ୍ୟବେକ୍ଷଣ କରିଛନ୍ତି । ଯାହା ତାଂକୁ ଏକ ସଫଳ ସୁଗବେଷକର ପରିଚୟ ଦେଇଛି । ତାଙ୍କର ପରିଚୟ କେବଳ ଲୋକସାହିତ୍ୟର ଗବେଷକ ଭାବରେ ସୀମିତ ନୁହେଁ । ଏକାଧାରରେ ସେ ଜଣେ ସୃଜନଶୀଳ ଲେଖକ, ପ୍ରାଜ୍ଞ ପ୍ରାଧ୍ୟାପକ ଏବଂ ଓଡିଆ ଭାଷା, ସାହିତ୍ୟ ସଂସ୍କୃତି ଆଦିର ସଂରକ୍ଷକ ।

ଅୟନ୍ତାନ ( ଉପନ୍ୟାସ ), ସାରଥିର ଶପଥ (କବିତା), ହେ ଅତୀତ କଥା କହ ( ପ୍ରବନ୍ଧ ପୁସ୍ତକ), ପ୍ରବନ୍ଧରେ ନାନା କଥା (ପ୍ରବନ୍ଧ ପୁସ୍ତକ), ଠେଙ୍ଗୁଣି ଓ ଅନ୍ୟାନ୍ୟ ପ୍ରସଙ୍ଗ (ରମ୍ୟ ରଚନା), ଆମ ସ୍ୱାଧୀନତା ସଂଗ୍ରାମର କାହାଣୀ (ଶିଶୁ ସାହିତ୍ୟ), ତଥାପି ଏକା ଭଳି ( ଶିଶୁ ସାହିତ୍ୟ), ଖୁସିର ସାଥୀ, 'ଅ' ଠାରୁ 'କ୍ଷ', କାଉରୁ କଣ୍ଢେଇ ପ୍ରଭୃତି ଶିଶୁ ସାହିତ୍ୟ ସହିତ ଇଂରାଜୀରେ Horse Egg & other stories , Story of a little bird & uncle tiger ଭଳି ଶିଶୁ ସାହିତ୍ୟ ପୁସ୍ତକର ସ୍ରଷ୍ଟା । ଡକ୍ଟର ପଟ୍ଟନାୟକଙ୍କ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ହେଉଛି - 'ଲୋକ ସାହିତ୍ୟ (୨୦୦୬)' ଏବଂ ଓଡିଆ ସାହିତ୍ୟ ଏକାଡେମୀଦ୍ୱାରା ପ୍ରକାଶିତ 'ବ୍ରତ ସାହିତ୍ୟ' (୨୦୦୮) । ଏହି ଗ୍ରନ୍ଥ ଗୁଡ଼ିକୁ ଅନୁଧ୍ୟାନ କରିଲେ, ଲେଖକଙ୍କର ଯେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିରେ ଗଭୀର ଦଖଲ ରହିଛି, ତାହା ବାରି ହୋଇ ପଡ଼େ।

ଆଲୋଚ୍ୟ ଗ୍ରନ୍ଥଟିର କଳେବର ୫୯୨ ପୃଷ୍ଠାରେ ପରିକଳ୍ପିତ । ଯହିଁରେ ୭ଟି ଅଧ୍ୟାୟ ସ୍ଥାନିତ । ପ୍ରଥମ ଅଧ୍ୟାୟରେ ପୂର୍ବରୁ ହୋଇଥିବା କେତେକ ଉଲ୍ଲେଖ ଯୋଗ୍ୟ ଗବେଷଣା ଓ ଗବେଷକଙ୍କ ବିଷୟରେ ଆଲୋଚନା ହୋଇଛି ଏବଂ ଶେଷରେ ଏହି ପୁସ୍ତକର ଆଭିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ ସମ୍ୟକ ସୂଚନା ରହିଛି । ଡକ୍ଟର ପଟ୍ଟନାୟକ ଅଧ୍ୟାୟଟିର ନାମ ଦେଇଛନ୍ତି

"ପୂର୍ବସୂରି: ଗବେଷକ ଓ ଗବେଷଣା" । ଏହି ଅଧ୍ୟାୟରେ ପରିବେଷ୍ଟିତ ତଥ୍ୟ ଗବେଷକ ତଥା ଛାତ୍ର ଛାତ୍ରୀଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ ଅଟେ ।

"ଲୋକଧର୍ମର ପରିଚୟ ଓ ପୃଷ୍ଠଭୂମି" ଶୀର୍ଷକରେ ଏହି ପୁସ୍ତକର ଦ୍ୱିତୀୟ ଅଧ୍ୟାୟଟି ନାମିତ । ସେଥିରେ ଓଷା, ବ୍ରତ ଓ ପର୍ବ ପର୍ବାଣି ଭାବରେ ତିନୋଟି ଉପଅଧ୍ୟାୟ ରହିଛି। ଯେଉଁଥିରେ ଓଷାବ୍ରତ, ପର୍ବପର୍ବାଣି, ଯାନିଯାତ୍ରା, ପୂଜାପାର୍ବଣ ଆଦିର ସଂଜ୍ଞା, ସ୍ୱରୂପ ଓ ଉତ୍ପତ୍ତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ସଂସ୍କୃତ, ହିନ୍ଦୀ, ବଙ୍ଗଳା, ଅସମୀୟା, ତେଲଗୁ  ଆଦି ଭାଷାର ଲୋକ ଉପାଦାନଗୁଡ଼ିକୁ ସଂଗ୍ରହ କରି ତନ୍ମଧ୍ୟରେ ପାର୍ଥକ୍ୟ ଓ ସାମଞ୍ଜସ୍ୟର ବିଶ୍ଳେଷଣ କରାଯାଇଛି। ଉଦାହରଣ ସ୍ୱରୂପ- ଲେଖକ କଟକର ବାଲିଯାତ୍ରା ସହିତ, କୋରାପୁଟର ଜୟପୁର ଓ ରାମଜରି ପ୍ରଭୃତି ଅଞ୍ଚଳରେ ବାଲିଯାତ୍ରା, ଆସାମର ବରୋମାନଙ୍କ କଦଳୀ ପଟୁକା ଡଙ୍ଗାରେ ଦୀପ ଜାଳି ଭସାଇବା, ବାଲି ଦ୍ୱୀପର ଲୟକ୍ରାଥିଙ୍ଗ ପର୍ବରେ ଡଙ୍ଗା ଭସାଇବା ଆଦି ବିଧିର ତୁଳନାତ୍ମକ ଆଲେଚନା କରାଯାଇଛି, ଯାହା ଏହି ସାଂସ୍କୃତିକ ପର୍ବର ମୂଳରୂପ ଉଦ୍‌ଘାଟିତ କରିବାରେ ସହାୟ ହୋଇଛି। ସାମଗ୍ରିକ ଭାବରେ ଏହି ଅଧ୍ୟାୟରେ ବିଭିନ୍ନ ପର୍ବ ପର୍ବାଣି ଓଷା ବ୍ରତ ଓ ଯାନିଯାତ୍ରାର ପରିଚୟ ଓ ପୃଷଭୂମି ସମ୍ପର୍କରେ ସୂଚନା ଦିଆଯାଇଛି।

" ଶାସ୍ତ୍ରୀୟ ଓ ଲୋକ ମାନସରେ ଦେବାଦେବୀଙ୍କର ରୂପ ଓ ରୂପାନ୍ତର" ନାମ୍ନୀ ତୃତୀୟ ଅଧ୍ୟାୟରେ ପ୍ରାଗବୈଦିକରୁ ଆରମ୍ଭ କରି ଲୋକ ପରମ୍ପରା ସହିତ ଜଡ଼ିତ ବିଭିନ୍ନ ଦେବ ଦେବୀ, ଯଥା- ଇନ୍ଦ୍ର, ବରୁଣ, ରୁଦ୍ର, ଟୁସୁ,ସଂତୋଷୀ  ମାଆ, କରମସାନି, ବାପ ସାଆନ୍ତ, ମଙ୍ଗଳା , ବାଶୁଳୀ, ଜାଗୁଳେଇ , ବୁଧେଇ  ଇତ୍ୟାଦିଙ୍କ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି । ତଦ୍‌ସହିତ ଓଡ଼ିଶାର ସାମାଜିକ, ଧାର୍ମିକ, ତଥା ପାରମ୍ପରିକ ଦୃଷ୍ଟିରୁ ସେମାନଙ୍କ ସ୍ଥାନ ସମ୍ପର୍କରେ ସୂଚନା ଦିଆଯାଇଛି।  "ଲୋକାଚାରରେ ଓଷା ବ୍ରତ କଥା" ଏହି ପୁସ୍ତକର ଏକ ଗୁରୁତ୍ୱ ପୂର୍ଣ୍ଣ ଅଧ୍ୟାୟ । ଯାହା ଚତୁର୍ଥ ଅଧ୍ୟାୟ ସ୍ଥାନରେ ସ୍ଥାନିତ । ଏଥିରେ ଲେଖକଙ୍କଦ୍ୱାରା ସଂଗୃହିତ ଅନେକଗୁଡ଼ିଏ ବ୍ରତ କଥା ଏବଂ ବିଭିନ୍ନ ଦେବ ଦେବୀଙ୍କୁ କେନ୍ଦ୍ର କରି ଗଢ଼ିଉଠିଥିବା ପ୍ରଥା ପରମ୍ପରା, ଲୋକ କାହାଣୀ ଓ ଉପାଖ୍ୟାନର ବର୍ଣ୍ଣନା କରାଯାଇଛି। ଉଦାହରଣ ସ୍ୱରୂପ - ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ମାଆମାନେ, ପୌଷ କୃଷ୍ଣ ତୃତୀୟା ଦିନ 'ଦାଣ୍ଡ ପହଁରା' ଓଷା ପାଳନ କରନ୍ତି । ଯେଉଁଥିରେ କୌଣସି ପୌରାଣିକତା ଲକ୍ଷ୍ୟ କରାଯାଏ ନାହିଁ । ଏହା ଏକ ଲୋକ କାହାଣୀକୁ ଆଧାର କରି ସୃଷ୍ଟି ଏବଂ ଏହି ଓଷାର ଉପାସ୍ୟ ଦେବତା ହେଉଛନ୍ତି 'ହରିହର କୁମର'।

'ପ୍ରମୁଖ ପର୍ବ ପର୍ବାଣୀ' ଏହି ପୁସ୍ତକର ପଞ୍ଚମ ଅଧ୍ୟାୟ। ସୌର- ଚନ୍ଦ୍ର ପ୍ରାଧାନ୍ୟ ଥିବା ଓଡ଼ିଶାର ଜନଜୀବନରେ, ଲୋକ ଦେବାଦେବୀଙ୍କ ଉପାସନା ଏବଂ ତାଂକୁ ନେଇ ପାଳିତ ପର୍ବପର୍ବାଣୀ, ତାହାର ଉଦ୍ଦେଶ୍ୟ, ପଶ୍ଚାତ ଭାଗରେ ଥିବା କେନ୍ଦ୍ରୀୟ କାରଣଗୁଡ଼ିକର ବିଶଦ ବିବରଣୀ ଏହି ଅଧ୍ୟାୟରେ  ରହିଛି । ଉଦାହରଣ ଭାବରେ ଗଞ୍ଜାମ ଜିଲ୍ଲାର ଆଞ୍ଚଳିକ ଲୋକପର୍ବ " ଓଷା କୋଠ" ପର୍ବକୁ ନିଆ ଯାଇପାରେ । ଶେରଗଡ଼, ଦିଗ ପହଣ୍ଡି ଓ ତା'ର ନିକଟବର୍ତ୍ତୀ ଅଞ୍ଚଳରେ, ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ ସନ୍ଧ୍ୟାରୁ ନିଶାର୍ଦ୍ଧ ଯାଏ ,ଏହି ପର୍ବ ଅନୁଷ୍ଠିତ ହୁଏ। ସାଧାରଣତଃ  ହାଡ଼ି, ଡମ ପ୍ରଭୃତି ଲୋକମାନଙ୍କର ଏହା ଏକ ସ୍ୱତନ୍ତ୍ର ପର୍ବ । ଲେଖକ ଏହି ପର୍ବର ଉତ୍ପତ୍ତି ଏବଂ ଏହାର ସାମାଜିକ ପ୍ରାସଙ୍ଗିକତା ଓ ଏହାକୁ ନେଇ ଗଢ଼ି ଉଠିଥିବା ପୌରାଣିକ ତଥା ଲୌକିକ କିମ୍ବଦନ୍ତୀଗୁଡ଼ିକୁ ବିଶ୍ଳେଷଣ କରି ଅନେକ ତଥ୍ୟ ପ୍ରଦାନ କରିଛନ୍ତି । ସେହିପରି ପେଇ ଅମାବାସ୍ୟା ( ଦୀପାବଳୀ),ରଜ, ଦୋଳ, ଗଜଲକ୍ଷ୍ମୀ ପୂଜା, ଛତର୍  ଯାତ୍ରା, ଚାଙ୍ଗୁଡ଼ା ବୁଡ଼ା, ବାଲି ଡିହା ଇତ୍ୟାଦି ପର୍ବପର୍ବାଣୀର ବିଧି ବିଧାନ, ଇତିହାସ ଅତି ସୂକ୍ଷ୍ମ ଭାବରେ ବିଚାର ଆଉ ବର୍ଣ୍ଣନା କରାଯାଇଛି।

ଓଡ଼ିଶାରେ ପ୍ରଚଳିତ ଓଷା ବ୍ରତ ଓ ପର୍ବ ପର୍ବାଣିଗୁଡ଼ିକ ବହୁ ଭାବରେ ଦେବାଦେବୀ କୈନ୍ଦ୍ରିକ । ଏହି ଦେବାଦେବୀମାନେ ନିର୍ଦ୍ଦିଷ୍ଟ ସମୟ, ବାର, ତିଥି କ୍ରମରେ ବିଭିନ୍ନ ପଦ୍ଧତିରେ ପୂଜା ପାଆନ୍ତି। ଏହା କିପରି  ଓଡ଼ିଶାର ସାମାଜିକ ଓ ପାରିବାରିକ ଜୀବନକୁ ପ୍ରତିଫଳିତ କରେ ଏବଂ ସେହି ପୂଜନ ତଥା ପର୍ବ ପର୍ବାଣିର ପ୍ରଭାବ ଓ ପରିଣତି ସମ୍ପର୍କରେ ଉପରୋକ୍ତ ଅଧ୍ୟାୟ ଦୁଇଟିରେ ଆଲୋଚନା କରା ଯାଇଛି । " ଭାରତୀୟ ସଂସ୍କୃତିର ପୃଷ୍ଠଭୂମିରେ ଓଡ଼ିଶାର ଲୋକଧର୍ମ" ଶୀର୍ଷକଟି ପୁସ୍ତକର ଷଷ୍ଠ ଅଧ୍ୟାୟ ଅଟେ। ଏହି ଅଧ୍ୟାୟରେ ସର୍ବ ଭାରତୀୟ ସ୍ତରରେ ଓଡ଼ିଶାର ସାଂସ୍କୃତିକ ପୃଷ୍ଠଭୂମିର ତୁଳନାତ୍ମକ ଆଲୋଚନା କରାଯାଇଛି। ପରିଶେଷରେ ସପ୍ତମ ଅଧ୍ୟାୟଟି " ଉପସଂହାର" ଭାବରେ ସ୍ଥାନିତ । ଯେଉଁଥିରେ ଡକ୍ଟର ଅରବିନ୍ଦ ପଟ୍ଟନାୟକ ଗବେଷଣାର ଉଦ୍ଦେଶ୍ୟ, ପରିଣତି ଓ ଭବିଷ୍ୟତର ସମ୍ଭାବନାକୁ ଉତ୍ତମ ରୂପେ ସୂଚିତ କରିଛନ୍ତି ।

ମୌଳିକ ତଥ୍ୟ ତଥା ତତ୍ତ୍ୱ ଦ୍ୱାରା ବିଶ୍ଳେଷିତ ସମଗ୍ର ଗ୍ରନ୍ଥଟି ଏକ ଉତ୍କୃଷ୍ଟ ଗବେଷଣା ଆଲେଖ୍ୟ ଭାବରେ ଦଣ୍ଡାୟମାନ। ଯାହା ଉତ୍ତର ପିଢ଼ିର ଗବେଷକଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ପୁସ୍ତକ ଭାବେ ବିବେଚିତ ହେବାର ଆଶା କରାଯାଏ । ଏହା ଏକ ଗବେଷଣାତ୍ମକ ନିବନ୍ଧ ହୋଇଥିଲେ ହେଁ ସାବଲୀଳ ପ୍ରକାଶଭଙ୍ଗୀ ପୁସ୍ତକଟିକୁ ସୁଖପାଠ୍ୟ କରିଛି । ପ୍ରତ୍ୟେକ ଅଧ୍ୟାୟରେ ପ୍ରତିଫଳିତ ହୋଇଛି ଗବେଷକଙ୍କର ତୀକ୍ଷ୍ଣ ତତ୍ତ୍ୱାନୁସନ୍ଧି ଦୃଷ୍ଟି  ଏବଂ ତଥ୍ୟ ପ୍ରତି ସ୍ୱଷ୍ଟବାଦୀ  ନୀତି। କେତେଗୁଡ଼ିଏ ଝୋଟି, ଚିତା, ବନ୍ଧ, ମଣ୍ଡଳ ଓ କାନ୍ଥରେ ଅଙ୍କିତ ଚିତ୍ର ଆଦିର ଫଟୋ ପୁସ୍ତକର ମଧ୍ୟ ଭାଗରେ ସଂଯୋଜିତ। ସେହି ଫଟୋର ନିମ୍ନରେ ଚିତ୍ରର ନାମ ଆଉ ସ୍ଥାନ ନିର୍ଦ୍ଦେଶିତ । ଯାହା ଲେଖକଙ୍କ ଗବେଷଣା ସମୟର କ୍ଷେତ୍ରଅଧ୍ୟୟନର ପରିଚାୟକ । ପରିଶେଷରେ ଏତିକି କୁହାଯାଇପାରିବ, ଏହା ଏକ ନିରୁତା ଗବେଷଣା ନିବନ୍ଧ ହୋଇଥିଲେ ହେଁ ସ୍ୱତନ୍ତ୍ର ଉପସ୍ଥାପନା ଶୈଳୀ ମାଧ୍ୟମରେ  ତଥ୍ୟ ଗୁମ୍ଫନର କାଳରେ, ପୁସ୍ତକଟି ଅଦ୍ୱିତୀୟ। ସର୍ବୋପରି ଓଡ଼ିଶାର ସାଂସ୍କୃତିକ ତଥା ପାରମ୍ପରିକ ପରିମଣ୍ଡଳର କେନ୍ଦ୍ରବିନ୍ଦୁ ଥିବା ଲୋକଧର୍ମ ଉପରେ ପର୍ଯ୍ୟବେଶିତ ପ୍ରାମାଣିକ ପୁସ୍ତକ ।

ପତ୍ରିକାର ବିଭିନ୍ନ ପୃଷ୍ଠାରେ ବିଜ୍ଞାପନ ପ୍ରଦାନ ପାଇଁ ହ୍ୱାଟ୍ସଆପ୍ ସଂଖ୍ୟା
- ୭୯୯୧୦୬୬୭୭୨ ମାଧ୍ୟମରେ ଯୋଗାଯୋଗ କରନ୍ତୁ ।

Scan this QR code to visit
our Website.

The Panchara II Volume No - 01 Issue No - 01
A Half-Yearly Odia Folk Literary Rersearch Journal
www.pancharamagazine.com

At - Sahupada , PO- Manupali , District - Boudh
Subash Chandra Bhoi